- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ◆VOLUME- 43 ◆ISSUE-68 ◆MONDAY ◆1 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୬୮ ◆ସୋମବାର ◆୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





ଓଡ଼ିଶା ପ୍ରୋ ଟି-୨୦

## ବ୍ରେଟ୍ ଲି, ଦେବାଶିଷ ବ୍ରାଣ୍ଡ ଆମ୍ବାସାଡର୍

■ **କଟକ, ୩୧।୮ (ସମିସ):** ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୫ ତାରିଖରୁ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ୍) ର ପ୍ରଥମ ସଂସ୍କରଣ

ଖେଳାଯିବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଏହି ଫ୍ରାଞ୍ଚାଇଜଭିତ୍ତିକ ଟି-୨୦ ଲିଗ୍ ଆୟୋଜନ କରିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ଲାଗି ମହାନ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ବ୍ରେଟ୍ ଲି ଓ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ମହାନ୍ତି ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ପୁରୀରେ ରବିବାର ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବ୍ରେଟ୍ ଲି'ଙ୍କ ଭଳି କିମ୍ବଦନ୍ତୀ କ୍ରିକେଟର୍‌ଙ୍କୁ ଆମ୍ବାସାଡର ନିଯୁକ୍ତ କରିବା ପରେ ଦେଶରେ ବିଭିନ୍ନ ରାଜ୍ୟରେ ଆୟୋଜିତ ହେଉଥିବା ଅନ୍ୟ ଲିଗ୍ ଭଳି ଏହାର ଗୁରୁତ୍ୱ ବେଶ୍ ବଢ଼ିବ ବୋଲି ଆଶା କରାଯାଉଛି। ୪୮ ବର୍ଷୀୟ ଲି ମଧ୍ୟ ଏହି ଲିଗ୍‌ର ସ୍ୱତନ୍ତ୍ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି।

ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍‌ରେ ୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଦିନ ୨ଟି ଲେଖାଏ ମ୍ୟାଚ୍ ଖେଳାଯିବ। ଆରିଭା ସ୍ପୋର୍ଟ୍ସ ଏହି ଲିଗ୍‌ର ପ୍ରାୟୋଜକ ରହିଛି। ସମସ୍ତ ମ୍ୟାଚ୍ ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କରେ ସିଧାପ୍ରସାରଣ କରାଯିବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଅଂଶଗ୍ରହଣକାରୀ ୬ଟି ଦଳ ସେପ୍ଟେମ୍ବର ୩ରେ ଖେଳାଳି କ୍ରୟ କରିବେ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କିଣାଯିବ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି।

## ବାଣ କାରଖାନାରେ ବିସ୍ଫୋରଣ; ୪ ମୃତ



**ମାଳିକ ଓ ପତ୍ନୀ ମୃତ**

■ **ଲକ୍ଷ୍ନୌ, ୩୧।୮ (ଏଜେନ୍ସି):** ରବିବାର ସକାଳେ ଲକ୍ଷ୍ନୌର ଗୁଡମ୍ବା ଥାନା ଅଞ୍ଚଳର ବେହଟା ଗାଁରେ ଏକ ବେଆଇନ୍ ବାଣ କାରଖାନାରେ ବିସ୍ଫୋରଣ ଘଟି ୪ ଜଣ ପ୍ରାଣ ହରାଇଛନ୍ତି। ଏହି ପ୍ରଚଣ୍ଡ ବିସ୍ଫୋରଣରେ ପୂରା କୋଠା ଉଡିଯିବା ସହ ପାଖରେ ଥିବା ଦୁଇଟି ଘର ମଧ୍ୟ ଭୁଶୁଡି ପଡିଛି। ଆଉ କିଛି ଲୋକ ଆବର୍ଜନା ତଥା ଧ୍ୱଂସାବଶେଷ ତଳେ ଦବି ରହିଥିବା କୁହାଯାଉଛି। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ଏଥିରେ କାରଖାନାର ମାଲିକ ଓ ତାଙ୍କ ପତ୍ନୀ ମୃତ୍ୟୁବରଣ କରିଛନ୍ତି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଗୁରୁତରଭାବେ ଆହତ ହୋଇଥିବା ଅନ୍ୟ ଦୁଇଜଣଙ୍କୁ କେଜିଏମ୍‌ୟୁ ଟ୍ରମା ସେଣ୍ଟରରେ ଚିକିତ୍ସା କରାଯାଉଛି। ସେମାନଙ୍କ ଶରୀର ପ୍ରାୟ ୭୦ ପ୍ରତିଶତ ଜଳିଯାଇଛି। ଫୋରେନସିକ ଟିମ୍ ଘଟଣାସ୍ଥଳରୁ ନମୁନା ସଂଗ୍ରହ କରିବା ସହ ପୁଲିସ ତଦନ୍ତ ଜାରି ରଖିଛି।

# ମାନବତା ପାଇଁ ଭାରତ-ଚୀନ୍ ସମ୍ବନ୍ଧ

## ଆତଙ୍କବାଦ ବିରୋଧୀ ଲଢ଼େଇରେ ସହଯୋଗ ମାଗିଲେ ମୋଦୀ

■ **ବେଜିଂ, ୩୧।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ୭ ବର୍ଷ ପରେ ବେଜିଂରେ ପହଞ୍ଚିଛନ୍ତି। ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜବୁତ କରିବା ପାଇଁ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀ ପୂର୍ବରୁ ଟିଆନଜିନରେ ସେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୫୦ ମିନିଟ ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ଏହା ଦୁଇ ଦେଶର ସମ୍ବନ୍ଧକୁ ନୂଆ ଦିଗ ଦେବ ବୋଲି କୁହାଯାଉଛି। ଭାରତ ଏବଂ ଚୀନ୍ ମଧ୍ୟରେ ସିଧାସଳଖ ବିମାନ ଉଡ଼ାଣ, କୈଳାସ ମାନସରୋବର ଯାତ୍ରା, ସୀମାପାର ବାଣିଜ୍ୟ କାରବାର ପୁଣିଥରେ ଆରମ୍ଭ କରିବା ପାଇଁ ସହମତି ପ୍ରକାଶ ପାଇଛି। ମୋଦୀ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବୈଶ୍ୱିକ ସମସ୍ୟା ବିଷୟରେ ଆଲୋଚନା କରି ଆତଙ୍କବାଦର ପ୍ରସଙ୍ଗ ଉଠାଇ ଥିଲେ। ଏହାକୁ ବିଶ୍ୱ ସମସ୍ୟା କହିଥିଲେ। ଆତଙ୍କବାଦର ମୁକାବିଲା ପାଇଁ ସେ ଜିନପିଙ୍ଗଙ୍କୁ ସହଯୋଗ ମାଗିଥିଲେ। ଚୀନ୍ ରାଷ୍ଟ୍ରପତି ମଧ୍ୟ ସହଯୋଗ କରିବେ ବୋଲି କହିଥିଲେ। ୨୦୨୬ରେ ଭାରତରେ ଆୟୋଜିତ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପାଇଁ ମଧ୍ୟ ମୋଦୀ ତାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଥିଲେ ଯେ ଭାରତ ଏବଂ ଚୀନ୍ ସମ୍ବନ୍ଧ ▶ପୃଷ୍ଠା-୭



**୨.୮ ବିଲିୟନ ଲୋକଙ୍କ ହିତରେ ଭାରତ, ଚୀନ୍ ସମ୍ବନ୍ଧ: ମୋଦୀ**

- ମୋଦୀ-ଜିନପିଙ୍ଗ ୫୦ ମିନିଟ ଧରି ଆଲୋଚନା
- ଭାରତ ଆସିବାକୁ ଚୀନ୍ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ
- ଏସ୍‌ସିଓ ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ
- ଏର୍ଦୋଗାନ ଓ ଶାହବାଜଙ୍କୁ ଏଡ଼ାଇ ଗଲେ

**ଡ୍ରାଗନ ଓ ହାତୀ ଏକାଠି ହେବାର ସମୟ: ଜିନପିଙ୍ଗ**

କୂଟନୀତିର ନୂଆ ଅଧ୍ୟାୟ

## ଏସ୍‌ସିଓ ଶିଖର ମଞ୍ଚରେ ମୋଦୀ-ପୁଟିନ-ଜିନ୍‌ପିଙ୍ଗ

■ **ବେଜିଂ, ୩୧।୮ (ଏଜେନ୍ସି):** ଚୀନ୍‌ର ତିୟାନଜିନରେ ଅନୁଷ୍ଠିତ ଏସ୍‌ସିଓ ସମ୍ମିଳନୀରେ କୂଟନୀତିର ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଜବାବୀ ଶୁଳ୍କ ଧମକ ଦେଇ ସାରା ବିଶ୍ୱରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ଥିରତା ସୃଷ୍ଟି କରିଥିବାବେଳେ ଗୋଟିଏ ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଦେଖିବାକୁ ମିଳିଛି। ଗ୍ରୁପ୍ ଫଟୋ ସେସନ ସମୟରେ ଏସ୍‌ସିଓର ସବୁ ସଦସ୍ୟ ଗୋଟିଏ ମଞ୍ଚରେ ଉପସ୍ଥିତ ଥିଲେ। ଏଠାରେ ମୋଦୀ ପହଞ୍ଚିବା ପରେ ଜିନ୍‌ପିଙ୍ଗ ନିଜ ପତ୍ନୀ ପେଙ୍ଗ ଲିୟୁନଙ୍କ ସହିତ ତାଙ୍କୁ ସ୍ୱାଗତ କରିଥିଲେ। ଫଟୋ ଉଠାଇବା ପରେ ଦମ୍ପତିଙ୍କ ସହ ମୋଦୀ ହାତ ମିଳାଇ ଥିଲେ। ଏହା ପରେ ମୋଦୀ ରୁଷ ରାଷ୍ଟ୍ରପତି ଏବଂ ଅନ୍ୟ ନେତାମାନଙ୍କ ସହ ଫଟୋ ଉଠାଇଥିଲେ। ଅନ୍ୟ ନେତାମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ନୈଶଭୋଜିର ଆୟୋଜନ କରି ଆନୁଷ୍ଠାନିକ ଭାବେ ଜିନପିଙ୍ଗ ଏସ୍‌ସିଓ ଶିଖର ସମ୍ମିଳନୀ ଆରମ୍ଭ କରିଥିଲେ। ▶ପୃଷ୍ଠା-୭

ଦାନା ବାନ୍ଧୁଛି ଲଘୁଚାପ

## ଆଜିଠୁ ବଢ଼ିବ ବର୍ଷା

■ **ଭୁବନେଶ୍ୱର, ୩୧।୮ (ସମିସ):** ରାଜ୍ୟରେ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଭିନ୍ନ ଭିନ୍ନ ସ୍ଥାନରେ ପର୍ଯ୍ୟାୟ କ୍ରମେ ବର୍ଷା ଅନୁଭୂତ ହେବ। ଦୁଇ ତିନି ଦିନର ବ୍ରେକ୍ ପରେ ପୁଣି ବର୍ଷା ଆରମ୍ଭ ହେବ। ଆଗକୁ ଯୋଡ଼ି ଲଘୁଚାପର ସମ୍ଭାବନା ଥିବାରୁ ଏଭଳି ବର୍ଷା ନେଇ ଆକଳନ କରାଯାଉଛି। ବର୍ଷାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲା ପାଇଁ ସତର୍କ ସୂଚନା ମଧ୍ୟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୨ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ସୋମବାରଠାରୁ ବର୍ଷାର ପ୍ରଭାବ ଆହୁରି ବଢ଼ିବା ସହ ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ନେଇ କେନ୍ଦ୍ର ଆକଳନ କରିଛି।



ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରବିବାର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମ୍ଭବତଃ ସୋମବାର କିମ୍ବା ମଙ୍ଗଳବାର ସୁଦ୍ଧା ଏକ ଲଘୁଚାପ ହୋଇ ଦକ୍ଷିଣ ଓଡ଼ିଶା ଏବଂ ସଂଲଗ୍ନ ଆନ୍ଧ୍ର ଉପକୂଳ ବଙ୍ଗୋପସାଗରରେ ରହିବ। ଏହା ତିନିଦିନ ପର୍ଯ୍ୟନ୍ତ ସେହି ସ୍ଥାନରେ ରହିବା ସହ ସେପ୍ଟେମ୍ବର ୪ରେ କିଛି ଦୁର୍ବଳ ହୋଇ ୫-୬ରେ ଓଡ଼ିଶା ଉପକୂଳ ନିକଟତର ହେବ। ଆକଳନ କରାଯାଉଛି ଯେ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରୁ ସମ୍ବଲପୁର ସଂଯୋଗ କରୁଥିବା ସରଳରେଖାର ଦକ୍ଷିଣରେ ବର୍ଷା ହେବ। ଅବିଭକ୍ତ କୋରାପୁଟ, ▶ପୃଷ୍ଠା-୭

ମହାନଦୀ ଜଳବିବାଦ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ

## ନବୀନଙ୍କ ପ୍ରସ୍ତାବରେ ଏକମତ ମନମୋହନ

■ **ଭୁବନେଶ୍ୱର, ୩୧।୮ (ସମିସ):** ମହାନଦୀ ଜଳବିବାଦ ମାମଲା ପ୍ରସଙ୍ଗରେ ସବଦଳୀୟ ବୈଠକ ନିମନ୍ତେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଦେଇଥିବା ପ୍ରସ୍ତାବରେ ସହମତ ହୋଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ରବିବାର ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରପ୍ରଦାନ ଅବସରରେ ଶ୍ରୀ ସାମଲ ମହାନଦୀ ପ୍ରସଙ୍ଗରେ ସବୁ ରାଜନୈତିକ ଦଳକୁ ଏକାଠି ହେବାକୁ ଆହ୍ୱାନ ଦେବା ସହ ଆମେ ସବୁ ରାଜନୈତିକ ଦଳକୁ ଆହ୍ୱାନ କରିବୁ ଓ ସମସ୍ତେ ଏକାଠି ବସନ୍ତୁ ଓ ଏକାଠି କାମ କରନ୍ତୁ ବୋଲି କହିଛନ୍ତି ।



**ଆଲୋଚନାରେ ଅଂଶୀଦାରଙ୍କୁ ସାମିଲ କରିବାକୁ ଦାବି**

ମହାନଦୀ ଜଳ ବିବାଦ ମାମଲାରେ ରାଜ୍ୟ ସରକାର ଛତିଶଗଡ଼ ସହ ଆପୋସ ସମାଧାନ ଚାହୁଁଛନ୍ତି। ଏନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ଆସନ୍ତା ସେପ୍ଟେମ୍ବରରୁ ସାପ୍ତାହିକ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏହାପରେ ସଚିବସ୍ତରୀୟ ଓ ଡ଼ିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକାଠି ବୈଠକ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ। ମାତ୍ର ଛତିଶଗଡ଼ ସହ ବୈଠକକୁ ନେଇ ରାଜ୍ୟ ସରକାର ଉତ୍ସାହିତ ଥିବାବେଳେ ଆପୋସ ସମାଧାନର ସର୍ତ୍ତାବଳୀ କଣ ତାହା କିନ୍ତୁ ସାର୍ବଜନୀନ କରୁନାହାନ୍ତି। ଯାହାକୁ ନେଇ ଗତ ଜୁଲାଇ ମାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ମହାନଦୀ କେବଳ ଏକ ନଦୀ ନୁହେଁ; ଓଡ଼ିଶାର ଆତ୍ମା ବୋଲି ଉଲ୍ଲେଖ କରି ଉଭୟ ▶ପୃଷ୍ଠା-୭

ଉପହାର ପାଇଁ କଳି

## ସ୍ତ୍ରୀ-ଶାଶୂଙ୍କୁ ହତ୍ୟା

■ **ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି):** ପୁଅର ଜନ୍ମଦିନ ଉପହାରକୁ ନେଇ ଦିଲ୍ଲୀର କେଏନ୍ କାଟଜୁ ଅଞ୍ଚଳରେ ଏକ ବଡ଼ ଅଘଟଣ ଘଟିଛି। ଯୋଗେସ ସହଗଲ ନାମକ ଜଣେ ବ୍ୟକ୍ତି ପୁଅ ଜନ୍ମଦିନ ଉପହାରକୁ ନେଇ ଯୁକ୍ତିତର୍କ ହେବା ଫଳରେ ନିଜ ପତ୍ନୀ ପ୍ରିୟା ଓ ଶାଶୂ କୁସୁମ ସିହ୍ନାଙ୍କୁ କଇଁଚିରେ ସାହାଯ୍ୟରେ ହତ୍ୟା କରିଛି। ଯୋଗେଶଙ୍କୁ ପୁଲିସ ରୋହିଣୀରୁ ଗିରଫ କରିଛି। ହତ୍ୟାକାଣ୍ଡ କାରଣ କଥା ଶୁଣି ପୁଲିସ ଚକିତ ହୋଇଥିଲା। ପୁଅ ପାଇଁ ଶାଶୁ ଆଣିଥିବା ଉପହାର ଯୋଗେଶଙ୍କ ପସନ୍ଦ ହୋଇ ନଥିଲା। ଏଥିପାଇଁ ଯୋଗେଶ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଓ ଏଥିରେ ଉତ୍‌କ୍ଷିପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲେ। ନାତି ଜନ୍ମଦିନ ପାଳନ କରିବାକୁ କୁସୁମ ଝିଅ ଘରକୁ ଆସିଥିଲେ। ଭଲ ଉପହାର ପରେ ଆଣିଦେବେ ବୋଲି କୁସୁମ କହୁଥିଲେ ମଧ୍ୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ▶ପୃଷ୍ଠା-୭

## ୧୬ ନୂଆ ଏନ୍‌ଏସି, ୭ ସହରକୁ ମ୍ୟୁନିସିପାଲିଟି ମାନ୍ୟତା

### ୪୪ଟି ପୌରାଞ୍ଚଳକୁ ସମ୍ପ୍ରସାରିତ ହେଲା 'ସହଯୋଗ' କାର୍ଯ୍ୟକ୍ରମ

■ **ଭୁବନେଶ୍ୱର, ୩୧।୮ (ସମିସ):** ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଆଉ ୧୬ ସହରକୁ ଏନ୍‌ଏସି ଓ ୭ ସହରକୁ ମ୍ୟୁନିସିପାଲିଟି କରାଯିବା ନିମନ୍ତେ ଘୋଷଣା କରିଛନ୍ତି। ବଲାଙ୍ଗୀର ଜିଲ୍ଲାର ଲୋଇସିଂଘା, ବରଗଡ ଜିଲ୍ଲାର ସୋହେଲା, କଟକ ଜିଲ୍ଲାର ବଡମ୍ବା, ନରସିଂହପୁର, ସାଲେପୁର, ଢେଙ୍କାନାଳ ଜିଲ୍ଲାର ଗଁଦିଆ, ଗଞ୍ଜାମ ଜିଲ୍ଲାର ପାତ୍ରପୁର ଓ ଜଗନ୍ନାଥ ପ୍ରସାଦ, ଯାଜପୁର ଜିଲ୍ଲାର ଚଣ୍ଡୀଖୋଲ, କଳାହାଣ୍ଡି ଜିଲ୍ଲାର ନର୍ଲା ଓ ଜୟପାଟଣା, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଏବଂ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା, ଯଶୀପୁର ଓ ରାସଗୋବିନ୍ଦପୁରଗୁଡ଼ିକ ଏନ୍‌ଏସି ହେବ। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବୌଦ୍ଧ ଜିଲ୍ଲାର ବୌଦ୍ଧ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର, ଆସ୍କା, ଛତ୍ରପୁର, କବିସୂର୍ଯ୍ୟନଗର, ପୋଲସରା ସହରାଞ୍ଚଳଗୁଡ଼ିକୁ ମ୍ୟୁନିସିପାଲିଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ସ୍ୱାଧୀନତା ଦିବସ ଉତ୍ସବରେ ମୁଖ୍ୟମନ୍ତ୍ରୀ ୨୧ ଏନ୍‌ଏସି ସୃଷ୍ଟି ସମ୍ପର୍କରେ ଘୋଷଣା କରିଥିଲେ। ଏହାମଧ୍ୟରୁ ୧୨ଏନଏସି ଗଠିତ ହେବା ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏବେ ମୁଖ୍ୟମନ୍ତ୍ରୀ ଆଉ ୧୬ ସହରକୁ ଏନ୍‌ଏସି ଘୋଷଣା କରିଛନ୍ତି। ସେହିପରି ଏନ୍‌ଏସି ଓ ମ୍ୟୁନିସିପାଲିଟି ଗଠନ ଦ୍ୱାରା ଅଧିକ ଲୋକଙ୍କୁ ସହରର ମୌଳିକ ସୁବିଧା ମିଳିବ ବୋଲି ସେ କହିଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନେକ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସହରର ସମସ୍ତ ଲୋକଙ୍କ ପାଇଁ ସରକାରୀ ଯୋଜନାଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ପୌରାଞ୍ଚଳକୁ 'ସହଯୋଗ' କାର୍ଯ୍ୟକ୍ରମ ସଂପ୍ରସାରିତ ▶ପୃଷ୍ଠା-୭

## ହତ୍ୟାକରି ଜାଳିଦେଲେ



**ଜଙ୍ଗଲରୁ ଦରପୋଡ଼ା ଶବ ଉଦ୍ଧାର**

■ **କୋଇଡ଼ା, ୩୧।୮ (ସମିସ):** କୋଇଡ଼ା ଥାନା କାଶୀରା ଗ୍ରାମ ନିକଟସ୍ଥ ବ୍ରାହ୍ମଣୀପାଟ ମେଢ଼ ଜଙ୍ଗଲରୁ ଆଜି ପୁଲିସ୍ ଜଣଙ୍କ ଅର୍ଦ୍ଧଦଗ୍ଧ ଗଳିତ ଶବ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ପରେ ଶବକୁ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ହସ୍ପିଟାଲକୁ ପଠାଇଛି। ଏହାସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବଟିର ପରିଚୟ ଜାଣିବା ପାଇଁ ପୁଲିସ୍ ତନାଘନା ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ଯୋଜନାବଦ୍ଧ ▶ପୃଷ୍ଠା-୭

ବାଲେଶ୍ୱର, ସମ୍ବଲପୁର ପ୍ରକଳ୍ପରେ ଅହେତୁକ ବିଳମ୍ବ

## ପାଣିପାଗ କେନ୍ଦ୍ରରେ ୨ ବର୍ଷ ହେଲା ପଡ଼ିଛି ରାଡାର

■ **ଭୁବନେଶ୍ୱର, ୩୧।୮ (ସମିସ):** ସମ୍ବଲପୁର ଓ ବାଲେଶ୍ୱରରେ ଦୀର୍ଘଦିନ ହେବ ଏହି ରାଡାର୍ ସ୍ଥାପନ ନିମନ୍ତେ କୋଠା ନିର୍ମାଣ ଶେଷ ହୋଇସାରିଥିଲେ ମଧ୍ୟ ରାଡ଼ାର ବସି ପାରୁନାହିଁ। ଯାହାଫଳରେ ପାଣିପାଗ ଜନିତ ଅନେକ ଗୁରତ୍ୱପୂର୍ଣ୍ଣ ତଥ୍ୟ ଆଇଏମ୍‌ଡି ପାଇବାରୁ ବଞ୍ଚିତ ରହୁଛି ଓ ଏହାର କୁପରିଣାମ ଓଡ଼ିଶାବାସୀ ଭୋଗୁଛନ୍ତି। ସମ୍ବଲପୁରଠାରେ ରାଡାର ପାଇଁ ବିଲ୍ଡିଂ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଛି ଓ ଗତ ଡିସେମ୍ବର ମାସରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଏହାକୁ ଉଦ୍‌ଘାଟନ



କରିଥିଲେ ଓ ଜୁଲାଇ ମାସ ସୁଦ୍ଧା ଏଠାରେ ରାଡାର କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ହେଲେ ଜୁଲାଇ ଯାଇ ସେପ୍ଟେମ୍ବର ହେଲାଣି ରାଡାର୍ ବସିବା ଦୂରର କଥା ସାରଞ୍ଜାମ ମଧ୍ୟ ସେଠାରେ ପହଞ୍ଚିପାରି ନାହିଁ। ସମ୍ବଲପୁରରେ ବସିବାକୁ ଥିବା ରାଡାରର ବୈଦ୍ୟୁତିକ ସରଞ୍ଜାମ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ

**ଗତ ୮ ମାସ ହେଲାଣି ଗୋପାଳପୁର ରାଡାର ଅଚଳ**

**କ୍ଷୋଭ ପ୍ରକାଶ କଲା ରାଜ୍ୟସଭା ସଂସଦୀୟ କମିଟି**

ପାଣିପାଗ କେନ୍ଦ୍ରଠାରେ ଦୁଇ ବର୍ଷା ହେବ ପଡ଼ି ରହିଛି। ଖରା ବର୍ଷା ଖାଇ ଦୀର୍ଘ ଦିନ ହେବ ପଡ଼ି ରହିଥିବା ଏହି ବୈଦ୍ୟୁତିକ ସାରଞ୍ଜମ ଲାଗିବା ପରେ ସଠିକ୍ ଭାବେ କାର୍ଯ୍ୟକ୍ଷମ ହେବ କି ନାହିଁ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଅନ୍ୟପଟେ ରାଡାର ପ୍ରସଙ୍ଗକୁ ନେଇ ରାଜ୍ୟସଭାର 'ଗଭର୍ଣ୍ଣମେଣ୍ଟ ଆସୁରାନ୍ସ' କମିଟି କ୍ଷୋଭ ପ୍ରକାଶ କରିଛି। ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଓଡ଼ିଶାର ରାଜ୍ୟସଭା ▶ପୃଷ୍ଠା-୭

ପଟ୍ଟାମୁଣ୍ଡାଇରେ ଚାଞ୍ଚଲ୍ୟ

## ମହିଳାଙ୍କୁ ହତ୍ୟା କରି ମୁହଁରେ ଗରମ ତେଲ ଢାଳିଦେଲା

■ **ପଟ୍ଟାମୁଣ୍ଡାଇ, ୩୧।୮ (ସମିସ):** ଏକ ବନ୍ଦ ଦୋକାନ କ୍ୟାବିନ୍ ଭିତରୁ ଜଣେ ନିଖୋଜ ମହିଳାଙ୍କ ଶବ ଜବତ ହେବା ଘଟଣା ଆଜି କେନ୍ଦ୍ରାପଡ଼ା ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତ ମହିଳାଜଣଙ୍କ ହେଲେ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଅଧୀନ ବୋଧଗାଁ ଗ୍ରାମର ନିରଞ୍ଜନ ଜେନାଙ୍କ ଝିଅ ବନିତା ଜେନା। ଗତ ୨୭ ତାରିଖରୁ ସେ ନିଖୋଜ ଥିଲେ। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିବା ପରେ ଶବକୁ ବିକୃତ କରିବା ପାଇଁ ମୁହଁ ଏବଂ ଶରୀରରେ ଗରମ ତେଲ ଢାଳି ଦେଇଛି। ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ତହସିଲଦାର ଦିଲ୍ଲୀପ ନାୟକଙ୍କ ଉପସ୍ଥିତିରେ ପୁଲିସ୍ କ୍ୟାବିନ୍‌ର କବାଟ ତାଡ଼ି ବେଡସିଟ୍ ଓ ଜରିରେ ବନ୍ଧା ହୋଇଥିବା ବନିତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ▶ପୃଷ୍ଠା-୭



**ଭେଣ୍ଡିଂଜୋନ୍ କ୍ୟାବିନ୍‌ରୁ ଗଳିତ ଶବ ଜବତ**

**ଦୋକାନୀ ଫେରାର୍**

## ରାମାନନ୍ଦ ସାଗରଙ୍କ ପୁଅ ପ୍ରେମଙ୍କ ପରଲୋକ



ମୁମ୍ବଇ,୩୧।୮(ଏଜେନ୍ସି): ପ୍ରସିଦ୍ଧ ଟିଭି ସିରିୟଲ ରାମାୟଣର ନିର୍ମାତା ତଥା ନିର୍ଦ୍ଦେଶକ ରାମାନନ୍ଦ ସାଗରଙ୍କ ପୁଅ ପ୍ରେମ୍ ସାଗର ରବିବାର ୮୪ ବର୍ଷ ବୟସରେ ପରାଲୋକଗମନ କରିଛନ୍ତି। ଗତକିଛି ଦିନଧରି ସେ ଅସୁସ୍ଥ ଥିଲେ। ତାଙ୍କୁ ମୁମ୍ବଇର ବ୍ରିଚ୍ କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ଥାନୀୟ ପବନ ହଂସ ଶ୍ମଶାନରେ ଅପରାହ୍ଣ ୩ଟାରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି। ଭାରତୀୟ ସିନେମା ଓ ଟେଲିଭିଜନ ଇଣ୍ଡଷ୍ଟ୍ରିରେ ସେ ସାଗର ପରିବାର ପରମ୍ପରାକୁ ଆଗେଇ ନେଇଥିଲେ। ଜଣେ ବରିଷ୍ଠ ନିର୍ମାତା ତଥା ସିନେମା ଅଟୋଗ୍ରାଫର ଭାବେ ସେ ସଫଳତା ହାସଲ କରିଥିଲେ। ପୁଣେସ୍ଥିତ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏଫ୍‌ଟିଆଇଆଇ)ରେ ସେ ପ୍ରଶିକ୍ଷଣ ନେଇଥିଲେ। ୧୯୬୮ ବ୍ୟାଚ୍‌ର ଛାତ୍ର ପ୍ରେମ ଟିଭି ସିରିୟଲ 'ଅଲିଫ୍ ଲୈଲା' ସମେତ ଏକାଧିକ ଧାର୍ମିକ ସିରିୟଲର ନିର୍ଦ୍ଦେଶନା ଦେଇଥିଲେ ଓ ସେତେବେଳେ ଏଗୁଡିକ ଲୋକପ୍ରିୟତା ହାସଲ କରିଥିଲା।

## କ୍ୟାଣ୍ଟିନରେ ଗୋମାଂସ ନିଷିଦ୍ଧ କଲେ ବ୍ୟାଙ୍କ ମ୍ୟାନେଜର

**କର୍ମଚାରୀଙ୍କ ବିରୋଧ**

କୋଚି,୩୧।୮(ଏଜେନ୍ସି): କେରଳ ଏର୍ଣ୍ଣାକୁଲମ ଜିଲ୍ଲାର କୋଚି ସହରରେ ଥିବା କାନାଡା ବ୍ୟାଙ୍କର ମ୍ୟାନେଜର କ୍ୟାଣ୍ଟିନ୍‌ରେ ଗୋମାଂସକୁ ନିଷିଦ୍ଧ କରିବାରୁ ବିବାଦ ସୃଷ୍ଟି ହୋଇଛି। ବ୍ୟାଙ୍କର ଅନ୍ୟ କର୍ମଚାରୀମାନେ 'ବିଫ୍ ଫେଷ୍ଟିଭାଲ'ର ଆୟୋଜନ କରି ନିଆରା ଢ଼ଙ୍ଗରେ ଏହାର ବିରୋଧ କରିଛନ୍ତି। କର୍ମଚାରୀମାନେ ମ୍ୟାନେଜରଙ୍କ କେବିନ ସାମ୍ନାରେ ଗୋମାଂସ ଓ ପରଟା ଖାଇବା ସହ ପାର୍ଟି କରିଥିଲେ। ଅଗଷ୍ଟ ୨୮ରେ ଏହି ପାର୍ଟିର ଆୟୋଜନ ହୋଇଥିଲା। ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ମୂଳତଃ ବିହାରର ବାସିନ୍ଦା। କିଛି ଦିନ ତଳେ କେରଳରେ ତାଙ୍କର ନିଯୁକ୍ତି ହୋଇଥିଲା। ବ୍ୟାଙ୍କର କ୍ୟାଣ୍ଟିନରେ ବେଳେ ବେଳେ ଗୋମାଂସ ଖାଇବାକୁ ଦିଆଯାଇଥାଏ। କିନ୍ତୁ ମ୍ୟାନେଜର ଗୋମାଂସ ଉପରେ ରୋକ୍ ଲଗାଇଥିଲେ ଓ କ୍ୟାଣ୍ଟିନ କର୍ମଚାରୀଙ୍କୁ ଗୋମାଂସ ପ୍ରସ୍ତୁତ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବ୍ୟାଙ୍କ ଏମ୍ପ୍ଲୋଇଜ ଫେଡେରେସନ ଅଫ୍ ଇଣ୍ଡିଆ (ବିଇଏଫ୍‌ଆଇ) ନେତୃତ୍ୱରେ କିଛି କର୍ମଚାରୀ ବିରୋଧ ପ୍ରଦର୍ଶନ କରିଥିଲେ। ଭାରତର ସମ୍ବିଧାନ ଅନୁସାରେ ବିଇଏଫ୍‌ଆଇ କାର୍ଯ୍ୟକରୁଛି ବୋଲି କହିଛି। କିଏ କ'ଣ ଖାଇବ ଓ ନ ଖାଇବ ତାହା ବ୍ୟକ୍ତିଗତ ମାମଲା ବୋଲି ଫେଡେରେସନ ତରଫରୁ କୁହାଯାଇଛି।

## ଏୟାର ଇଣ୍ଡିଆ ବିମାନ ଇଞ୍ଜିନ୍‌ରେ ନିଆଁ



ନୂଆଦିଲ୍ଲୀ,୩୧।୮(ଏଜେନ୍ସି): ଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ୨୯୧୩ (ଏ ୩୨୦ ନିଓ ବିମାନ)କୁ ଦିଲ୍ଲୀ ଫେରାଇ ଅଣାଯାଇଛି। ପାଇଲଟଙ୍କୁ ଡାହାଣ ପଟ ଇଞ୍ଜିନ୍‌ରେ ନିଆଁ ଲାଗିଥିବାର ସୂଚନା ମିଳିଥିଲା। ଏହା ପରେ ବିମାନ ଦିଲ୍ଲୀରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ରବିବାର ସକାଳ ୬.୧୫ରେ ୯୦ ଜଣ ଯାତ୍ରୀଙ୍କୁ ନେଇ ଏହି ବିମାନ ଉଡ଼ାଣ ଆରମ୍ଭ କରିଥିଲା। କିନ୍ତୁ ଅଧ ଘଣ୍ଟା ପରେ ଇଞ୍ଜିନରେ ନିଆଁ ଲାଗିଥିବା ସୁଚନା ପାଇଲଟଙ୍କୁ ମିଳିଥିଲା। ସେ ନିୟମ ଅନୁସାରେ ଇଞ୍ଜିନକୁ ବନ୍ଦ କରି ଦେଇଥିଲେ। ଏହାପରେ ବିମାନ ଦିଲ୍ଲୀ ବିମାନ ବନ୍ଦରରେ ସୁରକ୍ଷିତ ଭାବେ ଅବତରଣ କରିଥିଲା। ସମସ୍ତ ୯୦ ଯାତ୍ରୀ ସୁରକ୍ଷିତ ଥିଲେ। ବିମାନର ଗ୍ରାଉଣ୍ଡ ଇନିସ୍ପେକସନ କରାଯିବ ବୋଲି ଏୟାରଲାଇନ୍ସ ତରଫରୁ କୁହାଯାଇଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)କୁ ଏହି ଘଟଣା ସମ୍ପର୍କରେ ଅବଗତ କରାଯାଇଛି।

## କେନ୍ଦ୍ରକୁ ୬୦ ହଜାର କୋଟି ମାଗିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩୧।୮(ଏଜେନ୍ସି): ପଞ୍ଜାବରେ ବନ୍ୟା ଉତ୍କଟ ସ୍ଥିତି ସୃଷ୍ଟି କରିଛି। ରାଜ୍ୟରେ ଭୟଙ୍କର ବନ୍ୟା ଦେଖିବାକୁ ମିଳିଛି। ତେଣୁ ଏହାର କ୍ଷତିପୂରଣ ବାବଦକୁ ପ୍ରଧାନମନ୍ତ୍ରୀଙ୍କୁ ୬୦, ୦୦୦ କୋଟି ଟଙ୍କାର ପାଣ୍ଠି ମାଗିଛନ୍ତି ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ। ଏ ନେଇ ସେ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ବନ୍ୟା ଯୋଗୁ ୧,୦୦୦ ଗାଁ ଓ ଲକ୍ଷ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ପ୍ରବଳ ବର୍ଷା କାରଣରୁ ସତଲେଜ, ବିଜ୍ ଓ ରାବି ନଦୀର ଜଳପତନ ବୃଦ୍ଧି ପାଇଛି। ଭୀଷଣ ବର୍ଷା ଯୋଗୁଁ ପଞ୍ଜାବର ୭ଟି ଜିଲ୍ଲାରେ ପ୍ରବଳ ବନ୍ୟା ଆସିଛି। ୩ ଲକ୍ଷ ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି।

## ହମାସ ମୁଖପାତ୍ର ଅବୁ ନିହତ

ତେଲ ଅଭିଭ,୩୧।୮(ଏଜେନ୍ସି): ଇସ୍ରାଏଲ୍ ଶନିବାର ମଧ୍ୟଗାଜା ଉପରେ ଆକ୍ରମଣ କରିଛି। ଏଥିରେ ହମାସର ସାମରିକ ବିଭାଗ ମୁଖପାତ୍ର ଅବୁ ଓବେଇଡା ନିହତ ହୋଇଛି ବୋଲି ଇସ୍ରାଏଲ୍ ପକ୍ଷରୁ କୁହାଯାଇଛି। ତେବେ ତାଙ୍କ ମୃତ୍ୟୁ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଓବେଇଡା ଥିବା ଆପାର୍ଟମେଣ୍ଟ ଉପରେ ଆକ୍ରମଣ କରାଯାଇଥିଲା । ସେଠାରେ ରହୁଥିବା ଅନ୍ୟ ଲୋକ ଓ ପରିବାର ଲୋକ ମଧ୍ୟ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ହମାସ ମଧ୍ୟ ଇତିମଧ୍ୟରେ ଓବେଇଡାଙ୍କ ମୃତ୍ୟୁକୁ ସ୍ପଷ୍ଟ କରିଛି।

## କାନାଡ଼ାର ପ୍ରଥମ ଭାରତୀୟ ବଂଶୋଦ୍ଭବ ପୁଲିସ ମୁଖ୍ୟ ଡେଲ୍ ମାନକ୍‌ଙ୍କ ଅବସର



ଭିକ୍ଟୋରିଆ, ୩୧।୮ (ଏଜେନ୍ସି): କାନାଡାର ପ୍ରଥମ ଭାରତୀୟ ବଂଶୋଦ୍ଭବ ପୁଲିସ ମୁଖ୍ୟ ଡେଲ ମାନେକ୍ ଦୀର୍ଘ ବର୍ଷର ଚାକିରି ପରେ ଅବସର ଗ୍ରହଣ କରିଛନ୍ତି। ସେ ଭାଙ୍କୋଭର ପୁଲିସ ବିଭାଗ (ଭିପିଡି)ରେ ୩୫ ବର୍ଷଧରି ନିଜର ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିଥିଲେ। ସେ ୨୦୧୭ରେ ଭିକ୍ଟୋରିଆ ପୁଲିସ ମୁଖ୍ୟ ଭାବେ ଗୁରୁଦାୟିତ୍ୱ ଗ୍ରହଣ କରିଥିଲେ। ୧୬୮ ବର୍ଷ ଇତିହାସରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ପୁଲିସ ବିଭାଗର ନେତୃତ୍ୱ ନେଇଥିଲେ। ଚାକିରିର ଅନ୍ତିମ ଦିବସରେ ସେ ନିଜେ ଗାଡ଼ି ଚଳାଇ ଭିକ୍ଟୋରିଆ ପୁଲିସ ବିଭାଗ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ସେ ନ୍ୟୁୟର୍କ ଆଇଲାଣ୍ଡର୍ସ ହକି ଟିମ୍‌ର ଥିମ ଲାଗିଥିବା ଏକ ବିଏମ୍‌ଡବ୍ଲ୍ୟୁ କନଭେର୍ଟିବଲ୍‌ରେ କାର୍ଯ୍ୟାଳୟ ଛାଡିଥିଲେ।

## ବୁଲା କୁକୁର ରାୟ ମୋତେ ବିଶ୍ୱରେ ପ୍ରସିଦ୍ଧ କଲା: ଜଷ୍ଟିସ ବିକ୍ରମ ନାଥ

ତିରୁଅନନ୍ତପରମ, ୩୧।୮ (ଏଜେନ୍ସି): ଦୀର୍ଘ ଦିନ ହେଲା ଆଇନ ଜଗତରେ କାର୍ଯ୍ୟ କରି ଆସୁଛି। ଛୋଟମୋଟ କାର୍ଯ୍ୟ ପାଇଁ ପରିଚିତି ଥିଲି। କିନ୍ତୁ ବୁଲା କୁକୁର ଉପରେ ଦେଇଥିବା ରାୟ କେବଳ ଦେଶରେ ନୁହେଁ, ବିଦେଶରେ ବି ମୋତେ ପ୍ରସିଦ୍ଧ କରାଇ ଥିଲା ବୋଲି ସୁପ୍ରିମକୋର୍ଟ ବିଚାରପତି ବିକ୍ରମ ନାଥ କହିଛନ୍ତି। ସେ ଏଥିପାଇଁ ବୁଲା କୁକୁରଙ୍କୁ କୃତଜ୍ଞତା ଦେଇଛନ୍ତି। ବିଚାର ପାଇଁ ଏହି ମାମଲା ଦେଇଥିବାରୁ ସେ ଭାରତର ପ୍ରଧାନ ବିଚାରପତି ବିଆର ଗଭାଇଙ୍କୁ ମଧ୍ୟ ଧନ୍ୟବାଦ୍ ଦେଇଛନ୍ତି। ତିରୁଅନନ୍ତପୁରମରେ ନ୍ୟାସନାଲ ଲିଗାଲ ସର୍ଭିସ ଅଥରିଟି (ନାଲସା) ପକ୍ଷରୁ ମନୁଷ୍ୟ ଏବଂ ବନ୍ୟଜନ୍ତୁ ସଂଘର୍ଷ ଉପରେ ଆୟୋଜିତ ଆଞ୍ଚଳିକ ସମ୍ମିଳନୀକୁ ସମ୍ବୋଧନ କରି ଜଷ୍ଟିସ ନାଥ ଏହି ଟିପ୍ପଣୀ ଦେଇଛନ୍ତି।

## କୋର୍ଟରେ ମହିଳା ବିଚାରପତିଙ୍କ ସଂଖ୍ୟା ବହୁତ୍ କମ୍: ଓକିଲ ସଂଘ

ନୂଆଦିଲ୍ଲୀ, ୩୧।୮ (ଏଜେନ୍ସି): ସୁପ୍ରିମକୋର୍ଟ ଓକିଲ ସଂଘ (ଏସ୍‌ସିବିଏ) ପକ୍ଷରୁ ଶନିବାର ଏକ ପ୍ରସ୍ତାବ ପାରିତ ହୋଇଯାଇଛି। ଏଥିରେ ଦେଶର ଅଦାଲତ ଗୁଡିକରେ ମହିଳାଙ୍କ ସଂଖ୍ୟା ବହୁତ୍ କମ୍ ଥିବାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ପ୍ରସ୍ତାବରେ କୁହାଯାଇଛି ଯେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମହିଳା ବିଚାରପତିଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ ରହିଛି। ସୁପ୍ରିମକୋର୍ଟରେ ଜଷ୍ଟିସ ଆଲୋକ ଅରାଧେ ଏବଂ ବିପୁଳ ଏମ ପଞ୍ଚୋଲିଙ୍କ ନିଯୁକ୍ତି ପରେ ଓକିଲ ସଂଘ ଏଭଳି ପ୍ରସ୍ତାବ ପାରିତ କରିଛି। ଏହା ପୂର୍ବରୁ ଜଷ୍ଟିସ ପଞ୍ଚୋଲିଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ବିଚାରପତି ବି ଭି ନାଗରତ୍ନା ବିରୋଧ କରିଥିଲେ। ସୂଚନା ଅନୁଯାୟୀ ହାଇକୋର୍ଟ ଗୁଡିକରେ ୧୧୦୦ ବିଚାରପତି ପଦ ରହିଛି। ଏଥିରୁ ୬୭୦ ପଦରେ ପୁରୁଷ ଥିବାବେଳେ ମାତ୍ର ୧୦୩ ପଦରେ ମହିଳା ରହିଛନ୍ତି। ଉତ୍ତରାଖଣ୍ଡ, ମେଘାଳୟ, ତ୍ରିପୁରା ଏବଂ ମଣିପୁର ହାଇକୋର୍ଟରେ ଜଣେ ହେଲେ ବି ମହିଳା ବିଚାରପତି ନାହାନ୍ତି।

### ଇଣ୍ଡୋନେସିଆରେ ସାଂସଦଙ୍କ ଦରମା ବୃଦ୍ଧିକୁ ବିରୋଧ

# ସାରା ଦେଶରେ ହିଂସା; ଜାଳିଦେଲେ ସଂସଦ



ଜାକାର୍ତ୍ତା, ୩୧।୮ (ଏଜେନ୍ସି):

ସାଂସଦଙ୍କ ଦରମା ବୃଦ୍ଧିକୁ ନେଇ ଇଣ୍ଡୋନେସିଆ ଅଶାନ୍ତ ହୋଇପଡ଼ିଛି। ରାଜଧାନୀ ଜାକାର୍ତ୍ତା ସମେତ ଦେଶର ଅନେକ ଭାଗରେ ଭୟାବହ ହିଂସା ହୋଇଛି। ସରକାରଙ୍କ ଏକପାଖିଆ ନୀତିକୁ ବିରୋଧ କରି ଲକ୍ଷାଧିକ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅନେକ ସ୍ଥାନରେ ନିଆଁ ଲଗାଇ ଦେଇଛନ୍ତି। ମକସାର ସହରରେ ଥିବା ପ୍ରାଦେଶିକ ସାଂସଦରେ ନିଆଁ ଲଗାଇ ଦେବାରୁ ତିନି ଜଣଙ୍କ ମୃତ୍ୟୁ ହୋଇଛି। ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ବିକ୍ଷୋଭ ଦମନ କରିବାକୁ ଆସିଥିବା ପୁଲିସ ସହ ପ୍ରଦର୍ଶନକାରୀ ମୁହାଁମୁହିଁ ହୋଇଛନ୍ତି। ସଂଘର୍ଷରେ ଅନେକ ଆହତ ହୋଇଛନ୍ତି। ବିକ୍ଷୋଭକାରୀ ପୁଲିସ ଗାଡ଼ିକୁ ପଲଟାଇ ଦେଇଛନ୍ତି। ଲୋକଙ୍କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଲୁହବୁହା ଗ୍ୟାସ ମାଡ଼ କରିଛି। ଏହା ସତ୍ତ୍ୱେ ବି ଲୋକେ ଅଟକି ନ ଥିଲେ। ରାଜଧାନୀ ଜାକାର୍ତ୍ତାରେ ଥିବା ଏକ ବସ୍ ଷ୍ଟାଣ୍ଡକୁ ଲୋକେ ଜାଳି ଦେଇଛନ୍ତି। ହିଂସାଗ୍ରସ୍ତ ଅଞ୍ଚଳକୁ ନ ଯିବା ପାଇଁ ପୁଲିସ ସାଧାରଣ ନାଗରିକଙ୍କୁ କହିଛି। ରାତିରେ ପାଟ୍ରୋଲିଂକୁ କଡ଼ା କରିଛି। ବିଭିନ୍ନ ସହରରେ ବାଇକ୍ ପାଟ୍ରୋଲିଂ କରୁଛି। ଏହା ସତ୍ତ୍ୱେ ଶୁକ୍ରବାରଠାରୁ ବିକ୍ଷୋଭ ଜାରି ରହିଛି। ପ୍ରଦର୍ଶନକାରୀଙ୍କ ମଧ୍ୟରେ ଛାତ୍ରଛାତ୍ରୀଙ୍କଠାରୁ ନେଇ ଟ୍ୟାକ୍ସି ଡ୍ରାଇଭର, ଚାକିରିଆ, ଶ୍ରମିକ ଆଦି ସାମିଲ ଅଛନ୍ତି। ସ୍ଥିତିକୁ ଦେଖି ରାଷ୍ଟ୍ରପତି ପ୍ରବୋୱେ ସୁବିଆଣ୍ଟୋ ନିଜ ଚୀନ୍ ଗସ୍ତକୁ ରଦ୍ଦ କରିଦେଇଛନ୍ତି। ସେ ଚୀନ୍‌ର ବିଜୟ ଦିବସ ପରେଡ୍‌ରେ ସାମିଲ ହେବାର ଥିଲା। ବର୍ଷେରୁ କମ୍ ସମୟ ହେବ କ୍ଷମତା ସମ୍ଭାଳିଥିବା ପୂର୍ବତନ ଜେନେରାଲ ପ୍ରବୋୱୋଙ୍କ ପାଇଁ ଏହା କାଠିକାର ପାଲଟି ଯାଇଛି।

ସରକାର ମାସିକ ଭତ୍ତା ବାବଦକୁ ସାଂସଦଙ୍କୁ ୩,୦୫୭ ଡଲାର ତଥା ୨.୬୯ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଥିଲେ। ଏହା ଜାକାର୍ତ୍ତାର ସର୍ବନିମ୍ନ ଦରମାଠାରୁ ୧୦ ଗୁଣ ଅଧିକ। ତେଣୁ ଲୋକେ ଏହି ନିଷ୍ପତ୍ତିକୁ ଘୋର ବିରୋଧ କରିଥିଲେ। ସେମାନେ ଚାହୁଁଛନ୍ତି ଯେ ସରକାର ଆଉଟସୋର୍ସିଂ ବନ୍ଦ କରି ଦରମା ବଢ଼ାନ୍ତୁ, ନିଯୁକ୍ତି ହ୍ରାସ କରିବା ବନ୍ଦ କରାଯାଉ ଏବଂ ଟିକସ ନିୟମରେ ସୁଧାର ହେଉ। ଇଣ୍ଡୋନେସିଆରେ ଦରଦାମ ବୃଦ୍ଧି ପାଇ ଚାଲିଛି। ବେକାରୀ ହାର ବଢ଼ିବାରେ ଲାଗିଛି। ଏଥିପାଇଁ ସାଧାରଣ ଲୋକଙ୍କ ଜୀବନ କଷ୍ଟସାଧ୍ୟ ହୋଇଯାଇଛି। ଏପରି ସମୟରେ ଦରମା ବୃଦ୍ଧି ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ଲୋକେ ସହ୍ୟ କରିପାରି ନ ଥିଲେ। ସରକାରୀ ଅଧିକାରୀ ଏବଂ ତାଙ୍କୁ ମିଳୁଥିବା ସୁବିଧା ବିରୋଧରେ ଜୋରଦାର ବିକ୍ଷୋଭ ଆରମ୍ଭ କରିଥିବାବେଳେ ମୋଟରସାଇକେଲ ଟ୍ୟାକ୍ସି ଚାଳକଙ୍କୁ ପୁଲିସ ଗାଡ଼ି ଚାପି ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ବିକ୍ଷୋଭ ପ୍ରଦର୍ଶନ ଉଗ୍ର ହୋଇ ଯାଇଥିଲା। ପରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଥିଲା।

### ଟ୍ୟାକ୍ସି ଚାଳକଙ୍କ ମୃତ୍ୟୁ ପରେ ବିଗିଡ଼ିଲା ସ୍ଥିତି

### ଚୀନ୍ ଗସ୍ତ ରଦ୍ଦକଲେ ରାଷ୍ଟ୍ରପତି ପ୍ରବୋୱୋ

ଡ୍ରାଇଭରଙ୍କ ମୃତ୍ୟୁ ମାମଲାରେ ୭ ଜଣ ଅଧିକାରୀଙ୍କୁ ଗିରଫ କରାଯାଇଛି। ଏହା ସତ୍ତ୍ୱେ ବାଲି ସ୍ଥିତ ପୁଲିସ ମୁଖ୍ୟାଳୟ ବାହାରେ ଲୋକେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଇଷ୍ଟ ଜାଭା ସ୍ଥିତ ପୁଲିସ ମୁଖ୍ୟାଳୟ ବାହାରେ ମଧ୍ୟ ଅନେକ ଛାତ୍ରଛାତ୍ରୀ ଧାରଣା ଦେଉଛନ୍ତି। ଏହାକୁ ଦେଖି ଟିକ୍‌ଟକ୍ ନିଜର ଲାଇଭ୍ ସେବାକୁ ସାମୟିକ ସମୟ ପାଇଁ ବନ୍ଦ କରିଦେଇଛି। ଏହା ମଧ୍ୟରେ ରାଷ୍ଟ୍ରପତି ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି। ସେ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇ ଡ୍ରାଇଭରଙ୍କ ପରିବାରକୁ ଭେଟିବେ ବୋଲି କହିଛନ୍ତି।

ଇଣ୍ଡୋନେସିଆର ଆଇନ ସହାୟତା ସଂସ୍ଥା (ୱାଇଏଲବିଏଚଆଇ) ପୁଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛି। ପୁଲିସ ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଗିରଫ କରି ହେପାଜତରେ ରଖିଛି। ପୁଲିସ ମାନବାଧିକାର ଉଲ୍ଲଙ୍ଘନ କରୁଥିବା ସଂଗଠନ ଅଭିଯୋଗ କରିଛି। ଗୋଳାବାରୁଦ ଚଳାଇ ଜୀବନ ନେଉଛି।

**■ ବାୟୁସେନାକୁ ମିଳିବ ୨ ତେଜସ୍ ମାର୍କ-୧ଏ**


## ହାଲ୍‌ଠାରୁ କିଣାଯିବ ୯୭ ଲଢୁଆ ବିମାନ



ନୂଆଦିଲ୍ଲୀ,୩୧।୮(ଏଜେନ୍ସି): ସେପ୍ଟେମ୍ବର ମାସରେ ଭାରତୀୟ ବାୟୁସେନାକୁ ଦୁଇଟି ଲଢୁଆ ତେଜସ୍ ମାର୍କ-୧ଏ ମିଳିବ। ପ୍ରତିରକ୍ଷା ସଚିବ ଆରକେ ସିଂ ଏ ନେଇ ସୂଚନା ଦେଇଛନ୍ତି। ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ (ହାଲ) ଏହି ଦୁଇଟି ବିମାନ ଦେବ। ଏହି ବିମାନରେ ଅସ୍ତ୍ରଶସ୍ତ୍ର ଯୋଡି ହୋଇ ରହିବ। ଖୁବଶୀଘ୍ର ତେଜସ୍ ବିମାନ ମିଗ୍-୨୧ ବିମାନର ସ୍ଥାନ ନେବ। ପୁଣି ସରକାର ହାଲ୍ ସହିତ ଏକ ନୂଆ ଚୁକ୍ତି କରିବାକୁ ଯାଉଛନ୍ତି। ଏହି ଚୁକ୍ତି ଅନୁସାରେ ହାଲ୍‌ଠାରୁ ୯୭ଟି ତେଜସ ବିମାନ କ୍ରୟ କରାଯିବ ଓ ଏଥିପାଇଁ ୬୭,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି। ବର୍ତ୍ତମାନ ୩୮ଟି ତେଜସ୍ ଲଢୁଆ ବିମାନ ଭାରତୀୟ ବାୟୁସେନାରେ ନିୟୋଜିତ ହୋଇଛି। ପୂର୍ବରୁ ୨୦୨୧ରେ ସରକାର ୮୩ଟି ତେଜସ ମାର୍କ-୧ଏ କ୍ରୟ କରିବାକୁ ୪୮,୦୦୦ କୋଟି ଟଙ୍କାର ଚୁକ୍ତି କରିଥିଲା। କିନ୍ତୁ ଆମେରିକୀୟ ଇଞ୍ଜିନ ପ୍ରାପ୍ତ ହେବାରେ ବିଳମ୍ବ ହେବା କାରଣରୁ ଏହି ବିମାନ ଏପର୍ଯ୍ୟନ୍ତ ବାୟୁସେନାକୁ ମିଳିନାହିଁ। କିନ୍ତୁ ଏବେ ୨୦୨୮ ବେଳକୁ ହାଲ୍ ସବୁ ବିମାନ ବାୟୁସେନାକୁ ଦେବ ବୋଲି ଆଶା କରାଯାଉଛି। ଅଗଷ୍ଟ ୧୯ରେ କେନ୍ଦ୍ର ସରକାର ୬୨,୦୦୦ କୋଟି ଟଙ୍କା ବିନିମୟରେ ୯୭ଟି ଏଲ୍‌ସିଏ ମାର୍କ-୧ଏ ଜେଟ୍ ହାଲ ସହ ଚୁକ୍ତି କରିଥିଲା। ଏଲ୍‌ସିଏ ମାର୍କ-୧ଏ ବିମାନ ତେଜସର ଉନ୍ନତ ସଂସ୍କରଣ ବିବେଚିତ ହେଉଛି। ଏଥିରେ ଅତ୍ୟାଧୁନିକ ଆଭିଓନିକ୍ସ ଓ ରାଡାର ସିଷ୍ଟମ ରହିଛି।

### ପାକିସ୍ତାନ ପଞ୍ଜାବରେ ଇତିହାସର ସବୁଠୁ ବଡ଼ ବନ୍ୟା

## ୩୩ ମୃତ; ୭ ଲକ୍ଷ ଲୋକ ସ୍ଥାନାନ୍ତର, ୨୦ ଲକ୍ଷ ପ୍ରଭାବିତ



ଲାହୋର,୩୧।୮(ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶ ରେ ସବୁଠାରୁ ବଡ଼ ବନ୍ୟା ଆସିଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଐତିହାସିକ ସହର ଲାହୋରରେ ଭିତରେ ମଧ୍ୟ ପାଣି ପଶି ଯାଇଛି। ଫଳରେ ସାରା ପ୍ରଦେଶରେ ମାନବୀୟ ସଂକଟ ସୃଷ୍ଟି ହୋଇଛି। ବର୍ଷା ଓ ବନ୍ୟା କାରଣରୁ ଏପର୍ଯ୍ୟନ୍ତ ୩୩ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ୨,୨୨୦ ଗାଁ ପ୍ରଭାବିତ ହୋଇଛି। ୭ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ମୋଟ ଉପରେ ୨୦ ଲକ୍ଷ ଲୋକ ବନ୍ୟା ଯୋଗୁ ପ୍ରଭାବିତ ହୋଇଛନ୍ତି ବୋଲି ପଞ୍ଜାବର ବରିଷ୍ଠ ମନ୍ତ୍ରୀ ମରିୟମ ଔରଙ୍ଗଜେବ୍ କହିଛନ୍ତି। ପ୍ରଥମଥର ପାଇଁ ସତଲେଜ, ଚେନାବ ଓ ରାବି ନଦୀରେ ଏକା ସମୟରେ ବଡ଼ ବନ୍ୟା ଆସିଛି। ଏହି ୩ଟି ନଦୀର ଜଳସ୍ତର ଆଶାତୀତ ଭାବେ ବୃଦ୍ଧି ପାଇଛି। ପଞ୍ଜାବ ପ୍ରଦେଶରେ କେବଳ ୧୫ କୋଟି ଲୋକ ରୁହନ୍ତି ଓ ଏହି ପ୍ରଦେଶରେ ପାକିସ୍ତାନର ସର୍ବାଧିକ ଚାଷଜମି ରହିଛି। ପଞ୍ଜାବରେ ସବୁଠାରୁ ଅଧିକ ଗହମ ଉତ୍ପାଦନ ହୋଇଥାଏ। ୨୦୨୨ରେ ମଧ୍ୟ ପଞ୍ଜାବରେ ଭୟଙ୍କର ବନ୍ୟା ଆସିଥିଲା। ଚଳିତ ବର୍ଷ ଜୁଲାଇ ୧ରୁ ଅଗଷ୍ଟ ୨୭ ମଧ୍ୟରେ ରାଜ୍ୟରେ ୨୬.୫ ପ୍ରତିଶତ ଅଧିକ ବର୍ଷା ହୋଇଛି। ପୁଣି ଜୁନ ୨୬ ପରଠାରୁ ପାକିସ୍ତାନରେ ବର୍ଷାଜନିତ ଘଟଣା ଯୋଗୁ ଏପର୍ଯ୍ୟନ୍ତ ମୋଟ୍ ୮୪୯ ଲୋକ ମୃତ୍ୟୁବରଣ କଲେଣି। ୧,୧୩୦ ଜଣ ମଧ୍ୟ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ବିପର୍ଯ୍ୟୟ ପରିଚାଳନା ବିଭାଗ ସୂଚନା ଦେଇଛି।

**ଭାରତରେ ଶିକ୍ଷା ମହଙ୍ଗା**

## ପ୍ରଥମ ଶ୍ରେଣୀ 'ଟ୍ୟୁସନ ଫି' ୭.୩୫ ଲକ୍ଷ

### ନାମଲେଖାଇବା ପାଇଁ ଦେବାକୁ ପଡୁଛି ଲକ୍ଷେ ଟଙ୍କା

ବେଙ୍ଗାଲୁରୁ, ୩୧।୮ (ଏଜେନ୍ସି):

ଭାରତରେ ଶିକ୍ଷା ମହଙ୍ଗା ହେବାରେ ଲାଗିଛି। ଘରୋଇ ବିଦ୍ୟାଳୟରେ ଦେୟ ସାରା ବିଶ୍ୱରେ ସର୍ବାଧିକ ରହିଛି। ଆୟ ବଢୁ ନ ଥିବାବେଳେ ବ୍ୟୟ ବଢ଼ି ଚାଲିଛି। ଏହି ଅନୁପାତରେ ମହଙ୍ଗା ଶିକ୍ଷାରେ ଭାରତ ସବୁଠୁ ଆଗରେ ରହିଛି। ନ୍ୟୁୟର୍କ, ଦୁବାଇ, ଲଣ୍ଡନ ଭଳି ସହରଠାରୁ ମୁମ୍ବଇ, ଦିଲ୍ଲୀ, ବେଙ୍ଗାଲୁରୁ ଆଦି ସହରରେ ପଢା ଖର୍ଚ୍ଚ ଢେର ଅଧିକ ରହିଛି। ଏହା ଅଭିଭାବକଙ୍କ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ବେଙ୍ଗାଲୁରୁରୁ ଏହାର ପ୍ରକୃଷ୍ଟ ଉଦାହରଣ ସାମ୍ନାକୁ ଆସିଛି। ଏକ ପ୍ରସିଦ୍ଧ ସ୍କୁଲର ଟ୍ୟୁସନ ଫି ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହା ଦେଶରେ ଘରୋଇ ସ୍କୁଲର ଶୋଷଣକୁ ନେଇ ଚର୍ଚ୍ଚାକୁ ଜୋରଦାର କରିଛି। ସୂଚନା ଅନୁଯାୟୀ ପ୍ରଥମ ଶ୍ରେଣୀ (ଆଇବି ପିୱାପି) ପାଇଁ ନିଭ୍ ଏକାଡେମିର ବାର୍ଷିକ 'ଟ୍ୟୁସନ ଫି' ୭.୩୫ ଲକ୍ଷ ଟଙ୍କା ରହିଛି। ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହି ଦେୟ ସମାନ ରହିଛି। ସେହିପରି ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏ ଟ୍ୟୁସନ ଫି ୭ ଲକ୍ଷ ୭୫ ହଜାର, ନବମ ଓ ଦଶମ ଶ୍ରେଣୀର ୮ ଲକ୍ଷ ୫୦ ହଜାର ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ବର୍ଷକୁ ୧୧ ଲକ୍ଷ ଟଙ୍କା ଦେୟ ରହିଛି। ଖାଲି ସେତିକି ନୁହେଁ, ନାମଲେଖା ଦେୟ ଲକ୍ଷେ ଟଙ୍କା ରହିଛି। ଏହାକୁ କୌଣସି ସ୍ଥିତିରେ ବି ଫେରାଯିବ ନାହିଁ ବୋଲି କୁହାଯାଇଛି।

ଟ୍ୟୁସନ ଫିରେ ପରିବହନ, ପୁସ୍ତକ, ୟୁନିଫର୍ମ କିମ୍ବା



neev ACADEMY

Annual Fee Schedule for Academic Year 2025-26

| Joining Fees | Amount (INR) |
|---|---|
| Application Form Charges (Payable at the time of submission of online application) | 1000/- |
| Admission Fees (One-time, Non-refundable fee for the acceptance of enrolment) | 1,00,000/- |

ANNUAL FEE DETAILS AY 2025-26

| Programme | Annual Education Fee (INR) | Fee Payable Per Term (INR) |
|---|---|---|
| Primary Years Programme (IB PYP) – Grades 1 to 5 | 7,35,000/- | 3,67,500/- |
| Middle Years Programme (IB MYP) – Grades 6 to 8 | 7,75,000/- | 3,87,500/- |
| Middle Years Programme (IB MYP) – Grades 9 and 10 | 8,50,000/- | 4,25,000/- |
| ICSE – Grades 6 to 10 | 5,94,000/- | 2,97,000/- |
| IBDP - Grades 11 and 12* | 11,00,000/- | 5,50,000/- |

ପାଠ୍ୟକ୍ରମ ବହିର୍ଭୁତ କାର୍ଯ୍ୟକଳାପ ଭଳି ଅତିରିକ୍ତ ଖର୍ଚ୍ଚ ସାମିଲ ନାହିଁ। ଏ ସବୁ ମିସାଇଲା ପରେ ପ୍ରଥମ ଶ୍ରେଣୀ ପିଲାର ମୋଟ ବାର୍ଷିକ ଖର୍ଚ୍ଚ ୮ ଲକ୍ଷ ଟଙ୍କାରୁ ଅଧିକ ହୋଇପାରେ। ଏହାକୁ ନେଇ ଆର୍ଥିକ ନୀତି ନିର୍ଦ୍ଧାରକ ଡି ମୁଥୁକ୍ରିଷ୍ଣନ ଏହି ସ୍କୁଲର ଦେୟ ତାଲିକା ସେୟାର କରି କହିଛନ୍ତି ଯେ ଏହା ଏକ ମୁକ୍ତ ବଜାର। ବ୍ୟକ୍ତିବିଶେଷଙ୍କ ଏହାର ମୂଲ୍ୟ ନିର୍ଦ୍ଧାରଣ କରୁଛନ୍ତି। ଗ୍ରାହକ କ'ଣ ଚାହୁଁଛନ୍ତି ତାହା ବାଛିବା ସେମାନଙ୍କର ପସନ୍ଦ। ଏଠାରେ ମଧ୍ୟ ସବୁକିଛି ଠିକ୍ ରହିଛି। ବେଙ୍ଗାଲୁରୁର ଏକ ଭଲ ବିଦ୍ୟାଳୟର ଏଭଳି ଦେୟ ନେଉଛି। ଅନେକ ଏଭଳି ଦେୟ ଦେଇପାରିବେ ନାହିଁ। ବର୍ଷକୁ ୫୦ ଲକ୍ଷ ଟଙ୍କା ଆୟ କରୁଥିବା ଆଇଟି ଦମ୍ପତି ମଧ୍ୟ ନିଜର ଦୁଇ ପିଲାଙ୍କୁ ଏହି ସ୍କୁଲରେ ପଢାଇବାକୁ ଉଚିତ ମଣିବେ ନାହିଁ। ଭାରତ ହେଉଛି ମନମୁଖୀ ନିଷ୍ପତ୍ତି ନେଉଥିବା ଲୋକଙ୍କ ଦେଶ।

କିଛି ଲୋକେ କହିଛନ୍ତି ଯେ ଭାରତରେ ଘରୋଇ ସ୍କୁଲ ଉପରେ କୌଣସି ନିୟନ୍ତ୍ରଣ ନାହିଁ। ସ୍କୁଲଗୁଡିକ ନିଜ ମନଇଚ୍ଛା ଦେୟ ଆଦାୟ କରିଚାଲିଛନ୍ତି। ଯେତିକି ଟଙ୍କା ଲୋକଙ୍କଠୁ ନେଉଛନ୍ତି ସେହି ତୁଳନାରେ ଶିକ୍ଷକ, କର୍ମଚାରୀମାନଙ୍କୁ ଦରମା ଦେଉନାହାନ୍ତି। ପରିଚାଳକଙ୍କ ପାଖକୁ ଏଥିରୁ ସିଂହଭାଗ ଅର୍ଥ ଯାଉଛି। ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ଲୋକେ ନିଜ ପିଲାଙ୍କୁ ବି ଏଭଳି ସ୍କୁଲରେ ପଢ଼ାଇପାରିବେ ନାହିଁ। ଧନୀଶ୍ରେଣୀର ପିଲାଙ୍କ ପାଇଁ ଏହା ସାଧାରଣ କଥା।

### ମନ୍ କି ବାତ୍‌ର ୧୨୫ତମ ସଂସ୍କରଣ

## ପ୍ରାକୃତିକ ବିପର୍ଯ୍ୟୟ ଆମ ପରୀକ୍ଷା ନେଉଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩୧।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ଜଣାଶୁଣା ରେଡିଓ ଶୋ 'ମନ୍ କି ବାତ୍'ର ୧୨୫ ତମ ସଂସ୍କରଣରେ ସାରା ଦେଶକୁ ରବିବାର ସମ୍ବୋଧିତ କରିଛନ୍ତି। ଏଥିରେ ସେ ପ୍ରାକୃତିକ ବିପର୍ଯ୍ୟୟ, ଖେଳ- ଖେଳାଳି, ନୂତନତା, ଶିକ୍ଷା, ଭୋକାଲ ଫର ଲୋକାଲ ନେଇ ବିଚାର ବ୍ୟକ୍ତ କରିଥିଲେ। ମୌସୁମୀ ବର୍ଷା ଜନିତ ପ୍ରାକୃତ ବିପର୍ଯ୍ୟୟ ଆମର ପରୀକ୍ଷା ନେଉଛି ବୋଲି ସେ କହିଥିଲେ। ଗତ କେତେ ସପ୍ତାହରେ ଆମେ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଦେଖିବାକୁ ପାଇଛୁ। ଏଥିରେ ବହୁ ଧନଜୀବନ ହାନୀ ହୋଇଛି ଓ ଏଥିରେ ଆମେ ସମସ୍ତେ ଦୁଃଖିତ ବୋଲି ସେ କହିଥିଲେ। ସେହିପରି ୟୁପିଏସ୍‌ସିର ଚୂଡାନ୍ତ ତାଲିକାରେ ବହୁ ପ୍ରାର୍ଥୀ ସ୍ଥାନ ପାଇପାରୁନାହାନ୍ତି। ସେମାନେ ଡିଜିଟାଲ ଆପ୍ ପ୍ଲାଟଫର୍ମ 'ପ୍ରତିଭା ସେତୁ' ଦ୍ୱାରା ଲାଭବାନ ହୋଇପାରିବେ। ଦେଶର ବଡ଼ବଡ଼ କମ୍ପାନୀରେ ସେମାନଙ୍କୁ ଚାକିରି କରିବାର ସୁଯୋଗ ମିଳିବ ବୋଲି ସେ କହିଥିଲେ। ସେପ୍ଟେମ୍ବରରେ 'ହାଇଦରାବାଦ ଲିବରେସନ ଡେ' ପାଳନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ଦେଶ ହାସଲ କରିଥିବା ସବୁ ଉପଲବ୍ଧି ବିଷୟରେ ସେ ମତ ରଖିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଉଦାହରଣ ସୃଷ୍ଟି କରିଥିବା ଲୋକଙ୍କ ବିଷୟରେ ମଧ୍ୟ ମୋଦୀ ଉଲ୍ଲେଖ କରିଥିଲେ। 'ମନ କି ବାତ' ୨୨ଟି ଭାଷାରେ ପ୍ରସାରିତ ହେଉଛି। ୨୩ କୋଟି ଲୋକ ଏହାକୁ ନିୟମିତ ଭାବେ ଶୁଣୁଛନ୍ତି।

# ସଂଗୀତ ନିର୍ଦ୍ଦେଶକ ଅଭିଜିତ୍ ମଜୁମଦାର୍ ଗୁରୁତର



କଟକ,୩୧।୮(ସମିସ): ଓଲିଉଡ୍‌ର ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ୍ ମଜୁମଦାର୍ ଗୁରୁତର ହୋଇ ସିଡିଏ ସେକ୍ଟର-୬ସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଆଜି ପୂର୍ବାହ୍ନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଆଜି ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଶେଷ ସୂଚନାନୁଯାୟୀ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

ହସ୍ପିଟାଲ୍‌ରେ ଶ୍ରୀ ମଜୁମଦାର୍‌ଙ୍କୁ ଭେଟିଥିବା ଅଭିନେତା ତଥା ବିଜେପି ନେତା ଶ୍ରୀତମ ଦାସ କହିଛନ୍ତି ଯେ ଅଭିଜିତ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ତାଙ୍କର ବିଭିନ୍ନ ପରୀକ୍ଷା କରାଯାଉଛି। ସମସ୍ତ ରିପୋର୍ଟ ଡାକ୍ତରଙ୍କ ହସ୍ତଗତ ହୋଇନାହିଁ। ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇ କର୍ମକ୍ଷେତ୍ରକୁ ଫେରିବେ ବୋଲି କହିଛନ୍ତି। ସେହିପରି ଚଳଚ୍ଚିତ୍ର ପ୍ରଯୋଜକ ତଥା ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା କହିଛନ୍ତି, ଅଭିଜ୍ଞ ଡାକ୍ତରୀ ଟିମ୍ ଆଇସିୟୁରେ ତାଙ୍କର ଚିକିତ୍ସା କରୁଛନ୍ତି। ଅନ୍ୟପଟେ ସମ୍ପୃକ୍ତ ଘରୋଇ ହସ୍ପିଟାଲ୍ ବାହାରେ ଓଲିଉଡ୍‌ର ଅନେକ କଳାକାର ପହଞ୍ଚି ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝୁଥିବା ଦେଖିବାକୁ ମିଳିଥିଲା।

- ଆଇସିୟୁରେ ଭର୍ତ୍ତି, ସ୍ୱାସ୍ଥ୍ୟାବସ୍ଥା ସ୍ଥିର
- ଚିକିତ୍ସାରେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍

ଆଇସିୟୁରେ ଭର୍ତ୍ତି କରାଯାଇଛି। ୪ ଦିନ ତଳେ ଡିହାଇଡ୍ରେସନ୍ ଯୋଗୁଁ ତାଙ୍କୁ ଏକ ଘରୋଇ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ତେବେ ଆଜି ହଠାତ୍ ତାଙ୍କ ଶରୀରରୁ ସୋଡିୟମ୍ ଏବଂ ପୋଟାସିୟମ୍ ମାତ୍ରା କମିଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାରଲୋକେ

# ମାଛମୁଣ୍ଡ ପାଇଁ ରୋଷେୟାର ମୁଣ୍ଡ ଗଡ଼ିଲା

ପୁରୁଷୋତ୍ତମପୁର,୩୦।୮(ସମିସ): ମାଛମୁଣ୍ଡ ପାଇଁ ନେଇଗଲେ ରୋଷେୟା ମୁଣ୍ଡ। ପାଣ୍ଡିଆ ଛକ ନିକଟସ୍ଥ ଋଷିକୂଲ୍ୟା ବ୍ରିଜ୍ ମରାମତି କାର୍ଯ୍ୟରେ ନିୟୋଜିତ ରୋଷେୟା ଲୋକମାନ ସେଖ୍ ହତ୍ୟାକାଣ୍ଡର ପର୍ଦ୍ଦାଫାସ୍ କରିବା ସହ ପୁରୁଷୋତ୍ତମପୁର ପୁଲିସ୍ ୨ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିଛି। ସେମାନେ



ହେଲେ, ପଶ୍ଚିମବଙ୍ଗ ମୁର୍ସିଦାବାଦ୍ ଜିଲ୍ଲା ସମସେର୍ ଥାନା ଅନ୍ତର୍ଗତ ଘନଶ୍ୟାମପୁର ଗ୍ରାମର ସେଖ ସୁନ୍ଦର(୨୮), ସେଖ କରିମ (୧୯)।

ଗତ ବୁଧବାର ବ୍ରିଜ୍ ନିକଟ ଏକ ଲତାବୁଦାରୁ ପୁଲିସ ଲୋକମାନଙ୍କ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ଏନେଇ ବ୍ରିଜ୍ ମରାମତି କାର୍ଯ୍ୟରେ ନିୟୋଜିତ ଥିବା ଅନ୍ୟ ଶ୍ରମିକ ଓ ଠିକା କମ୍ପାନିର କର୍ମଚାରୀଙ୍କୁ ପଚାରାଉଚରା କରିଥିଲା ପୁଲିସ। ସମ୍ପୂର୍ଣ୍ଣ ତଥ୍ୟ ପାଇବା ପରେ ବୁଧବାର ଥାନାଧିକାରୀ ରାଜେଶ କୁମାର ନାୟକ, ଏସ୍‌ଆଇ ସୁଶାନ୍ତ କୁମାର ମିଶ୍ର, ଏଏସ୍‌ଆଇ କିରଣ ବକ୍ସି, କଳ୍ପତରୁ ହୋତା ପ୍ରମୁଖ ପଶ୍ଚିମବଙ୍ଗ ସମସେର ଥାନାରେ ପହଞ୍ଚି ସେଠାକାର ପୁଲିସ ସହାୟତାରେ ସୁନ୍ଦର ଓ କରିମକୁ ଗିରଫ କରିଥିଲା। ଉଭୟଙ୍କୁ ଜାଙ୍ଗିପୁରା କୋର୍ଟରେ ହାଜର

**ଯୁବକଙ୍କ ଗଳିତ ଶବ ଉଦ୍ଧାର ଘଟଣାରେ ୨ ଗିରଫ**

କରିବା ପରେ ୩ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଛି। ଅଭିଯୁକ୍ତଦ୍ୱୟ ପୁଲିସ ଆଗରେ କହିଛନ୍ତି ଯେ ଗତ ୨୪ ତାରିଖ ରାତିରେ ମାଛ ତରକାରୀ ହୋଇଥିଲା। ମାଛମୁଣ୍ଡ ନ ଦେବାରୁ ସେମାନେ ଲୋକମାନକୁ ଏକ ଟାଙ୍ଗିଆରେ ହତ୍ୟା କରିଥିଲେ। ପରେ ଶବକୁ ଏକ ଲତାବୁଦାରେ ଫିଙ୍ଗି ଫେରାର୍ ହୋଇଯାଇଥିଲେ। ପୁଲିସ୍ ହତ୍ୟାକାଣ୍ଡରେ ବ୍ୟବହୃତ ଏକ ଟାଙ୍ଗିଆକୁ ଜବତ କରିଛି।

**■ ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଯୁବକ ନିଖୋଜ ଘଟଣା**

# ତିନିଦିନ ପରେ ମୃତଦେହ ଉଦ୍ଧାର

ପାଲଲହଡ଼ା, ୩୧।୮(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ନଗିରା ଗାଁ ଜଙ୍ଗଲରେ ଥିବା ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଶୁକ୍ରବାର ଜଣେ ଯୁବକ ନିଖୋଜ ହୋଇଥିବା ବେଳେ ରବିବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ବାଲରାଇ ଗ୍ରାମର ଅର୍ଜୁନ ବେହେରାଙ୍କ ପୁଅ ଲିପୁନ୍ ବେହେରା। ପାଲଲହଡ଼ା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ଶୁକ୍ରବାର କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ବାଲରାଇ ଗାଁର ଲିପୁନ ବେହେରା, ଶୁଭମ୍ ପଲେଇ ଏବଂ ଗୋପପୁରର ଗିରିଧାରୀ ପଲେଇ ସାଙ୍ଗହୋଇ ଗର୍ଜନଖୋଲ ଜଳପ୍ରପାତ ବୁଲିବାକୁ ଆସିଥିଲେ। ସେମାନେ ଗାଧୋଇବା ବେଳେ ଲିପୁନ ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ବାଂଶପାଳ ଅଗ୍ନିଶମବାହିନୀ ଓ ପାଲଲହଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନଥିଲା। ରାତି ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶନିବାର ଓ ରବିବାର ଖୋଜାଖୋଜି ଜାରି ରହିଥିଲା। ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ବେଳେ ରବିବାର ତୃତୀୟ ଦିନରେ ଲିପୁନଙ୍କ ମୃତଦେହ ଉଦ୍ଧାର ହୋଇଛି।

# ବଜ୍ରପାତରେ ଜଣେ ମୃତ

ଛେଣ୍ଡିପଦା, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ମାଝୀମୁଣ୍ଡା ଗାଁରେ ବଜ୍ରପାତରେ ଆଜି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ, ମାଝୀମୁଣ୍ଡାର ସୁମତି ବେହେରା ଓ ଗୁରୁତରଜଣଙ୍କ ହେଲେ, ସେହି ଗାଁର ହୀନ ବେହେରା। ସୁମତି ଓ ହୀନ ଗାଁ ନିକଟ ନାକୁଘାଇ ବିଲରେ କାମ କରୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସୁମତିଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ହୀନଙ୍କୁ ଉଦ୍ଧାର କରି ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହୀନ ଓ ସୁମତି ଗୋଟିଏ ପରିବାରର ଓ ସମ୍ପର୍କରେ ଦୁଇ ଯାଆ ବୋଲି ଜଣାପଡ଼ିଛି।

**ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ**

# ବିକାଶର ପ୍ରତିଚ୍ଛବି ସହରାଞ୍ଚଳ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୧।୮(ସମିସ): ରାଜ୍ୟର ସହରାଞ୍ଚଳଗୁଡ଼ିକ ହେଉଛି ବିକାଶର ପ୍ରତିଚ୍ଛବି। ସହରାଞ୍ଚଳଗୁଡ଼ିକର ରାସ୍ତାଘାଟ ଯଦି ପରିଷ୍କାର ପରିଚ୍ଛନ୍ନ ଏବଂ ଗର୍ତ୍ତମୁକ୍ତ ନ ରୁହେ, ଆମର ଲକ୍ଷ୍ୟ ଅପୂରଣୀୟ ରହିବ। ଆସନ୍ତା ଏପ୍ରିଲ ସୁଦ୍ଧା ରାଜ୍ୟର ସମସ୍ତ ପୌରାଞ୍ଚଳରେ ଏହି କାମ ଶେଷ ହେବ। ଆସନ୍ତା ବର୍ଷ ଏପ୍ରିଲରେ ଯେଉଁ ଜନଶୁଣାଣି ହେବ,

- ନେସ୍‌ନାଲ କମନ୍ ମୋବିଲିଟି କାର୍ଡ'ର ଶୁଭାରମ୍ଭ
- ୧୫୭ କୋଟି ଟଙ୍କାରେ ୪୩ ବହୁମୁଖୀ କେନ୍ଦ୍ର, ଏମ୍‌ଆର୍‌ଏଫ୍, ପ୍ଲାଜ୍‌ମା ପାଇରୋଲିସିସ୍ ୟୁନିଟ୍ ଲୋକାର୍ପିତ

ସେଥିରେ ଯେପରି ଏ ସଂପର୍କିତ ଅଭିଯୋଗ ନ ଆସେ, ସେଥିପାଇଁ ପୌର କର୍ତ୍ତୃପକ୍ଷ ଓ କର୍ମଚାରୀମାନେ ଧ୍ୟାନ ଦିଅନ୍ତୁ। ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏପରି ଆହ୍ୱାନ ଦେଇଛନ୍ତି। ୨୦୨୬ ଏପ୍ରିଲ ସୁଦ୍ଧା ରାଜ୍ୟର ସମସ୍ତ ପୌରାଞ୍ଚଳକୁ ଗର୍ତ୍ତମୁକ୍ତ ଏବଂ ମୁକୁଳା



ଡ୍ରେନ୍ ବନ୍ଦ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସହର ବାସିନ୍ଦାଙ୍କ ପାଇଁ ଏକାଧିକ ପ୍ରକଳ୍ପ ଘୋଷଣା କରିଛନ୍ତି। 'ନେସ୍‌ନାଲ କମନ୍ ମୋବିଲିଟି କାର୍ଡ'ର ଶୁଭାରମ୍ଭ କରି କହିଥିଲେ ଯେ ଏହାଦ୍ୱାରା ଦେଶର ଜନସାଧାରଣ ଯେକୌଣସି ସହରରେ ବିଭିନ୍ନ ଟ୍ରାନ୍ସପୋର୍ଟ ସେବା ସୁବିଧାରେ ପାଇପାରିବେ। ଏହି କାର୍ଡର ସୁବିଧା ଆଗାମୀ ଦିନରେ ଓଏସ୍‌ଆରଟିସି ବସ୍‌ଗୁଡ଼ିକରେ ମଧ୍ୟ ଲାଗୁ ହେବ। ଏହାସହ 'ଆମ ବସ୍' ବୁକିଂ କରିବା ପାଇଁ ଏକ ହ୍ୱାଟ୍‌ସ-ଆପ୍ ଟିକେଟିଂ ସେବା ମଧ୍ୟ ଆରମ୍ଭ ହୋଇଛି। ଏହି ଡିଜିଟାଲ ଟିକେଟରେ ମହିଳାମାନଙ୍କ ପାଇଁ ୧୫ ପ୍ରତିଶତ ଏବଂ ଅନ୍ୟମାନଙ୍କ ପାଇଁ ୧୦ ପ୍ରତିଶତ ରିହାତି ବ୍ୟବସ୍ଥା ରହିଛି। ଏହାସହ ମୁଖ୍ୟମନ୍ତ୍ରୀ ପ୍ରାୟ ୧୦୯ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୪୩ଟି ବହୁମୁଖୀ ଭବନର ଲୋକାର୍ପଣ କରିଥିଲେ। ସେହିପରି, ସହରୀ ବିକାଶ ଯୋଜନାର ଲୋଗୋ ଉନ୍ମୋଚିତ ହେବା ସହ ୧୨ କୋଟି ଟଙ୍କା ବିନିଯୋଗରେ ପଳାଶୁଣୀରେ ଏକ ସାମଗ୍ରୀ ପୁନରୁଦ୍ଧାର ସୁବିଧା ଏବଂ ପ୍ରାୟ ୬କୋଟି ଟଙ୍କା ବିନିଯୋଗରେ ଗାଡ଼କଣରେ ପ୍ଲାଜ୍‌ମା ପାଇରୋଲିସିସ୍ ୟୁନିଟ୍ ସୁବିଧାର ଶୁଭାରମ୍ଭ କରିଥିଲେ। ଏହାସହ ୩୦ କୋଟି ଟଙ୍କା ବିନିଯୋଗରେ ୬ ଗୋଶାଳା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖିଥିଲେ। ଏହି ୪ଟି କାର୍ଯ୍ୟକ୍ରମ ପାଇଁ ସମୁଦାୟ ୧୫୭ କୋଟି ଟଙ୍କା ବିନିଯୋଗ କରାଯାଇଛି। ହିତାଧିକାରୀଙ୍କୁ ସୁଲଭ ବାସଗୃହ, ପ୍ରଧାନମନ୍ତ୍ରୀ ଆବାସ ମଧ୍ୟ ବଣ୍ଟନ କରାଯାଇଥିଲା। ବିଏମ୍‌ସି ପକ୍ଷରୁ ୩୧୦ଟି ଏବଂ ବିଡିଏ ପକ୍ଷରୁ ୩୮ ଘର ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ପ୍ରଦାନ କରାଯାଇଥିଲା। ଏହାସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ରେ ବିଭିନ୍ନ ବସ୍ତିର ୪୬ଟି ପରିବାରକୁ ମଧ୍ୟ ଗୃହ ଆବଣ୍ଟିତ କରାଯାଇଥିଲା। ସମୁଦାୟ ୩୯୪ଟି ଗୃହ ଆବଣ୍ଟିତ କରାଯାଇଛି। ସ୍ୱଚ୍ଛ ସର୍ବେକ୍ଷଣରେ ପୁରସ୍କୃତ ହୋଇଥିବା ପୌରାଞ୍ଚଳ ବିଏମ୍‌ସି, ଆସ୍କା ଓ ଚିକିଟି ପୌରାଞ୍ଚଳକୁ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ, ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଧନ୍ୟବାଦ ଦେଇଥିଲେ।

**ବିଜେଡିର କଟାକ୍ଷ**

# ଓଡ଼ିଶା ପୁଣି ଦେଖିଲା ବିଜେପିର 'କପି-ପେଷ୍ଟ' ଶାସନର ଧାରା

ଭୁବନେଶ୍ୱର, ୩୧।୮(ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ଟି ନୂଆ ଏନ୍‌ଏସି ଏବଂ ୭ଟି ନୂଆ ମ୍ୟୁନିସିପାଲଟି ଘୋଷଣା କରିଥିବା ବେଳେ ଏହାକୁ କଡ଼ା ସମାଲୋଚନା କରିଛି ବିଜେଡି। ଓଡ଼ିଶା ପୁଣିଥରେ ବିଜେପିର କପି-ପେଷ୍ଟର ଧାରା ଦେଖିଲା ବୋଲି ଦଳ ପକ୍ଷରୁ କୁହାଯାଇଛି। ସହରୀକରଣର ନୂଆ ଅଭିଯାନ ଅନ୍ତର୍ଗତ ଏନ୍‌ଏସି ଓ ମ୍ୟୁନିସିପାଲିଟି ଘୋଷଣା କଥା ମୁଖ୍ୟମନ୍ତ୍ରୀ କହୁଥିବା ବେଳେ ବାସ୍ତବରେ ଏଥିରେ କୌଣସି ନୂତନତ୍ୱ ନାହିଁ। ଏଥିରୁ ଅଧିକାଂଶ ଘୋଷଣା ପୂର୍ବରୁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ସମୟରେ ହୋଇସାରିଥିଲା। ଏହା ସ୍ପଷ୍ଟ ଦର୍ଶାଉଛି ଯେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଘୋଷଣାର ଅଧିକାଂଶ କଥା ନୂଆ ନୁହେଁ, ବରଂ ବିଜେଡି ସରକାର ପ୍ରସ୍ତୁତ କରିଥିବା ବିକାଶ ନକ୍ସାର 'କପି-ପେଷ୍ଟ ବୋଲି ଦଳ କହିଛି।

ସାମାଜିକ ଗଣମାଧ୍ୟମରେ ଦଳ ପକ୍ଷରୁ ପୋଷ୍ଟ କରି କୁହାଯାଇଛି ଯେ ଘୋଷଣା ହୋଇଥିବା ୭ଟି ନୂଆ ମ୍ୟୁନିସିପାଲିଟି ମଧ୍ୟରୁ ୪ଟି ବୌଦ୍ଧ, କରଞ୍ଜିଆ, ଆସ୍କା ଏବଂ ଛତ୍ରପୁରକୁ ଶ୍ରୀ ପଟ୍ଟନାୟକ ୨୦୨୪ ମସିହା ଫେବ୍ରୁଆରୀରେ ମାନ୍ୟତା ପ୍ରଦାନ

- କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ
- ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ

ସହ ଘୋଷଣା କରିଥିଲେ। ସେହିପରି ଘୋଷଣା ହୋଇଥିବା ୧୬ଟି ନୂଆ ଏନ୍‌ଏସି ମଧ୍ୟରୁ ୭ଟି ନବୀନଙ୍କ ୨୦୨୪ରେ ଘୋଷିତ ତାଲିକା ସହ ସମାନ। କିଛି ନୂଆ କରିବାକୁ ବିଜେପି ସରକାର ସମ୍ପୂର୍ଣ୍ଣ ଅକ୍ଷମ। କିଛି ନୂଆ ପାଇଁ ନା ଦୂରଦୃଷ୍ଟି ଅଛି ନା ଦୃଢ଼ ସଂକଳ୍ପ। ବିଜେପି ସରକାରର 'କପି-ପେଷ୍ଟ' ନୀତିକୁ ଓଡ଼ିଶାବାସୀ ଭଲ ଭାବେ ବୁଝିସାରିଲେଣି। ଓଡ଼ିଶାର ଦ୍ରୁତ ସହରୀକରଣ ଜରୁରୀ ହେଲେ ଆଜିର ଘୋଷଣାରେ ସେଭଳି କୌଣସି ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଭଳି ଜଣାପଡୁନାହିଁ। ୨୦୨୪ରେ ଘୋଷିତ ତାଲିକାରୁ ଏକାଧିକ ନାମକୁ ଧାର ଆକାରରେ ଆଣି ନୂଆ ତାଲିକାରେ ସାମିଲ କରିବା ସ୍ପଷ୍ଟ ଭାବେ ଦର୍ଶାଉଛି ବିଜେପି ସରକାର 'ରି-ବ୍ରାଣ୍ଡିଙ୍ଗ'ରେ ବିଶ୍ୱାସ କରୁଛି।

ବିଜେଡି ଆହୁରି ମଧ୍ୟ କହିଛି ଯେ ଆଜିର ଘୋଷଣାରେ କିଛି ନୂତନତ୍ୱ ନାହିଁ। ଅଧିକାଂଶ ନାଁ ପୂର୍ବ ବିଜେଡି ସରକାର ସମୟରେ ଅନୁମୋଦନ ଲାଭ କରିଥିଲା। ଯାହାକୁ ରାଜନୈତିକ ସ୍ୱାର୍ଥ ପାଇଁ ବିଜେପି ସରକାର ପୁଣିଥରେ ଘୋଷଣା କରିଛି। ଏଥିରେ ମର୍ମ କଥା ହେଲା, ଓଡ଼ିଶାବାସୀ ପୁଣି ଏକ 'କପି ପେଷ୍ଟ' ଅଭିଯାନର ସାକ୍ଷୀ ହୋଇଛନ୍ତି, କୌଣସି ନୂଆ ସହରୀକରଣ ଅଭିଯାନର ନୁହେଁ ବୋଲି ବିଜେଡି ପକ୍ଷରୁ ସମାଲୋଚନା କରାଯାଇଛି।

**■ ଅନୁଗୋଳ-ତାଳଚେର ମୁଖ୍ୟରାସ୍ତାରେ ସିରିଜ୍ ଦୁର୍ଘଟଣା**

# ୧୫ ଜଣଙ୍କ ଉପରେ ମାଡ଼ିଗଲା କାର୍

ତାଳଚେର, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ତାଳଚେର ମୁଖ୍ୟ ରାସ୍ତା ବାଇପାସ୍ ଛକରୁ ହାଣ୍ଡିଧୂଆଁ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ ସିରିଜ୍ ଦୁର୍ଘଟଣା ଘଟାଇଛି। ବିଭିନ୍ନ ସ୍ଥାନରେ ୧୫ ଜଣଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଉଥିବା ବେଳେ ପୁଲିସ୍ ପିଛା କରି ଗୋଡ଼ିବନ୍ଧଠାରେ କାରକୁ ଜବତ କରିଛି। ଅନ୍ୟପଟେ ଦୁର୍ଘଟଣାର ଶିକାର ୧୫ ଜଣଙ୍କୁ ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି



ତାଳଚେର ମଣ୍ଡାପାଳ ଡାକ୍ତରଖାନା, ସେଣ୍ଟ୍ରାଲ ହସ୍ପିଟାଲ ଓ ଅନ୍ୟ ହସ୍ପଟାଲ ପଠାଇଛନ୍ତି। ପୁଲିସ୍ କାର୍‌କୁ ଜବତ କରି ତାଳଚେର ଟାଉନ ଥାନାକୁ ଆଣିଥିବା ବେଳେ ଚାଳକ ବ୍ରାଉନସୁଗର ସେବନ କିମ୍ବା ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଏହି କାଣ୍ଡ ଭିଆଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ପାଇଁ ପ୍ରତ୍ୟେକ ଅଞ୍ଚଳରେ ପୁଲିସ୍ ମୁତୟନ ହୋଇଥିବା ବେଳେ ଗହଳି ଭିତରେ କିପରି ଏହି କାର୍ ପଶିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସହରସାରା ପୁଲିସ୍ ଛାଉଣି ହୋଇଥିବା ବେଳେ କିପରି ଦ୍ରୁତ ଗତିରେ ଆସୁଥିବା ଏହି କାରକୁ ପୁଲିସ ଅଟକାଇ ପାରିଲା ନାହିଁ ତାହା ଚର୍ଚ୍ଚାର ବିଷୟ ପାଲଟିଛି।

# ଭୁଲ୍ ଇଞ୍ଜେକ୍‌ସନ୍ ପାଇଁ ଚାଲିଗଲା ଶିଶୁର ଜୀବନ!

ଖଇରା,୩୧।୮(ସମିସ): ଭୁଲ୍ ଇଞ୍ଜେକ୍‌ସନ୍ ଯୋଗୁଁ ଜଣେ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗକୁ ନେଇ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ଅଧୀନ ରାଇଗଡ଼ିଆ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ

- ଡାକ୍ତରଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ
- କ୍ଲିନିକ୍ ସିଲ୍ କଲେ ତହସିଲଦାର

ପାଇଛି। ମୃତ ଶିଶୁଜଣଙ୍କ ହେଲା, ବଳରାମ ରାମଙ୍କ ଝିଅ ଲିପ୍ସିତା(୨)। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ପରିବାରଲୋକ ଓ ଗ୍ରାମବାସୀ ଏକଜୁଟ ହୋଇ ଆଜି ଅପରାହ୍ଣରେ ଝିଅର ମୃତଦେହକୁ ରାସ୍ତାରେ ରଖିବା ସହ ଟାୟାର ଜାଳି ସୋର-କୁପାରୀ ରାଜ୍ୟ



ରାଜପଥକୁ ତୁଡିଗଡିଆଠାରେ ଅବରୋଧ କରିଛନ୍ତି।

ସୂଚନାନୁଯାୟୀ, ଲିପ୍ସିତାକୁ ଥଣ୍ଡା ଜ୍ୱର ହୋଇଥିଲା। ଶନିବାର ରାତିରେ ଦେହ ଅଧିକ ଖରାପ ହେବାରୁ ତା' ବାପା-ମା' ତାକୁ ତୁଡିଗଡ଼ିଆ ବଜାରରେ ଖୋଲିଥିବା ଆୟୁଷ ଡାକ୍ତର ଦେବକାନ୍ତ ପାଢ଼ୀଙ୍କ ଘରୋଇ କ୍ଲିନିକ୍‌କୁ ନେଇଥିଲେ। ସେଠାରେ ଡାକ୍ତର ପାଢ଼ୀ ଏକ ଇଞ୍ଜେକସନ୍ ଦେଇଥିଲେ। କିନ୍ତୁ ଘରକୁ ଫେରିବା ମାତ୍ରେ ଲିପ୍ସିତାର ଅବସ୍ଥା ଆହୁରି ବିଗିଡ଼ିଯିବାରୁ ପରିବାରଲୋକେ ତାକୁ ସୋର ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଲିପ୍ସିତାର ମୃତ୍ୟୁ ହୋଇଯାଇଥିଲା। ଡାକ୍ତର ପାଢ଼ୀଙ୍କ ଭୁଲ୍ ଇଂଜେକ୍ସନ୍ ଯୋଗୁଁ ଲିପ୍ସିତାର ଜୀବନ ଯାଇଥିବା ଅଭିଯୋଗ କରି ଆଜି ଅପରାହ୍ଣରେ ଉତ୍ତ୍ୟକ୍ତ ଗ୍ରାମବାସୀ ତୁଡ଼ିଗଡ଼ିଆଠାରେ ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଖବର ପାଇ ଖଇରା ତହସିଲଦାର ଅମିତ ରଞ୍ଜନ ହୋତା ଓ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଅଭିଯୁକ୍ତ ଡାକ୍ତରଙ୍କୁ ଶୀଘ୍ର ଗିରଫ କରାଯିବ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଡାକ୍ତରଙ୍କୁ ଗିରଫ କରାନଯିବା ପର୍ଯ୍ୟନ୍ତ ଅବରୋଧରୁ ଉଠିବେ ନାହିଁ ବୋଲି ଗ୍ରାମବାସୀ ଅଡ଼ି ବସିଥିଲେ। ପରେ ଡାକ୍ତର ଦେବକାନ୍ତଙ୍କ କ୍ଲିନିକ୍‌କୁ ତହସିଲଦାର ସିଲ୍ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

**କେନ୍ଦ୍ରକୁ ନବୀନଙ୍କ ଚିଠି ପରେ ସରକାର ତତ୍ପର**

# ତ୍ୱରାନ୍ୱିତ ହେଲା ସାର ଯୋଗାଣ

ଭୁବନେଶ୍ୱର, ୩୧।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟକୁ ସାର ଯୋଗାଣ ତ୍ୱରାନ୍ୱିତ କରାଯାଇଛି। ରାଜ୍ୟରେ ସାରର କୃତ୍ରିମ ଅଭାବ ଦର୍ଶାଇ ଚାଷୀମାନଙ୍କୁ ଭୟଭୀତ ନ କରିବାକୁ ବିଭାଗ ତରଫରୁ ଅନୁରୋଧ କରାଯାଉଛି। କୃଷି ବିଭାଗ ଦ୍ୱାରା ୨୦୨୫ ପାଇଁ ୫୮.୫୦ ଲକ୍ଷ ହେକ୍ଟର ଖରିଫ ଫସଲ ଯୋଜନା (ଧାନ-୩୪.୯୪ ଲକ୍ଷ ହେକ୍ଟର ଏବଂ ଅଣ-ଧାନ ଫସଲ- ୨୩.୫୬ ଲକ୍ଷ ହେକ୍ଟର) ରହିଛି। ତଦନୁସାରେ, ରାଜ୍ୟକୁ ଆବଣ୍ଟନ ପାଇଁ ୧୦.୦୦ ଲକ୍ଷ ମେଟ୍ରିକ ଟନ୍ ସାର ଯୋଗାଣ ଯୋଜନା ପ୍ରସ୍ତୁତ କରାଯାଇ ଭାରତ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ଭାରତ ସରକାର ଖରିଫ ଋତୁ ପାଇଁ ମାସିକ ଫସଲ କଭରେଜ ଉପରେ ଆଧାର କରି ରାଜ୍ୟକୁ ବିଭିନ୍ନ ଗ୍ରେଡର (ସିଧା ଏବଂ କମ୍ପ୍ଲେକ୍ସ ସାର) ୯.୫୫ ଲକ୍ଷ ମେଟ୍ରିକ ଟନ୍ ସାର ଆବଣ୍ଟନ କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟରେ ସାର କଳାବଜାର ଓ କୃତ୍ରିମ ଅଭାବ ଯୋଗୁଁ ଚାଷୀମାନେ ହନ୍ତସନ୍ତ ହେବାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗତକାଲି କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଚିଠି ଲେଖି ଉଦ୍‌ବେଗ ପ୍ରକାଶ କରିବା ସହ ଓଡ଼ିଶାକୁ ପର୍ଯ୍ୟାପ୍ତ ପରିମାଣର ୟୁରିଆ ସାର ଯୋଗାଇଦେବାକୁ ଦାବି କରିଥିଲେ।

ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ଏ ଦିଗରେ ତତ୍ପରତା ପ୍ରକାଶ ପାଇବା ପରେ ମାର୍କଫେଡ୍/ପାକ୍ସ/ଲ୍ୟାମ୍ପସ/ଖୁଚୁରା ଡିଲରମାନଙ୍କ ନିକଟରେ ବିଭିନ୍ନ ସାର ଉପଲବ୍ଧ କରାଇବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଏପ୍ରିଲ୍ ସୁଦ୍ଧା, ବିଭିନ୍ନ ଜିଲ୍ଲାରେ ୨.୯୪ ଲକ୍ଷ ମେଟ୍ରିକ୍ ଟନ୍ ସାର (ୟୁରିଆ: ୧,୪୭ ଲକ୍ଷ ମେଟ୍ରିକ୍ ଟନ୍; ଡିଏପି: ୦.୨୬ ଲକ୍ଷ ମେଟ୍ରିକ୍ ଟନ୍; ଏମଓପ: ୦.୩୪ ଲକ୍ଷ ମେଟ୍ରିକ୍ ଟନ୍; ଏସ୍‌ଏସ୍‌ପି: ୦.୧୦ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଏନ୍‌ପି/ଏନ୍‌ପିକେ/ଏନ୍‌ପିକେଏସ୍: ୦.୭୬ ଲକ୍ଷ ମେଟ୍ରିକ୍ ଟନ୍) ପ୍ରସ୍ତୁତ କରାଯାଇଥିଲା। ଅଗଷ୍ଟ ମାସ ଶେଷ ସୁଦ୍ଧା ଓଡ଼ିଶାକୁ ୮.୭୦ ଲକ୍ଷ ମେଟ୍ରିକ୍ ଟନ୍ ସାର ମିଳିବା ଉଚିତ। ଏଥିମଧ୍ୟରୁ ରାଜ୍ୟ ପୂର୍ବରୁ ୮.୧୦ ଲକ୍ଷ ମେଟ୍ରିକ୍ ଟନ୍ ସାର ପାଇସାରିଛି। ଏହାଦ୍ୱାରା ମୋଟ

**କଳାବଜାରୀ, ନକଲି ସାର ଉପରେ କଡ଼ା ନଜର**




ସାରର ଉପଲବ୍ଧତା ୧୧.୦୪ ଲକ୍ଷ ମେଟ୍ରିକ୍ ଟନ୍ (ୟୁରିଆ: ୪.୮୪ ଲକ୍ଷ ମେଟ୍ରିକ୍ ଟନ୍; ଡିଏପି: ୨.୧୮ ଲକ୍ଷ ମେଟ୍ରିକ୍ ଟନ୍; ଏମଓପି: ୦.୬୧ ଲକ୍ଷ ମେଟ୍ରିକ୍ ଟନ୍; ଏସଏସପି: ୦.୩୪ ଲକ୍ଷ ମେଟ୍ରିକ୍ ଟନ୍ ଏବଂ ଏନ୍‌ପି/ଏନ୍‌ପିକେ/ଏନ୍‌ପିକେଏସ୍: ୩.୦୫ ଲକ୍ଷ ମେଟ୍ରିକ୍ ଟନ୍) ଗତକାଲି ସୁଦ୍ଧା ବୃଦ୍ଧି ପାଇଛି। ଉପରୋକ୍ତ ପରିମାଣର ସାର ମଧ୍ୟରୁ, ୮.୪୬ ଲକ୍ଷ ମେଟ୍ରିକ ଟନ୍ ବିଭିନ୍ନ ଗ୍ରେଡ୍ ସାର (ୟୁରିଆ: ୩.୯୬ ଲକ୍ଷ ମେଟ୍ରିକ ଟନ୍; ଡିଏପି: ୧.୬୧ ଲକ୍ଷ ମେଟ୍ରିକ ଟନ୍; ଏମ୍‌ଓପି: ୦.୪୧ ଲକ୍ଷ ମେଟ୍ରିକ ଟନ୍; ଏସ୍‌ଏସ୍‌ପି: ୦.୨୧ ଲକ୍ଷ ମେଟ୍ରିକ ଟନ୍ ଏବଂ ଏନ୍‌ପି/ଏନ୍‌ପିକେ/ଏନ୍‌ପିକେଏସ: ୨.୨୫ ଲକ୍ଷ ମେଟ୍ରିକ ଟନ୍) ଚାଷୀମାନଙ୍କୁ ବିକ୍ରୟ କରାଯାଇଛି। ଆଜି ସୁଦ୍ଧା ବିଭିନ୍ନ ଜିଲ୍ଲାରେ ୨.୫୬ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ ଅଛି।

ମାର୍କଫେଡ୍ ଏବଂ ଅନ୍ୟ ଅଂଶୀଦାରମାନଙ୍କ ସହିତ ସମନ୍ୱୟ ରଖି ଖରିଫ କାର୍ଯ୍ୟ ଉପରେ ଆଧାରିତ ପର୍ଯ୍ୟାପ୍ତ ପରିମାଣର ଯୋଗାଣ ପାଇଁ ଯୋଜନା ପୂର୍ବରୁ ପ୍ରସ୍ତୁତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ସାର ଯୋଗାଣସ୍ଥିତିର ନିୟମିତ ସମୀକ୍ଷା କରୁଛନ୍ତି। ମାର୍କଫେଡ୍‌କୁ ପର୍ଯ୍ୟାପ୍ତ ପରିମାଣରେ ଯୋଗାଣ କରିବାକୁ ମଧ୍ୟ ସାର ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ଜିଲ୍ଲାରେ ୧୧ହଜାର ୬୯୨ ମେଟ୍ରିକ ଟନ୍ ୟୁରିଆ ପହଞ୍ଚିବା ପାଇଁ ପରିବହନରେ ଅଛି। ଏହା ଆସନ୍ତା ଦୁଇଦିନ ମଧ୍ୟରେ ପାକ୍ସ ଏବଂ ଲ୍ୟାମ୍ପସରେ ପହଞ୍ଚିବ। ଷ୍ଟକ୍ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଓ ଲ୍ୟାମ୍ପସକୁ ବିଭିନ୍ନ ଗ୍ରେଡ୍‌ର ସାର ଉପଲବ୍ଧତା ସୁନିଶ୍ଚିତ କରିବାକୁ ମାର୍କଫେଡ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ନକଲି ସାର ବିକ୍ରି ରୋକିବା ଉପରେ ଏପର୍ଯ୍ୟନ୍ତ, ୪୫୪୬ଟି ଖୁଚୁରା ଦୋକାନ ଯାଞ୍ଚ କରାଯାଇଛି। ୧୨୦୨ଟି ଖୁଚୁରା ବ୍ୟବସାୟୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିଭଳି ୩୦ଟି ମାମଲାରେ ବ୍ୟବସାୟୀଙ୍କୁ ବିକ୍ରୟ ବନ୍ଦ ନୋଟିସ ଜାରି କରାଯାଇଛି। ସାର ନିୟନ୍ତ୍ରଣ ଆଦେଶ, ୧୯୮୫ ଅନୁଯାୟୀ ଉଲ୍ଲଂଘନ ଅଭିଯୋଗରେ ୬୨ଟି ଡିଲର ଲାଇସେନ୍ସକୁ ନିଲମ୍ବିତ/ବାତିଲ କରାଯାଇଛି। ଏହାବ୍ୟତୀତ, ୬ଟି ଡିଲରଙ୍କ କ୍ଷେତ୍ରରେ ଷ୍ଟକ୍ ଜବତ ମଧ୍ୟ କରାଯାଇଛି।

**ମୂଳଚାଲ ବେଳେ ମାଡ଼ି ବସିଲା ବନ ବିଭାଗ**

# ବାଘଛାଲ ଜବତ, ୭ ଗିରଫ

ଭଞ୍ଜନଗର,୩୧।୮(ସମିସ): ବାଘଛାଲ ପୂଜା ପାଇଁ ପ୍ରସ୍ତୁତି ସରିଥିଲା। ପୂଜା ସରିବା ପରେ ବେପାରୀଙ୍କ ହାତକୁ ଟେକି ଦିଆଯାଇଥା'ନ୍ତା। ସେପଟ ବାଘ ଛାଲକୁ କେମିତି ଚାଲାଣ ହେବ, କାହାକୁ ବିକ୍ରି ହେବ, ସେନେଇ ଆଉ କିଛି ମାଫିଆ ଏକ ଲଜ୍‌ରେ ବସି ଯୋଜନା ପ୍ରସ୍ତୁତ କରୁଥିଲେ। ହେଲେ ତା'ପୂର୍ବରୁ ବନ ବିଭାଗ ସବୁ ବିଗାଡ଼ି ଦେଲା। ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନ ବିଭାଗକୁ ରବିବାର ମିଳିଛି ବଡ଼ ସଫଳତା। ସାଦା ପୋଷାକରେ ଛକି



ରହିଥିବା ବନକର୍ମଚାରୀ ଅତର୍କିତ ଚଢ଼ଉ କରି ଗୋଟିଏ ଗୁଳିବିଦ୍ଧ କଲରାପତରିଆ ବାଘ ଛାଲ ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗଜପତି ଜିଲ୍ଲାର ୩ଜଣ ରହିଥିବା ବେଳେ ଗଂଜାମ ଜିଲ୍ଲାର ୪ଜଣ ରହିଛନ୍ତି। ସେମାନେ ହେଲେ, ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୁଣ୍ଡିରିବାଡ଼ି ଗାଁର ସୁରେନ୍ଦ୍ର ପ୍ରଧାନ, ପଟ୍ଟଖାରୀ ଗାଁର ସୁଶାନ୍ତ ଡାକୁଆ, ଗୁଣ୍ଡୁରିବାଡ଼ି ଗାଁର ଲକ୍ଷ୍ମଣ ପ୍ରଧାନ, ପୁରୁଷୋତ୍ତମପୁର ଥାନା ଅଞ୍ଚଳର ତ୍ରିନାଥ ବିଶ୍ୱାଳ ଏବଂ ଗଜପତି ଜିଲ୍ଲାର ବିପିନ ପ୍ରଧାନ, କ୍ଷେତ୍ରୀୟ ପ୍ରାଧାନ ଏବଂ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଖଲି ଚରଣ ଜାନି। ଖଲି ଏ ପୂରା ରାକେଟ୍‌ର ମୁଖ୍ୟ କାର୍ପଟଦାର ବୋଲି ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି କହିଛନ୍ତି।

ଶ୍ରୀ ମହାନ୍ତି କହିଛନ୍ତି ଯେ ପ୍ରାୟ ୧୫/୨୦ଦିନ ମଧ୍ୟରେ ଉକ୍ତ କଲରାପତରିଆ ବାଘକୁ ଗୁଳି କରି ଶିକାର କରାଯାଇଥିବା ଅନୁମାନ କରାଯାଉଛି। ତେବେ କେଉଁ ଅଞ୍ଚଳରୁ ବାଘକୁ ଶିକାର କରାଯାଇଛି, ତାହା ସ୍ପଷ୍ଟ ହୋଇନି। ଘଟଣାର ଅଧିକ ଖୋଳତାଡ଼ ଜାରି ରହିଥିବା ବେଳେ ତଦନ୍ତ ପରେ ଏହି ଅନ୍ତଃରାଜ୍ୟ ବାଘଛାଲ ମାଫିଆଙ୍କ ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି ଏବଂ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ରହିଛନ୍ତି, ତାହା ଜଣାପଡ଼ିବ।

ବେଲଗୁଣ୍ଠା ଥାନା ଅନ୍ତର୍ଗତ ଗୁଣ୍ଡିରିବାଡ଼ି ଗାଁର ସୁରେନ୍ଦ୍ରଙ୍କ ଘରେ ପୂଜା ଚାଲିଥିବା ବେଳେ ବନ ବିଭାଗ ଚଢ଼ଉ କରିଥିଲା। ସୁରେନ୍ଦ୍ରଙ୍କ ସହ ସୁଶାନ୍ତ, ଲକ୍ଷ୍ମଣ, ତ୍ରିନାଥ ଏବଂ ଗଜପତି ଜିଲ୍ଲାର ବିପିନ, କ୍ଷେତ୍ରୀୟ ଏବଂ ମୁଖ୍ୟ କାର୍ପଟଦାର ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଖଲି ଚରଣ ପ୍ରମୁଖଙ୍କୁ କାବୁ କରାଯାଇଥିଲା। ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତିଙ୍କ ନେତୃତ୍ୱରେ ଏସିଏଫ୍ ବିବେକ କୁମାର ଦାସ, ମୁଜାଗଡ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ସୁଜାତା ପଣ୍ଡା, ବନପାଳ ଅନୁପ କୁମାର ବିଷୋୟୀ, ଭଞ୍ଜନଗର ବନପାଳ ବବୁଲୁ ସେଠୀ, ଜୀବନ ତ୍ରିପାଠୀ ପ୍ରମୁଖଙ୍କ ନେତୃତ୍ୱରେ ଏହି ଚଢ଼ଉ ହୋଇଥିଲା। ଭଞ୍ଜନଗର ଥାନାଧିକାରୀ ଜୀବନାନନ୍ଦ ଜେନା ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।



# ଭୁବନେଶ୍ୱର ସିଟି


## ପାର୍କିଂକୁ ନେଇ ଗଣ୍ଡଗୋଳ ବେଳେ ମୁଣ୍ଡ ଫାଟିଲା

ଭୁବନେଶ୍ୱର,୩୧।୮ (ସମିସ): ପାର୍କିଂକୁ ନେଇ ଗଣ୍ଡଗୋଳ ଘଟିଛି। ସିକ୍ୟୁରିଟି ଗାର୍ଡ ଛୁରି ଦେଖାଇବାକୁ ନେଇ ଗଣ୍ଡଗୋଳ ବଢ଼ିଯାଇଥିଲା। ଏପରିକି ଅନ୍ୟଗୋଷ୍ଠୀ ସିକ୍ୟୁରିଟି ଗାର୍ଡକୁ ଠେଲିଦେବାରୁ ତାଙ୍କ ମୁଣ୍ଡ ଫାଟି ଯାଇଛି। ଏଭଳି ଘଟଣା ମଞ୍ଚେଶ୍ୱର ଥାନା ସତ୍ୟବିହାରରେ ଥିବା ଏକ ରେଷ୍ଟୁରାଣ୍ଟ ଆଗରେ ଘଟିଛି। ଏ ନେଇ ମଞ୍ଚେଶ୍ୱର ଥାନାରେ ସିକ୍ୟୁରିଟି ଗାର୍ଡ ଶିବ ପ୍ରସାଦ ଦାଶ ଏବଂ ପ୍ରତାପନଗରର ପ୍ରତୀକ ରାଉତ ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଛି। ଅନ୍ୟପଟରେ ସିକ୍ୟୁରିଟି ଗାର୍ଡ ସଂଗୀନ ଅଭିଯୋଗ ଆଣିଛନ୍ତି। ତାଙ୍କ ସହ ଅନ୍ୟ ଗୋଷ୍ଠୀ ଗଣ୍ଡଗୋଳ କରି ଛୁରି ମାଡ଼ କରିଥିବା ଅଭିଯୋଗ କରିଛନ୍ତି। ପୁଲିସ ଦୁଇଟି ଅଭିଯୋଗ ଆଧାରରେ ତଦନ୍ତ କରୁଛି।

ପୁଲିସ କହିଛି ଯେ, ଉକ୍ତ ରେଷ୍ଟୁରାଣ୍ଟକୁ ପ୍ରତୀକ ରାଉତ ଏବଂ ତାଙ୍କ ସହଯୋଗୀ ଖାଇବାକୁ ଆସିଥିଲେ। ସେମାନେ ଗାଡ଼ି ପାର୍କିଂରୁ ନେବା ସମୟରେ ଅନ୍ୟ ଗାଡ଼ି ସହ ପଛରୁ ସାମାନ୍ୟ ପିଟି ହୋଇଥିଲା। ଏହାପରେ ସିକ୍ୟୁରିଟି ଗାର୍ଡ ସହ ଗାଳିଗୁଲଜ ହୋଇଥିଲା। ପରେ ସିକ୍ୟୁରିଟି ଗାର୍ଡ ଛୁରି ବାହାର କରି ପ୍ରତୀକଙ୍କୁ ଦେଖାଇ ପଥରରେ କାର ଭଙ୍ଗାରୁଜା କରିଥିଲେ। ଏହାପରେ ପ୍ରତୀକ ଏବଂ ଅନ୍ୟମାନେ ସିକ୍ୟୁରିଟି ଗାର୍ଡଙ୍କୁ କାବୁ କରିବାକୁ ଯାଇ ଠେଲି ଦେଇଥିଲେ। ଫଳରେ ସେ ତଳେ ପଡ଼ି ତାଙ୍କ ମୁଣ୍ଡ ଫାଟିଯାଇଥିଲା। ତେଣୁ ଘଟଣାର ସତ୍ୟାସତ୍ୟ କ'ଣ ସେ ନେଇ ପୁଲିସ ତଦନ୍ତ କରୁଛି।

# ପୁଲିସ ସାଜିଛି କାଗଜ ବାଘ

ଭୁବନେଶ୍ୱର,୩୧।୮ (ସମିସ):








ସବୁବେଳେ ଛୋଟ ମୋଟ ଚୋରକୁ ଧରି ବାହା ବାଃ ନେଉଥିବା କମିସନରେଟ୍ ପୁଲିସ ଏବେ କାଗଜ ବାଘ ସାଜିଛି। କେବଳ କଥାରେ ପୁଲିସ ଦମ୍ ଦେଖାଉଥିବା ବେଳେ ବାସ୍ତବରେ ଅପରାଧୀଙ୍କୁ ସାବାଡ଼ କରିବାରେ ବିଫଳ ହୋଇଛି। କାରଣ ଏଠାରେ ପୁଲିସ ବ୍ୟବସ୍ଥା ପୂରା ଫେଲ୍ ମାରିଛି। ଏଠାରେ ପୁଲିସ, ଭ୍ୟାନ୍ କର୍ମଚାରୀ ଏବଂ ଅଧିକାରୀମାନେ ଲୋକଙ୍କ ସେବାକୁ ଗୁରୁତ୍ୱ ଦେଉନାହାନ୍ତି।

ରାତିରେ କେହି ଅଭିଯୋଗ ନେଇ ଥାନାକୁ ଗଲେ ପୁଲିସର ସହଯୋଗ ମିଳିବା ଦୂରର କଥା, ଥାନାରେ ପୋକ ମାଛିଙ୍କୁ ବି ଦେଖିବାକୁ ମିଳୁନି। କାରଣ ପୁଲିସ ଅନ୍ୟର ସୁରକ୍ଷା ନୁହେଁ ନିଜର ସୁରକ୍ଷା ଚାହୁଁଛି। ଗ୍ରାମାଞ୍ଚଳ ଥାନା ଭଳି ରାଜଧାନୀରେ ପୁଲିସ ଏଠାରେ ଥାନା ଗେଟ୍ ତାଲା ପକାଇ ଶୋଇ ପଡୁଥିବାବେଳେ ଆଉ କେଉଁଠି ତାଟି କବାଟ ପକାଇ ଦେଉଛି। ଯଦି କେହି ଥାନାକୁ ଯାଉଛି, ତେବେ ଅଧଘଣ୍ଟା ଧରି ସେ ଗେଟ୍ ପଟିବା ପରେ ପୁଲିସ ନିଦ ବାଉଳାରୁ ଉଠି ଆସୁଛି। କ'ଣ ପାଇଁ ଆସିଛ, ଛୋଟ କେସ୍ କି ବଡ଼ କେସ୍, ଆଦି ଅନେକ କଥା ପଚାରି ବୁଝୁଛନ୍ତି। କିଛି ସମୟ ଫୋନ୍‌ରେ ବଡ଼ ବାବୁଙ୍କ ସହ କଥା ହେବା ପରେ ଥାନାରେ କହି ନାହାନ୍ତି। ସକାଳୁ ଆସ ଅଭିଯୋଗ କରିବ ବୋଲି କହି ବିଦା କରି ଦେଉଛନ୍ତି।

ଜଣେ ମହିଳାଙ୍କୁ ଅପରାଧୀମାନେ ରାତିରେ ଗୋଡ଼ାଇଲେ କିମ୍ବା ଅପହରଣ କରିବାକୁ ଉଦ୍ୟମ କଲାବେଳେ ସହଯୋଗ ପାଇ ପାରୁନଥିବା ଦେଖିବାକୁ ମିଳୁଛି। ରାଜଧାନୀର କିଛି ଥାନା ରାତି ୧୦ଟା ହେଲା ମାତ୍ରେ ଦୋକାନ ସଟର ପରି ଗେଟ୍ ତାଲା ପଡୁଥିବାବେଳେ ହାତଗଣତି ଥାନା ଖୋଲା ରହୁଛି। ଯେଉଁ ଥାନା ରାତିରେ ଖୋଲା ରହୁଛି ତାହା ପୁଣି ଭଗବାନଙ୍କ ଭରସାରେ। କାରଣ ଥାନାରେ ଥିବା ଡିସିଓ, ସେଣ୍ଟ୍ରି ଏବଂ ଅନ୍ୟ ବାବୁମାନେ ନିଘୋଡ଼ ନିଦ୍ରାରେ ଶୋଇ ପଡୁଛନ୍ତି। ତାହା ପୁଣି ଏସି ରୁମ୍‌ରେ। ଲୋକଙ୍କ ସୁରକ୍ଷା ଦୂରର କଥା, ସେମାନଙ୍କ ନିଦ୍ରାଟା ଠିକ୍ ଢଙ୍ଗରେ ହେବା ଆବଶ୍ୟକ। ଏହି ସମୟରେ ଥାନାରୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଏବଂ ଜବତ ସାମଗ୍ରୀ ଚୋରି ହେବାର ଆଶଙ୍କା ମଧ୍ୟ ରହିଛି। କାରଣ ଥାନାରେ ସମସ୍ତେ ଶୋଇ ପଡୁଥିବାରୁ ଜଣେ ବ୍ୟକ୍ତି ସହଜରେ ଥାନା ଭିତରେ ପଶି ଗୁରୁତ୍ୱପୂର୍ଣ୍ଣ ଫାଇଲ୍, କମ୍ପ୍ୟୁଟରରୁ ଅନେକ ଡକ୍ୟୁମେଣ୍ଟକୁ କାଟି ଦେଇ ପାରିବ।

- ଭଗବାନଙ୍କ ଭରସାରେ ଥାନା, ନିଘୋଡ଼ ନିଦ୍ରାରେ ଡିସିଓ ଓ ସେଣ୍ଟ୍ରି
- ପାଟ୍ରୋଲିଂ ଢିଲା; ପିସିଆର ଭ୍ୟାନ୍ ରଖି ଶୋଉଛି ପୁଲିସ
- ଆହତଙ୍କୁ ତୁରନ୍ତ ମେଡିକାଲ ନେବାରେ ବିଫଳ ଭ୍ୟାନ୍
- ଅଧା ରାସ୍ତାରେ ଭ୍ୟାନ୍‌କୁ ଠେଲୁଛନ୍ତି ପୁଲିସ କର୍ମଚାରୀ

ଥାନାର ସ୍ଥିତି ପରଖିବା ପାଇଁ ନୂଆପଲ୍ଲୀ ଥାନା ଯାଇଥିଲୁ। ସେଠାରେ ଯାହା ଦେଖିବାକୁ ମିଳିଲା ଆଶ୍ଚର୍ଯ୍ୟ କଲାଭଳି। କାରଣ ଥାନାରେ ରାତି ଗୋଟାଏବେଳେ ଡିସିଓ ଗୋଡ଼, ହାତ ଲମ୍ବାଇ ଶୋଇ ପଡ଼ିଥିବାବେଳେ ସେଣ୍ଟ୍ରି ମଧ୍ୟ ଶୋଇପଡ଼ିଛନ୍ତି। ଅଭିଯୋଗ ରଖିବାକୁ ଡାକିଲେ ମଧ୍ୟ କେହି ଶୁଣୁନାହାନ୍ତି। ବରଂ ନିଦ ବାଉଳାରେ ଉଠି କ'ଣ ଅଭିଯୋଗ ହୋଇଛି ସକାଳୁ ଆସ ଦେଖିବା ବୋଲି କହୁଛନ୍ତି। କେବଳ ଥାନା କର୍ମଚାରୀ ନୁହେଁ ଯେଉଁମାନେ ଲୋକଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଛନ୍ତି ସେମାନେ ମଧ୍ୟ ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉନାହାନ୍ତି। ସେମାନେ ରାତିରେ ନିଶା ସେବନ କରି ଗଛମୂଳେ ଗାଡ଼ି ରଖି ଶୋଇ ପଡୁଛନ୍ତି। ଯାହାର ଫାଇଦା ନେଉଛନ୍ତି ଅପରାଧୀ। ବନ୍ଧୁକ, ଖଣ୍ଡା ଦେଖାଇ ଲୁଟ୍‌ପାଟ କରୁଛନ୍ତି। ରାତିରେ ଏକାଧିକ ପିସିଆର୍‌ର କର୍ମଚାରୀ ଶୋଇ ପଡୁଥିବା ମଧ୍ୟ ଦେଖିବାକୁ ମିଳୁଛି।

କେବଳ ଏହି ଘଟଣା ନୁହେଁ ପୁଲିସ ମଧ୍ୟ ଗୁରୁତର ଲୋକଙ୍କୁ ବଞ୍ଚାଇବାରେ ବିଫଳ ହେଉଛି। କାରଣ ଏଠାରେ ଗଡୁଥିବା ପିସିଆର ଭ୍ୟାନ୍‌ର ଫିଟ୍‌ନେସ୍ ଗଲାଣି। କେଉଁଠି ଦୁର୍ଘଟଣା ଘଟିଲେ ଆହତଙ୍କୁ ମେଡିକାଲ ନେବାକୁ ଫୋନ୍ କଲେ ପୁଲିସ ଭ୍ୟାନ ଆସୁଛି ସତ, କିନ୍ତୁ ଘଟଣା ସ୍ଥଳରେ ପହଞ୍ଚିବା ତାଙ୍କ ହାତରେ ନାହିଁ। କାରଣ ଅଧା ରାସ୍ତାରେ ପୁଲିସ ଭ୍ୟାନ୍‌ରୁ ତେଲ ଶେଷ ହୋଇଯାଉଛି ତ ଆଉ କେଉଁଠି ଗାଡ଼ି ଇଞ୍ଜିନ୍ ଖରାପ ହୋଇଯାଉଛି। ଯାହାଫଳରେ ରାସ୍ତା ମଝିରେ ପୁଲିସ ନିଜେ ପଛରୁ ଗାଡ଼ି ଠେଲି ଠେଲି ଗ୍ୟାରେଜ୍‌କୁ ନେଉଥିବା ଦେଖିବାକୁ ମିଳୁଛି। କିଛି ପିସିଆର୍ କର୍ମଚାରୀଙ୍କୁ ପଚାରିବାରୁ ଜଣାପଡ଼ିଛି ଏକାଧିକ ଗାଡ଼ିର ଫିଟ୍‌ନେଟ୍ ଶେଷ ହୋଇଗଲାଣି। କାମ ଚଳାଭାବେ ଏହି ଭ୍ୟାନ୍‌ଗୁଡ଼ିକ ଥାନାରେ ରଖାଯାଇଛି। ନା ଏହି ଭ୍ୟାନ୍ ଚୋର ଧରି ପାରୁଛି ନା ଲୋକଙ୍କୁ ସେବା ଯୋଗାଇପାରୁଛି। କହିବାକୁ ଗଲେ ଆମ କମିସନରେଟ୍ ପୁଲିସ ଏବେ ଏକ ପ୍ରକାର କାଗଜ ବାଘ ପାଲଟିଛି। ଲୋକଙ୍କ ସୁରକ୍ଷା ବୁଝିବା ବଦଳରେ କେବଳ ନିଜର ପ୍ରସାର ପ୍ରଚାରରେ ଲାଗିପଡ଼ିଛି। ପୁଲିସ ନିଜର ଦୁର୍ବଳତା ସଜାଡ଼ି ଲୋକଙ୍କୁ କିଭଳି ଉତ୍ତମ ସେବା ଯୋଗାଇ ପାରିବ ସେ ନେଇ ଡିଜି କଡ଼ା ନିର୍ଦ୍ଦେଶ ଦିଅନ୍ତୁ ବୋଲି ସହରର ବୁଦ୍ଧିଜୀବୀ ମତ ଦେଉଛନ୍ତି।

## ଓୟୋରେ ମହିଳାଙ୍କୁ ଦୁର୍ବ୍ୟବହାର କରି ଟଙ୍କା ଲୁଟ୍; ୩ ଗିରଫ



ଭୁବନେଶ୍ୱର,୩୧।୮ (ସମିସ): ଓୟୋ ହୋଟେଲରେ ମହିଳାଙ୍କୁ ଦୁର୍ବ୍ୟବହାର କରି ଟଙ୍କା ଲୁଟ୍ ଘଟଣାରେ ୩ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ନିଆଳି ଥାନା ଅଞ୍ଚଳର ଅଂଶୁମାନ ସାଗର ଆପଟ ଓରଫ୍ ସାଗର (୨୩), ବିଶ୍ୱଜିତ ଜେନା ଓରଫ୍ ରଞ୍ଜନ (୨୦) ଓ ବାଙ୍କୀ କରବର ଗାଁର ପିଣ୍ଟନ କୁମାର ଦଳେଇ ଓରଫ୍ ଚାପଡ଼ (୨୯)। ପୁଲିସ ସୂଚନା ଅନୁସାରେ, ଗତ ଜୁଲାଇ ୨୭ ତାରିଖ ଦିନ ରାଣିକା ଦାଶ ଜଗମୋହନ ନଗର ସ୍ଥିତ ହାଉସଫୁଲ ଓୟୋରେ ଜନ୍ମଦିନ ପାଳନ କରୁଥିଲେ। ସେହି ସମୟରେ ସାଗର, ରଞ୍ଜନ ଓ ପିଣ୍ଟନ ହୋଟେଲରେ ପହଞ୍ଚି ମାଲିକଙ୍କୁ ଖୋଜିଥିଲେ। ମାଲିକ ନଥିବାରୁ ସେଠାରେ ଜନ୍ମଦିନ ପାଳନ କରୁଥିବା ରାଣିକା ଓ ତାଙ୍କ ସାଙ୍ଗମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ମାରଣାସ୍ତ୍ର ଦେଖାଇ ସହ ତାଙ୍କ ଠାରୁ ୨୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଯିବାବେଳେ ହୋଟେଲ କର୍ମଚାରୀଙ୍କୁ ମାଡ଼ ମାରି ୧୫ ଲକ୍ଷ ଟଙ୍କା ଲକ୍ଷ ଦାଦା ବଟି ମାଗିଥିଲେ। ଏନେଇ ରାଣିକା ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜରୁ ଅଭିଯୁକ୍ତମାଙ୍କୁ ଚିହ୍ନଟ କରିଥିଲା। ଆଜି ବରମୁଣ୍ଡା ବସଷ୍ଟାଣ୍ଡରୁ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ବାଇକରେ ଜବତ କରିଛି। ପୂର୍ବରୁ ପିଣ୍ଟନ ନାମରେ ସହିଦନଗର ଥାନାରେ ୭ଟି, ଖାରବେଳ ନଗର ଥାନାରେ ୪ଟି ଓ ମଞ୍ଚେଶ୍ୱର ଥାନାରେ ୩ଟି ମାମଲା ରହିଥିବା ଜଣାପଡ଼ିଛି। ସେହିଭଳି ଅଭିଯୁକ୍ତ ଅଂଶୁମାନ ଓ ବିଶ୍ୱଜିତ ନାଁ ରେ ନୂଆପଲ୍ଲୀ ଓ ନିମାପଡ଼ା ଥାନାରେ ଗୋଟିଏ ଲେଖାଁଏ ମାମଲା ରହିଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି।

## ପୋଖରୀରୁ ଯୁବକଙ୍କ ମୃତଦେହ ଠାବ

ଭୁବନେଶ୍ୱର, ୩୧।୮ (ସମିସ): ଭଗବାନପୁର ଅଞ୍ଚଳରେ ଥିବା ଏକ ପୋଖରୀରୁ ଯୁବକଙ୍କ ମୃତଦେହ ଠାବ କରିଛି ତମାଣ୍ଡୋ ଥାନା ପୁଲିସ। ମୃତକ ହେଉଛନ୍ତି ରଣସିଂହପୁରର ଦେବେନ୍ଦ୍ର ଦାସ ଓରଫ୍ ସରଜୁ (୩୮)। ପୁଲିସ ସୂଚନା ଅନୁସାରେ, ରଣସିଂହପୁରର ସରଜୁ ଶ୍ରମିକ ଭାବେ କାମ କରୁଥିଲେ। ଆଜି ସକାଳୁ ଘରୁ ବାହାରିଥିଲେ ମଧ୍ୟ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଫେରିନଥିଲେ। ଦ୍ୱିପହର ସମୟରେ ଭଗବାନପୁର ଅଞ୍ଚଳରେ ଥିବା ପୋଖରୀରେ ମୃତଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ସରଜୁ ବାତ ରୋଗରେ ପୀଡ଼ିତ ଥିଲେ ବୋଲି ପରିବାର ଲୋକଙ୍କ ଠାରୁ ପୁଲିସ ଜାଣିବାକୁ ପାଇଛି। ସମ୍ପର୍କୀୟ ଭଉଣୀଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ୍ୟୁର କାରଣ ଜଣା ପଡ଼ିନଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।

## ଗଣେଶ ଭସାଣିବେଳେ ଗୋଷ୍ଠୀ ସଂଘର୍ଷ



ଭୁବନେଶ୍ୱର,୩୧।୮ (ସମିସ): ରାଜଧାନୀର ଦୁଇଟି ସ୍ଥାନରେ ଗଣେଶ ମୂର୍ତ୍ତି ଭସାଣିବେଳେ ଗଣ୍ଡଗୋଳ ଘଟିଛି। ୟୁନିଟ୍ ୯ ମହାରାଜା ବସ୍ତି ନିକଟରେ ଭସାଣି ଶୋଭାଯାତ୍ରା ଯାଉଥିବାବେଳେ କିଛି ଯୁବକ ଜଣେ ବ୍ୟକ୍ତିଙ୍କ ଘରେ ପଶି ପରିବାର ଲୋକଙ୍କ ମାରପିଟ କରିଥିଲେ। ପରିବାର ଲୋକେ ବିରୋଧ କରିବାରୁ ଗଣ୍ଡଗୋଳ ତୀବ୍ର ହୋଇଥିଲା। ଏଥିରେ ସଂପୃକ୍ତ ପରିବାର ସଦସ୍ୟ ଓ କିଛି ଯୁବକ ଆହତ ହୋଇଥିବାବେଳେ ପୁଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

ସେହିପରି ପାତ୍ରପଡ଼ା ଅଞ୍ଚଳରେ ଆଜି ଗଣେଶ ପୂଜା ଭସାଣିବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଏକାଧିକ ଯୁବକ ଆହତ ହୋଇଛନ୍ତି। ଭସାଣି ଶୋଭାଯାତ୍ରା ସହ ମେଢ଼ ପୂର୍ବତନ ସରପଞ୍ଚଙ୍କ ଘର ନିକଟରେ ହୋଇଥିବା ବେଳେ ବିପକ୍ଷ ଗୋଷ୍ଠୀର ଲୋକମାନେ ଅଟକାଇଥିଲେ। ଏହାପରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। ଉଭୟପକ୍ଷର ମହିଳାମାନେ ମଧ୍ୟ ମାରପିଟ୍ ହୋଇଥିଲେ। ଭସାଣି କରୁଥିବା ଗୋଷ୍ଠୀର ଜୀବନ ସାମନ୍ତରାୟ ଆହତ ହୋଇଥିବାବେଳେ ଅପରପକ୍ଷର ଲୋକ ମଧ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଜୀବନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ୨୦୧୫ ମସିହା ଜୁନ୍ ମାସରେ ଏକ ହତ୍ୟାକାଣ୍ଡ ଘଟିଥିଲା। ସେବେଠାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ସେହି ବିବାଦରୁ ଆଜି ଏଭଳି ଗୋଷ୍ଠୀ ସଂଘର୍ଷ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ଜାଣିବାକୁ ପାଇଛି।

### ବିଏମ୍‌ସିର ସ୍ୱାୟତ୍ତ ଶାସନ ଦିବସ

# ୨୭ ପ୍ରକଳ୍ପ ଉଦ୍‌ଘାଟିତ, ୨ଟିର ଭିତ୍ତିପ୍ରସ୍ତର ସ୍ଥାପନ

**୮ ଶହ ଏକର ଜମିରେ ଗଠନ ହେବ ନୂଆ ଭୁବନେଶ୍ୱର ■ ୩ ଶହ କୋଟି ଟଙ୍କା ବ୍ୟୟରେ ନବୀକରଣ ହେବ ନିକ୍ଷୋଜ ପାର୍କ**

ଭୁବନେଶ୍ୱର, ୩୧।୮ (ସମିସ):



ସ୍ୱାୟତ୍ତ ଶାସନ ଦିବସ ଅବସରରେ ବିଏମ୍‌ସି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସକାଳ ୮ଟାରେ ବିଏମ୍‌ସି ମୁଖ୍ୟାଳୟରେ ମେୟର ସୁଲୋଚନା ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମେୟର ଓ କମିସନ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଅଧ୍ୟକ୍ଷା ଓ କର୍ପୋରେଟରଙ୍କ ଉପସ୍ଥିତିରେ ମୋଟ ୨୪ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିବା ବେଳେ ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ବିଏମ୍‌ସିରୁ ଅବସର ଗ୍ରହଣ କରିଥିବା ୪ଜଣ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଅପରପକ୍ଷେ ଅଗଷ୍ଟ ୧୫ ତାରିଖରୁ ଆରମ୍ଭ ହୋଇଥିବା ଗରିମା ଅଧୀନରେ ଆଇନଗତ ସଫେଇ, ସୁରକ୍ଷିତ ସଫେଇ ଅଭିଯାନର ଉଦ୍‌ଯାପନ ଦିବସ। ଏହି ଉଦଯାପନ ଦିବସ ଅବସରରେ ବିଏମ୍‌ସି ନେତୃବୃନ୍ଦ ଏବଂ କର୍ମଚାରୀ ଶପଥ ପତ୍ର ଉପରେ ଦସ୍ତଖତ କରିଥିଲେ। ବିଏମ୍‌ସି ଡାକ୍ତରଖାନା ଓ ଆଶ୍ରୟସ୍ଥଳିରେ ଫଳ ବଣ୍ଟନ କରାଯାଇଥିଲା। ଏହି ପ୍ରକାର ୟୁନିଟ୍ ଦେଶର ହାତ ଗଣତି କେତୋଟି ସହରରେ ରହିଛି ଏବଂ ଏହା ଆମ ରାଜ୍ୟରେ ପ୍ରଥମ। ଏହା ବ୍ୟତୀତ ହ୍ୱାଟ୍ସଆପ ମାଧ୍ୟମରେ ବିଏମ୍‌ସି ଅଞ୍ଚଳ ଲୋକଙ୍କ ଅଭିଯୋଗ ଶୁଣିବା, ସେମାନଙ୍କର ସମସ୍ୟା ସମାଧାନ କରିବା, ଲୋକେ ବିଏମ୍‌ସି କାର୍ଯ୍ୟାଳୟକୁ ନ ଆସି ନିଜ ମୋବାଇଲରେ ସମସ୍ତ ପ୍ରକାର ଟାକ୍ସ ପ୍ରଦାନ କରିବା ଆଦି କାର୍ଯ୍ୟ ଘରେ ବସି କରିପାରିବେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଜରିଆରେ ହୋଇଥିବା ଏହି ମୋବାଇଲ ଆପକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଆଜି ଲୋକାର୍ପଣ କରିଛନ୍ତି।

ଜୟଦେବ ଭବନଠାରେ ଆୟୋଜିତ ସନ୍ଧ୍ୟା ଅଧିବେଶନର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ୩ଶହ କୋଟି ଟଙ୍କା ବ୍ୟୟରେ ନିକୋପାର୍କର ନବିକରଣ କରାଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଘୋଷଣା କରିଛନ୍ତି। ଏହାସହ ବିଏମସିର କର୍ମଚାରୀ ସଂଖ୍ୟା ବୃଦ୍ଧି କରିବା ଏବଂ ମଧ୍ୟବିତ୍ତ ପରିବାରର ଲୋକଙ୍କୁ ସ୍ୱଳ୍ପ ମୂଲ୍ୟରେ ଘର ଯୋଗାଇ ଦେବାକୁ ସେ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳରୁ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ପଦ୍ମଶ୍ରୀ ପ୍ରଫେସର ଡକ୍ଟର ଅଶୋକ କୁମାର ମହାପାତ୍ର, ପଦ୍ମଶ୍ରୀ ଅଦ୍ୱୈତ ପ୍ରସାଦ ଗଡନାୟକ, ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀର, ପଦ୍ମଶ୍ରୀ ଡକ୍ଟର ପ୍ରତିଭା ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଚଳିତ ବର୍ଷ ଅରୁଣ କୁମାର ମହାନ୍ତି, ନିରାକାର ସାହୁ, ମନୋରଂଜନ ମହାନ୍ତି, ସୁନାରମ ସିଂ, ଗିରିଜା ନନ୍ଦନ ମହାନ୍ତି, ରୋହିତାସ୍ୱ ଦଳାଇଙ୍କୁ ନଗର ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଫାଲକନ ରେସିଡେନ୍ସି, ବାଲାଜୀ ରେସିଟେଣ୍ଟସ ୱେଲଫେୟାର ସୋସାଇଟ୍, ଶ୍ରୀକ୍ଷେତ୍ର ଗ୍ରୀନଉଡ୍ ଆବାସିକ ସଂଗଠନକୁ ମଧ୍ୟ ସେମାନଙ୍କର ସେବାମୂଳକ କାର୍ଯ୍ୟକଳାପ ପାଇଁ ସମ୍ମାନିତ କରାଯାଇଛି।

ବିଏମ୍‌ସି ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷ, ଅନୁଷ୍ଠାନକୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରପକ୍ଷେ ସହରରେ ଥିବା ସମସ୍ତ ପାର୍କରେ, ବିଭିନ୍ନ ପ୍ରତିଯୋଗିତା, ଯୋଗାଭ୍ୟାସ, ନୃତ୍ୟ, କ୍ରୀଡା ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଅତିରିକ୍ତ କମିସନର ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ।

ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ୟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ଅଧ୍ୟକ୍ଷା, ସମସ୍ତ କର୍ପୋରେଟର, ବିଏମ୍‌ସିର ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।



ଚୀନ୍‌ର ଟିଆନ୍‌ଜିନ୍‌ରେ ଅନୁଷ୍ଠିତ ଏସ୍‌ସିଓ ଶିଖର ସମ୍ମିଳନୀରେ ବିଶ୍ୱନେତାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ଜୀବନ ହାରିଲେ ୟୁଟ୍ୟୁବ୍ ବ୍ଲଗର୍‌ଙ୍କ ସାନ ଭାଇ

ଭୁବନେଶ୍ୱର, ୩୧।୮ (ସମିସ): ଜଣାଶୁଣା ୟୁ-ଟ୍ୟୁବ୍ ବ୍ଲଗର୍ ସନ୍ଦୀପ କୁମାର ଦାସଙ୍କ ସାନ ଭାଇ ସନ୍ଦେଶ ଦାସ ଆଜି ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଛନ୍ତି। ପୁନାମା ଗେଟ୍ ନିକଟ

- ବାଇକ୍ ରଖି ଚଳନ୍ତା ଟ୍ରେନ୍ ଆଗକୁ ଡେଇଁପଡ଼ିଲେ
- ପ୍ରେମ ପାଇଁ ଜୀବନ ହାରିଥିବା ପରିବାରଲୋକଙ୍କ ସନ୍ଦେହ

ରେଲୱେ କ୍ରସିଂ ନିକଟରେ ସେ ବାଇକ୍ ରଖି ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପୁଲିସ୍ ତାଙ୍କ କ୍ଷତବିକ୍ଷତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସନ୍ଦେଶଙ୍କ ବାଇକ୍ ଏବଂ ପର୍ସ ପୁଲିସ ଜବତ କରିଛି। ସନ୍ଦେଶ ଶେଷଥର କାହା ସହ କଥା ହୋଇଛନ୍ତି, ସେନେଇ ପୁଲିସ ତାଙ୍କ ମୋବାଇଲ୍ ସିଡିଆର୍ ମଗାଇଛି। ପ୍ରେମ ପାଇଁ ସନ୍ଦେଶ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରୁଛି।

ସନ୍ଦେଶଙ୍କ ଘର ଢେଙ୍କାନାଳରେ ହୋଇଥିବା ବେଳେ ଦୁଇ ଭାଇ ସତ୍ୟନଗରରେ ରହି ଜମାଟୋରେ କାମ କରୁଥିଲେ। ୪ ଦିନ ତଳେ ଝଗଡ଼ା ହେବାରୁ ସନ୍ଦେଶ ଗାଁକୁ ପଳାଇଥିଲେ। ତାଙ୍କ ମାନସିକ ସ୍ଥିତି ଭଲ ନଥିଲା। ଆଜି ସେ ଘରୁ ଭୁବନେଶ୍ୱର ଆସିଥିଲେ। ସକାଳୁ ଭାଇ ସହ ଦେଖା ହେବା ପରେ ଗାଡ଼ି ନେଇ ପଳାଇ ଯାଇଥିଲେ। ସକାଳ ପ୍ରାୟ ସାଢ଼େ ୬ଟାରେ ପୁନାମା ଗେଟ୍ ନିକଟରେ ଗାଡ଼ି ରଖି ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସନ୍ଦେଶଙ୍କ ଆତ୍ମହତ୍ୟା ପଛରେ ଅନେକ ରହସ୍ୟ ରହିଥିବାରୁ ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ଖୋଳତାଡ଼ କରୁଛି। ସନ୍ଦେଶଙ୍କ ଭାଇ ଏବଂ ପରିବାରଲୋକଙ୍କୁ ରେଲୱେ ପୁଲିସ ପଚରାଉଚରା କରିବ ବୋଲି ଜଣାଯାଇଛି।

# ମଝି ଆକାଶରେ ଜୀବନ ବଞ୍ଚାଇଲେ

## ଚର୍ଚ୍ଚାରେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଜ୍ୟୋତିର୍ମୟ



କଟକ, ୩୧।୮ (ସମିସ): ଏକ ଉଡ଼ନ୍ତା ବିମାନରେ ଜଣେ ରୋଗୀର ଜୀବନ ରକ୍ଷା କରି ଚର୍ଚ୍ଚାକୁ ଆସିଛନ୍ତି ଏସ୍‌ସିବି ମେଡିକାଲର ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକ। ଇଣ୍ଡିଗୋ ବିମାନ ଯୋଗେ ସେ ଦିଲ୍ଲୀ ଯାତ୍ରା କରୁଥିଲେ। ମଝି ଆକାଶରେ ଜଣେ ଯାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। କିଛି ସମୟ ପରେ ଯାତ୍ରୀଜଣଙ୍କ ଚେତାଶୂନ୍ୟ ହୋଇଯାଇଥିଲେ। ତେବେ ସେହି ବିମାନରେ ଦିଲ୍ଲୀ ଯାଉଥିବା ଡାକ୍ତର ନାୟକ ତୁରନ୍ତ ଯାତ୍ରୀଙ୍କୁ ସିପିଆର୍ ଦେଇ ତାଙ୍କ ଜୀବନ ବଞ୍ଚାଇଥିଲେ। ବିମାନ ଅବତରଣ କରିବା ପରେ ସମ୍ପୃକ୍ତ ଯାତ୍ରୀଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ସହ ଡାକ୍ତର ନାୟକଙ୍କୁ ଅନେକ ସାଧୁବାଦ ଜଣାଇଛନ୍ତି।

# ବିଧାନସଭା ସମୟରେ ଆନ୍ଦୋଳନ କରିବ ପ୍ରାଥମିକ ଶିକ୍ଷକ ସଂଘ

ଭୁବନେଶ୍ୱର, ୩୧।୮ (ସମିସ): ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରାଯାଉନାହିଁ। ଖାଲି ପଦ ପୂରଣ କରିବାକୁ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଅପରପକ୍ଷେ ଚଳିତ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷାନୀତି ଲାଗୁ କରିଛନ୍ତି। ନାହିଁନାହିଁରେ ଚାଲୁଥିବା ପ୍ରାଥମିକ ବିଦ୍ୟାଳୟର ଦୁରବସ୍ଥା ଦୂର କରିବା ସହ ଶିକ୍ଷକଙ୍କ ବିଭିନ୍ନ ଦାବିକୁ ପୂରଣ କରାନଗଲେ ଆସନ୍ତା ବିଧାନସଭା ସମୟରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛି। ସଂଘ ପକ୍ଷରୁ ଆହୁରି କୁହାଯାଇଛି ଯେ ଶିଶୁବାଟିକା ଖୋଲିଥିଲେ ମଧ୍ୟ ଶିଶୁ ସେବିକା ନିଯୁକ୍ତି କରିନାହାନ୍ତି। ଫଳରେ ଶିକ୍ଷକଙ୍କ ଉପରେ କାର୍ଯ୍ୟଚାପ ବଢ଼ୁଛି। ସେହିପରି ୩୦ରୁ ଅଧିକ ପିଲା ଥିଲେ ଯାଇ ଶିଶୁ ସେବିକା ନିଯୁକ୍ତି କରିବାକୁ ମାନଦଣ୍ଡ ଧାର୍ଯ୍ୟ କରାଯାଇଛି। ଫଳରେ ଜଣେ ହେଲେ ନିଯୁକ୍ତି ପାଇପାରିବେନାହିଁ ବୋଲି ପ୍ରାଥମିକ ଶିକ୍ଷକ ସଂଘ ଅଭିଯୋଗ କରିଛି। ଏଣୁ ଏହାକୁ ପରିବର୍ତ୍ତନ କରିଯାଇ ଅତି କମ୍‌ରେ ୧୦ଟି ପିଲା ଥିବା ବିଦ୍ୟାଳୟରେ ଜଣେ ଶିଶୁସେବିକା ନିଯୁକ୍ତି ଦେବାକୁ ସଂଘ ଦାବି କରିଛି।

ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିର୍ବାଚନ ପୂର୍ବରୁ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା, ସ୍କିମାଟିକ ଶିକ୍ଷକଙ୍କୁ ନିୟମିତ ଶିକ୍ଷକର ମାନ୍ୟତା, ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ନୋସନାଲ ଇନ୍‌କ୍ରିମେଣ୍ଟ ସହ ମୂଳ ଚାକିରିରେ ଗଣନା, ପୁରୁଣା ପେନସନ୍ ଓ ସ୍ୱାସ୍ଥ୍ୟବୀମା ପ୍ରଦାନ କରିବାକୁ ଦେଇଥିବା ପ୍ରତିଶ୍ରୁତିକୁ ପୁଣିଥରେ ମନେ ପକାଇବା ସହ ତୁରନ୍ତ ପୂରଣ କରିବାକୁ ଦାବି କରିଛନ୍ତି। ଗୁରୁଦିବସରେ ଏସବୁ ଦାବି ସରକାର ପୂରଣ ନ କଲେ ବିଧାନସଭା ଅଧିବେଶନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା, ଯୁଗ୍ମ ସାଧାରଣ ସମ୍ପାଦକ ଅଗାଧୁ ସେଠୀ, କୋଷାଧ୍ୟକ୍ଷ ଗୋପାଳ ସେନ, ସଂଗଠନ ସମ୍ପାଦକ କେଶବ ଚନ୍ଦ୍ର ଦଳାଇ, କାର୍ଯ୍ୟକାରୀ ସଭାପତି ଧରଣୀଧର ମଲ୍ଲିକ, ଶ୍ରୀକାନ୍ତ ବାରିକ, ଚିନ୍ତାମଣି ପାଢ଼ୀ ପ୍ରମୁଖ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ■ ସତ ନୁହେଁ ଉଦଳା ଗଣଦୁଷ୍କର୍ମ ଘଟଣା

# ଫସାଇବାକୁ ଜେଲ୍‌ରୁ ହୋଇଥିଲା ବ୍ଲୁ-ପ୍ରିଣ୍ଟ

ବାରିପଦା, ୩୧।୮ (ସମିସ): ସତ ନୁହେଁ ଉଦଳା ଗଣଦୁଷ୍କର୍ମ ଘଟଣା। ଜେଲ୍ ଚାରିକାନ୍ଥ ଭିତରୁ ଦୁଇ ଅଭିଯୁକ୍ତ ଏହାର ବ୍ଲୁ-ପ୍ରିଣ୍ଟ ରଚିଥିବା ବେଳେ ଅଭିଯୋଗକାରୀ ଯୁବତୀ ଓ ତାଙ୍କ ମା' ଏହି ଷଡ଼ଯନ୍ତ୍ରକୁ ରୂପ ଦେଇଥିଲେ। ଉଦଳା ପୁଲିସ୍ ଆଜି ଏହି ନାଟକର ପର୍ଦ୍ଦାଫାସ୍ କରିଛି। ଏହି ଘଟଣାରେ ଉଭୟ ଯୁବତୀ ଓ ତାଙ୍କ ମାଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ୍ କହିଛି। ନାଟକ ପଛର ଦୁଇ ମାଷ୍ଟରମାଇଣ୍ଡ ବାରିପଦା ଜେଲ୍ ଭିତରୁ ଏହାର ବ୍ଲୁ-ପ୍ରିଣ୍ଟ କରିଥିଲେ। ଦୁଇଟି ଭିନ୍ନ ମାମଲାରେ ଗିରଫ ହୋଇ ବାରିପଦା ଜେଲରେ ଥିବା କପ୍ତିପଦା ଅଞ୍ଚଳର ନାନା ସାଏ ଏବଂ ଶରତ ଅଞ୍ଚଳର ଶ୍ୟାମସୁନ୍ଦର ରଣା ତାଙ୍କ ନାମରେ ଅଭିଯୋଗ କରିଥିବା ଲୋକଙ୍କୁ ଫସାଇ ଜେଲ ପଠାଇବା ପାଇଁ କରିଥିଲେ ଏହି ମାଷ୍ଟରପ୍ଲାନ୍ ଏବଂ ଅଭିଯୋଗକାରୀ ଯୁବତୀ ଓ ତାଙ୍କ ମା' ଏହି ନାଟକ ରଚିଥିଲେ।

**ମା'-ଝିଅ ରଚିଥିଲେ ଷଡ଼ଯନ୍ତ୍ର**

ଶ୍ୟାମସୁନ୍ଦରଙ୍କ ଧରମ ଭଉଣୀ ବା ଗଣଦୁଷ୍କର୍ମ ଅଭିଯୋଗକାରୀ ଯୁବତୀଙ୍କ ମା'ଙ୍କୁ ଧରାଇଥିଲେ ମଙ୍ଗ। ଯୋଜନା ମୁତାବକ, ଯୁବତୀଙ୍କ ମାଆ ଦୀର୍ଘ ଦିନ ହେବ ସମସ୍ତ ଅଭିଯୋଗକାରୀଙ୍କ ତଥ୍ୟ ନେବା ପରେ ମା' ଏବଂ ଝିଅ ମିଶି ଦିନକ ପୂର୍ବରୁ ବାଙ୍ଗିରିପୋଷି ପୁଲିସ ନିକଟରେ ଶୁଣାଇଥିଲେ ଗଣଦୁଷ୍କର୍ମ କାହାଣୀ। ଯାହା ଶୁଣିବା ପରେ ଘଟଣାସ୍ଥଳକୁ ଆସିବା ସହିତ ଉଦଳା ପୁଲିସ ସହାୟତାରେ ଆରମ୍ଭ ହୋଇଥିଲା ତଦନ୍ତ। ସେପଟେ ଓମିନି ଗାଡ଼ିରେ ୫ଜଣ ଯୁବକ ତାଙ୍କୁ ଆଣି ଉଦଳାରେ ଗାଡ଼ି ଭିତରେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ଉଦଳା ପୁଲିସ ନିକଟରେ କହିଥିଲେ। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଦୁଇ ଯୁବକଙ୍କୁ ଥାନାରେ ଅଟକ ରଖିଥିଲା ଏବଂ ଘଟଣାର ଖିଅ ଖୋଜିଥିଲା। ଶେଷରେ ସାମ୍ନାକୁ ଆସିଲା ଏହି ସାଙ୍ଘାତିକ ସତ, ଗଣଦୁଷ୍କର୍ମର ଗପ ଶୁଣାଇବା ସହ ମା'-ଝିଅ ପୁଲିସକୁ ବାଟବଣା କରିଥିଲେ। ସେପଟେ ଘଟଣା ବାବଦରେ ମୁହଁ ଫିଟାଇ ନାହାନ୍ତି ଉଭୟ ଯୁବତୀ ଓ ତାଙ୍କ ମାଆ।

## ଏସ୍‌ଆଇଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଦୁର୍ନୀତିରେ ଉଚ୍ଚ ଅଧିକାରୀଙ୍କ ସଂପୃକ୍ତି ନେଇ ଆଲୋଚନା

କଟକ, ୩୧।୮ (ସମିସ): ଦେଶରେ କଳା ଟଙ୍କା କାରବାର ସଂପର୍କରେ ତଦନ୍ତ କରୁଥିବା ସ୍ପେସାଲ୍ ଇନଭେଷ୍ଟିଗେସନ୍ ଟିମ୍ (ଏସ୍‌ଆଇଟି) ର ଗୁରୁତ୍ୱପୂର୍ଣ୍ଣ ବେଠକ କଟକରେ ଅନୁଷ୍ଠିତ ହୋଇଛି। ନିକଟ ଅତୀତରେ ଦୁର୍ନୀତି ମାମଲାରେ ବହୁ ସଂଖ୍ୟାରେ ଉଚ୍ଚପଦସ୍ଥ ଅଧିକାରୀ ଧରାପଡ଼ିଛନ୍ତି। ଦୁର୍ନୀତି ନିବାରଣ ଆଇନ ମାମଲାରେ ଉଚ୍ଚପଦରେ ଅବସ୍ଥାପିତ ସରକାରୀ ଅଧିକାରୀ ରାଜ୍ୟରେ ଧରାପଡ଼ିବାର ଧାରା ନିକଟରେ ଦେଖିବାକୁ ମିଳିଛି। ଏପରି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ନିକଟରୁ ବିପୁଳ ପରିମାଣ ଟଙ୍କା ଓ ସଂପତ୍ତି ଜବତ କରାଯାଉଛି। ଦୁର୍ନୀତି ନିବାରଣ ଆଇନ ମାମଲାର ଅନ୍ୟ ଦିଗ ବିଷୟରେ ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଦୁର୍ନୀତି ମାମଲାରେ ଅଧିକାରୀ ନିଜ ପ୍ରକୃତ ଆୟ ସଂକ୍ରାନ୍ତରେ ପ୍ରକାଶ କରି ନଥାନ୍ତି, ପଦର ଅପବ୍ୟବହାର କରି ଟଙ୍କା ହାସଲ କରିଥାନ୍ତି, କେଉଁ ବିଭାଗରେ କେତେ ଦୁର୍ନୀତି ମାମଲା ଧରାପଡୁଛି, ତାହା ଅନୁଧ୍ୟାନ କରାଯାଉଛି। ଯେଉଁ ବିଭାଗରେ ଏପରି ଅଧିକ ମାମଲା ଧରାପଡୁଛି, ସେଠାରେ ଅଧିକ କଳାଧନ ରହିଛି। ତେଣୁ ଏଭଳି ବିଭାଗ ପ୍ରତି ଅଧିକ ଧ୍ୟାନ ଦିଆଯିବା ଉପରେ ଆଲୋଚନା ହୋଇଥିଲା। ଏସ୍‌ଆଇଟି ଉପାଧକ୍ଷ ଜଷ୍ଟିସ୍ ପଶାୟତଙ୍କ ଅଧକ୍ଷତାରେ ତାଙ୍କ ତେଲେଙ୍ଗାବଜାରସ୍ଥିତ ବାସଭବନରେ ଅନୁଷ୍ଠିତ ବେଠକରେ କେନ୍ଦ୍ର ଓ ରାଜ୍ୟ ସରାକରଙ୍କ ବିଭିନ୍ନ ବିଭାଗ ଓ ତଦନ୍ତକାରୀ ଏଜେନ୍ସିର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ଇଡି ଉପନିର୍ଦ୍ଦେଶକ, ଭିଜିଲାନ୍ସ ଏସପି, କ୍ରାଇମବ୍ରାଞ୍ଚ ଆଇଜି, ଆୟକର ବିଭାଗ ବରିଷ୍ଠ ଅଧିକାରୀ, ଅନ୍ୟ ତଦନ୍ତକାରୀ ଏଜେନ୍ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଜିଠୁ ରାଜ୍ୟରେ 'ସଂଗଠନ ସୃଜନ ଅଭିଯାନ' ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୩୧।୮ (ସମିସ): 'ସଙ୍ଗଠନ ସୃଜନ ଅଭିଯାନ'ରେ ରାଜ୍ୟରେ ସମସ୍ତ ସାଙ୍ଗଠନିକ ଜିଲ୍ଲା କଂଗ୍ରେସ ସଭାପତି ଚୟନ ନେଇ ଏଆଇସିସି ପକ୍ଷରୁ ନିଯୁକ୍ତ ଦୁଇଜଣ ପର୍ଯ୍ୟବେକ୍ଷକ ଆଜି ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବାଲେଶ୍ୱର ଓ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଚୟନ ନେଇ ଏଆଇସିସି ପର୍ଯ୍ୟବେକ୍ଷକ ଯଥାକ୍ରମେ ସାଂସଦ ଶ୍ରେୟାଶ ଏମ୍. ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ସ୍ୱାଗତ କରାଯିବା ସହ ଉକ୍ତ ଜିଲ୍ଲାଦ୍ୱୟରେ କିପରି ସଭାପତି ଚୟନ ପ୍ରକ୍ରିୟା ସୁରୁଖୁରୁରେ ହେବ, ସେନେଇ ନିଯୁକ୍ତ ପିସିସି ପର୍ଯ୍ୟବେକ୍ଷକମାନେ ଦୃଷ୍ଟି ଦେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଅନୁରୋଧ କରିଛନ୍ତି। ଆସନ୍ତାକାଲିଠାରୁ ସେମାନେ ସଂପୃକ୍ତ ଜିଲ୍ଲା ଗସ୍ତ କରି ତୃଣମୂଳସ୍ତରର କଂଗ୍ରେସ କର୍ମୀଙ୍କଠାରୁ ଆରମ୍ଭ କରି ବରିଷ୍ଠ ନେତୃବୃନ୍ଦ ଏବଂ ବିଭିନ୍ନ ଜିଲ୍ଲା ପଦାଧିକାରୀଙ୍କ ସହ ତୃଣମୂଳ ସଂଗଠକକୁ ନେଇ ଆଲୋଚନା କରିବେ। ଜିଲ୍ଲା ସଭାପତି ଚୟନ ନେଇ ଏସଟି, ଏସସି, ଓବିସି, ମହିଳା, ଯୁବ ଏହିପରି ସମସ୍ତ ବର୍ଗରୁ ୬ ଜଣଙ୍କ ନାମ ଯେପରି ରହିବ, ସେମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ଏବଂ ସୁପାରିଶ କରିବେ। ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଏକ ଗ୍ରାଉଣ୍ଡ ରିପୋର୍ଟ ଏଆଇସିସିରେ ଦାଖଲ କରାଯିବା ପରେ ଜିଲ୍ଲାୱାରୀ ଜଣଙ୍କୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଭାବେ ଚୟନ କରାଯିବ। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖ ମଧ୍ୟରେ ସରିବ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି। ଆସନ୍ତାକାଲି ମଧ୍ୟ ଆଉ କିଛି ପର୍ଯ୍ୟବେକ୍ଷକ ଓଡ଼ିଶା ଗସ୍ତରେ ଆସି ପହଞ୍ଚିବେ ବୋଲି ଏକ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

**ଓଡ଼ିଶାରେ ପହଞ୍ଚିଲେ ଦୁଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ**

# ସୁନା ଝିଅ ରଶ୍ମିତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

କଟକ,୩୧।୮ (ସମିସ): ଶ୍ରୀନଗରରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ଓଡ଼ିଶା କାୟାକିଂ ଓ କାନୋଇଂ ଦଳ ରନର୍ସଅପ ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜ୍ୟ ଦଳରୁ

- ମନ୍ କି ବାତ୍ କାର୍ଯ୍ୟକ୍ରମରେ ଫୋନ୍ ଯୋଗେ କଥା ହେଲେ
- ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ଉତ୍ସବରେ ରଶ୍ମିତା ଜିତିଥିଲେ ଡବଲ୍ ସ୍ୱର୍ଣ୍ଣ

ପ୍ରତିନିଧିତ୍ୱ କରିବା ସହ କାନୋଇଂ ଇଭେଣ୍ଟରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିଲେ ଚୌଦ୍ୱାର ବଡ଼ବଜାର ନବଗ୍ରହ ସାହିର ଝିଅ ରଶ୍ମିତା ସାହୁ। ଆଜି ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁନା ଝିଅ ରଶ୍ମିତାଙ୍କ ସହ ଫୋନ୍ ଯୋଗେ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ୪ ମିନିଟ ୧୫ ସେକେଣ୍ଡର ବାର୍ତ୍ତାଳାପରେ




ରଶ୍ମିତାଙ୍କ ଖେଳ ଜୀବନ ବିଷୟରେ ବୁଝିବା ସହ ଭାରତ ନିମନ୍ତେ ପଦକ ଜିତିବା ପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ ପ୍ରେରଣା ଦେଇଥିଲେ।

୮ ବର୍ଷ ପୂର୍ବେ ରଶ୍ମିତା ବିରୂପା ନଦୀକୁ ଗାଧୋଇବାକୁ ଯାଇଥିବାବେଳେ କାନୋଇଂ ଆଥଲେଟଙ୍କୁ ଅଭ୍ୟାସ କରୁଥିବା ଦେଖିଥିଲେ। ସେବେଠାରୁ ଇଚ୍ଛା ହୋଇଥିଲା ଖେଳ ବିଷୟରେ ଜାଣିବା ଓ ଶିଖିବା ପାଇଁ। ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଅଭ୍ୟାସ ନେଇ ଏବେ ସେ ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। ପିତା ସୁରେନ୍ଦ୍ର ସାହୁ ସ୍ଥାନୀୟ ଅଞ୍ଚଳରେ ମାଛ ବ୍ୟବସାୟ କରନ୍ତି। ସେଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ମା ସବିତାଙ୍କ ପରଲୋକ ଘଟି ସାରିଛି। ୨୪ବର୍ଷୀୟା ରଶ୍ମିତା ଏବେ କିଟ୍‌ରେ ସ୍ନାତକ ପାଠ ପଢୁଛନ୍ତି। ଇତି ମଧ୍ୟରେ ସେ ୪୧ ପଦକ ଜିତି ସାରିଲେଣି। ଯେଉଁଥିରେ ୧୩ଟି ସ୍ୱର୍ଣ୍ଣ, ୧୪ଟି ଲେଖାଏ ରୌପ୍ୟ ଏବଂ କାଂସ୍ୟ ପଦକ ରହିଛି। ଏହି ସଫଳତା ଲାଗି ରଶ୍ମିତା ରାଜ୍ୟ କାୟାକିଂ ଓ କାନୋଇଂ ସଂଘର ସମ୍ପାଦକ ବିପିନ ଦାଶଙ୍କୁ ଶ୍ରେୟ ଦେଇଛନ୍ତି।

# ଚନ୍ଦ୍ରଶେଖରପୁରରେ 'ମନ୍ କି ବାତ୍' ଶୁଣିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୧।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଚନ୍ଦ୍ରଶେଖରପୁର ଶିଶୁ ବିହାରରେ ସ୍ଥାନୀୟ ଲୋକଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ୧୨୫ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ୍' ରେ ପ୍ରତ୍ୟେକ ଥର ପରି ସେ ବିଭିନ୍ନ କ୍ଷେତ୍ରର ସାଧାରଣ ଲୋକଙ୍କ ସଫଳତାକୁ ପ୍ରଶଂସା କରି ଲୋକଲୋଚନକୁ ଆଣିଥିଲେ। ଆଜି ପ୍ରଧାନମନ୍ତ୍ରୀ ଓଡିଆ ଝିଅ ରଶ୍ମିତା ସାହୁଙ୍କ ସହିତ କଥା ହୋଇ ତାଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ରଶ୍ମିତା ନିକଟରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ କାନୋଇଙ୍ଗ୍ (ଜଳକ୍ରୀଡା) ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦୁଇଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଓଡ଼ିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସହଯୋଗରେ ଜଗତପୁରର ସାଇ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଓଡ଼ିଶାର କ୍ରୀଡା ପ୍ରତିଭାମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ଦିଆଯାଉଛି। ରଶ୍ମିତା ମଧ୍ୟ ଜଗତପୁରରେ କାନୋଇଙ୍ଗ୍ ପ୍ରଶିକ୍ଷଣ ପାଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମଧ୍ୟ ଅନେକ ଦିନ ଧରି ଓଡିଶା କାୟାକିଙ୍ଗ୍ ଓ କାନୋଇଙ୍ଗ୍ ଆସୋସିଏସନର ସଭାପତି ଥିଲେ। ବର୍ତ୍ତମାନ ସେ ଏହି ସଂସ୍ଥାର ମୁଖ୍ୟ ପୃଷ୍ଠପୋଷକ ଅଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ ତଥା ସମାଜସେବୀ ରାଜେନ୍ଦ୍ର ବାରିକ, ବି.ବି. ମିଶ୍ର ଏବଂ ଶିଶୁ ବିହାର ଯୋଗ କେନ୍ଦ୍ରର ପ୍ରମୁଖ ବିଶ୍ୱନାଥ ନାୟକ, ଭାରତୀ ପ୍ରଧାନ ଓ ଏଲ୍.ଡି ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ରାଜଧାନୀରେ ପ୍ରତିଷ୍ଠା ହେବ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି

ଭୁବନେଶ୍ୱର,୩୧।୮ (ସମିସ): ସମଗ୍ର ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବା ପ୍ରଖ୍ୟାତ ଲେଖକ ମନୋଜ ଦାସଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଖୁବ୍‌ଶୀଘ୍ର ରାଜଧାନୀରେ ପ୍ରତିଷ୍ଠା ହେବ। ଖ୍ୟାତନାମା ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜଙ୍କ ଖଣ୍ଡଗିରିସ୍ଥିତ ୱାର୍କସପ୍‌ରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ

- ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ହେବ ସ୍ଥାନ ନିରୂପଣ
- ଜୋର୍‌ସୋର୍‌ରେ ଚାଲିଛି ମୂର୍ତ୍ତି ନିର୍ମାଣ

ଜୋରସୋର୍‌ରେ ଚାଲିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏହାକୁ ସ୍ଥାପନ କରାଯିବ। ଏଥିପାଇଁ ଖୁବ୍‌ଶୀଘ୍ର ଉପଯୁକ୍ତ ସ୍ଥାନ ନିରୂପଣ କରାଯିବ ବୋଲି ମନୋଜ ଦାସ ସ୍ମୃତି ସଂସଦର ସାଧାରଣ ସଂପାଦକ ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ୨ବର୍ଷ ତଳେ ଗୀତଗୋବିନ୍ଦ



ସଦନରେ ଆୟୋଜିତ ମନୋଜ ଦାସଙ୍କ ଜୟନ୍ତୀ ସଭାରେ ସ୍ମୃତି ସଂସଦ ପକ୍ଷରୁ ସଂସ୍କୃତି ବିଭାଗ ନିକଟରେ ଏହି ଦାବି କରାଯାଇଥିଲା। ପରବର୍ତ୍ତୀ ସମୟରେ ଲିଖିତ ଭାବେ ବିଭାଗକୁ ଜଣାଯାଇଥିଲା। ବାଣୀବିହାର ପରିସରରେ ମନୋଜ ଦାସଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଏବଂ ତାଙ୍କ ନାମରେ ରାଜଧାନୀର ଏକ ରାସ୍ତାର ନାମକରଣ କରାଯିବାକୁ ସେଥିରେ ଦାବି ରଖାଯାଇଥିଲା। ସରକାର ଏହି ପ୍ରସ୍ତାବ ଗ୍ରହଣ କରିବା ସହ ସ୍ୱର୍ଗୀୟ ଲେଖକଙ୍କ ଏକ ବିଶାଳ ବ୍ରୋଞ୍ଜ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଅର୍ଥ ମଞ୍ଜୁର କରିଥିବାରୁ ସ୍ମୃତି ସଂସଦର ସଭାପତି ଅଧ୍ୟାପକ ବିଶ୍ୱରଞ୍ଜନ ଓ କର୍ମକର୍ତ୍ତାମାନେ ଖୁସି ପ୍ରକଟ କରିଛନ୍ତି। ବିଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ସରୋଜ ଭଞ୍ଜ ଏହାର ନିର୍ମାଣ କରୁଛନ୍ତି। ଆଜି ଶିଳ୍ପୀ ଶ୍ରୀ ଭଞ୍ଜଙ୍କ ନିମନ୍ତ୍ରଣକ୍ରମେ ବିଧାୟକ ଶ୍ରୀ ଦାସ ଖଣ୍ଡଗିରିସ୍ଥିତ ତାଙ୍କ ୱାର୍କସପକୁ ଯାଇ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ନିର୍ମିତ ପ୍ରତିମୂର୍ତ୍ତିର ପ୍ରାରମ୍ଭିକ ଛାଞ୍ଚ ଦେଖି ଖୁସି ପ୍ରକଟ କରିଛନ୍ତି। ମାସେ ଦେଢ଼ ମାସ ଭିତରେ ସଂପୂର୍ଣ୍ଣ ହୋଇ ପୂର୍ଣ୍ଣାଙ୍ଗ ବ୍ରୋଞ୍ଜ ପ୍ରତିମୂର୍ତ୍ତିରେ ପରିଣତ ହେଲେ ଏହା ଆହୁରି ଜୀବନ୍ତ ଲାଗିବ ବୋଲି ସେ କହିଛନ୍ତି। ଅପରପକ୍ଷେ, ଏହି ପ୍ରତିମୂର୍ତ୍ତି ନିର୍ମାଣ ଲାଗି ସଂସ୍କୃତି ବିଭାଗ ଅର୍ଥ ପ୍ରଦାନ କରିଥିବାରୁ ମନୋଜ ଦାସ ସ୍ମୃତି ସଂସଦ ଏବଂ ଓଡ଼ିଶାର ଅଗଣିତ ମନୋଜପ୍ରେମୀଙ୍କ ତରଫରୁ ସରକାରଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ସେବାୟତଙ୍କୁ ମରଣାନ୍ତକ ଆକ୍ରମଣ

ପୁରୀ,୩୧।୮ (ସମିସ): ଶ୍ରୀମନ୍ଦିର ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗୋଡ଼ ଉପରେ ଗାଡ଼ି ଚଢ଼ିଯିବା ଘଟଣାକୁ ନେଇ ଜଣେ ସେବାୟତ ଓ ଯାତ୍ରୀ ଗୁମାସ୍ତା ମୁହାଁମୁହିଁ ହୋଇଛନ୍ତି। ରବିବାର ସନ୍ଧ୍ୟାରେ ଗ୍ରାଣ୍ଡ ସେଣ୍ଟର ନିକଟରେ ଏହି ଘଟଣା ଘଟିଛି। ସେବାୟତଜଣଙ୍କ ଗ୍ରାଣ୍ଡ ସେଣ୍ଟର ନିକଟରେ ଠିଆ ହୋଇଥିବା ବେଳେ ଗାଡ଼ି ନେଇ ଆସୁଥିବା ଦୁଇଜଣ ଗୁମାସ୍ତା ସେବାୟତଙ୍କ ଗୋଡ଼ ଉପରେ ବାଇକ୍ ଚଢ଼ାଇ ଦେଇଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଯାତ୍ରୀ ଗୁମାସ୍ତା ସେବାୟତଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ସେବାୟତଜଣଙ୍କ ହେଉଛନ୍ତି, ଗୁଡ଼ିଆସାହିର ରାମନାରାୟଣ ପୂଜାପଣ୍ଡା। ଘଟଣାକୁ ନେଇ ରାମନାରାୟଣ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆକ୍ରମଣକାରୀ ଦୁଇ ଗୁମାସ୍ତା ତାଙ୍କୁ ହତ୍ୟା ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତେବେ ଘଟଣାକୁ ନେଇ ସିଂହଦ୍ୱାର ଥାନା ପୁଲିସ ପକ୍ଷରୁ ତଦନ୍ତ କରାଯାଉଥିବା ସୂଚନା ମିଳିଛି।

AISECT

**RECRUITMENT OF VOCATIONAL TRAINERS & COORDINATORS**

Applications are invited from eligible candidates for Implementing Vocational Education in Government Schools of Odisha under CSS-VHSE Samagra Shiksha. Terms of engagement is Contractual and Institutional positions. Candidates should be domicile of Odisha and must read & write Odia. **Gross Salary: Rs. 20,000/- per month. Age Limit: 18-45 years (As on 01/01/2025)** as per Govt. Rules. **Last Date of Application: 07.09.2025 (5:00 pm)**

Online Application Link https://www.aisect.org/Odisha-VT-VCrecruitment2025

Vocational Trainers' Qualifications & Experience:

| Sector | Districts | QUALIFICATIONS & EXPERIENCE |
|---|---|---|
| AGRICULTURE | Deogarh, Koraput, Kandhamal, Mayurbhanj & Kalahandi | Post-graduation in Horticulture from a recognized Institute/University, with at least 1 year work/teaching experience |
| TOURISM & HOSPITALITY | Deogarh, Koraput, Kandhamal, Mayurbhanj & Kalahandi | Diploma/Degree in Hotel Management from a recognized Institute/University, with at least 5 years work/teaching experience in Food and Beverage service including one year as supervisory capacity in a classified Hotel or Facility Management Company |
| APPAREL | Jharsuguda | Post-graduation in Textile and Clothing or Relevant area from a recognized Institute / University, with at least 1 year work/teaching experience in Textile and clothing. |
| BEAUTY & WELLNESS | Jharsuguda | Diploma in Cosmetology/Beauty Therapy/ Beauty Culture from a recognized Institution Minimum 1 year working experience in the profession. |
| IT/ITES | Deogarh, Jharsuguda & Kalahandi | Diploma in Computer Science/ Information Technology OR Bachelor Degree in Computer Application/ Science/ Information Technology (BCA, B. Sc. Computer Science/Information Technology) OR Graduate with PGDCA OR DOEACC A or B Level Certificate |
| RETAIL | Jharsuguda & Mayurbhanj | Graduate or Diploma in Retail Management, P.G. Diploma in Marketing with at least 50% marks and 1 year teaching/work experience. Preference will be given to higher education with MBA (Retail Marketing) and PG Diploma in Retail Management. |
| AUTOMOTIVE | Deogarh, Jharsuguda & Kandhamal | Degree in Automobile Engineering /Mechanical Engineering from a recognized Institute /University, with at least 1 year work / teaching experience. Diploma in Automobile Engineering /Mechanical Engineering from a recognized Institute /University, with at least 3 year work/teaching experience or B.VOC in Automotive Engg.from the recogined Institute. |
| ELECTRONICS | Deogarh & Jharsuguda | B.E./B.Tech. in Electrical/Electronics/Telecommunication with 1 year experience in the relevant field. Or Diploma in Electrical/ Electronics/ Electronics/ Telecommunication from recognized board of technical education with 2 years experience in relevant field. |

**VOCATIONAL COORDINATOR: QUALIFICATION & EXPERIENCE :** Minimum 03 years of work experience post qualification of professional degree (Masters Degree) in related any one of above Domains(Sectors)/Rural Development/Management/MSW/Sociology. Preference should be given to exposure of Candidate on skill & entrepreneurship Development / Education Sector having requisite qualification.

**DISTRICTs OF POSTING:** Kalahandi, Koraput, Kandhamal, Mayurbhanj, Deogarh & Jharsuguda. **Gross Salary : Rs.30,000/- PM**

**NOTE:** Candidates shortlisted on the basis of details filled ONLINE will have to go through On Line Test followed by an Interview. Existing VT & VC will be given priority as per the Dept. Guidelines. Selected candidate will be asked to join within short notice of one week.

This is not a government job. Positions are purely contractual. Please do not use any unfair means, Apply fairly.

To Apply, Scan The QR Code

8260186138
Call Between 10:00 AM To 06:00 PM

# ସମ୍ପାଦକୀୟ



ଜୀବଜନ୍ତୁମାନଙ୍କ ପ୍ରତି ଜନତାଙ୍କ ଦୃଷ୍ଟିକୋଣରୁ ଗୋଟିଏ ଦେଶର ମହାନତାର ପରିଚୟ ମିଳିପାରିବ।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ବିପଦରେ ମହେନ୍ଦ୍ରଗିରି

ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ ଓ ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି। ସଂରକ୍ଷିତ ଜୈବମଣ୍ଡଳ ମାନ୍ୟତା ମିଳିଲେ ଏହି ଅଞ୍ଚଳର ଜୈବବିବିଧତା, ଐତିହ୍ୟ, କୀର୍ତ୍ତିରାଜୀ, ମୌଳିକ ସଂସ୍କୃତିର ସୁରକ୍ଷା ହୋଇପାରିବ। ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଷଡ଼ଯନ୍ତ୍ର ଆରମ୍ଭ ହୋଇସାରିଛି, ଯାହାଫଳରେ ଏହାର ଜୈବବିବିଧତା ପ୍ରତି ଗୁରୁତର ବିପଦ ସୃଷ୍ଟି ହୋଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ ମହେନ୍ଦ୍ରଗିରିରେ ପୁରାଣ ପ୍ରସିଦ୍ଧ ପର୍ଶୁରାମ ମନ୍ଦିରକୁ ଭାଙ୍ଗି ଏକ ଭବ୍ୟମନ୍ଦିର ନିର୍ମାଣ କରିବା ଲାଗି ଯୋଜନା ଚୂଡ଼ାନ୍ତ ହୋଇ ପ୍ରସ୍ତୁତି ଆରମ୍ଭ ହୋଇଛି। 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ନାମରେ ଯୁଧିଷ୍ଠିର ମନ୍ଦିରଠାରୁ ଦାରୁବ୍ରହ୍ମ ପର୍ଯ୍ୟନ୍ତ ସ୍ଥାନକୁ ଚିହ୍ନଟ କରାଯାଇଛି। ଆହୁରି ଉଦ୍‌ବେଗଜନକ ସୂଚନା ହେଲା ମହେନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିକୁ ଏହି ପ୍ରକଳ୍ପ ଲାଗି କିସମ ପରିବର୍ତ୍ତନ କରାଯାଇ ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ଯଦି ଏହି ସୂଚନା ସତ ହୋଇଥାଏ ତେବେ ମହେନ୍ଦ୍ରଗିରି ପାଇଁ ସାଂଘାତିକ ସାବ୍ୟସ୍ତ ହେବ। ପେସା ଆଇନ ଅନୁଯାୟୀ ପଲ୍ଲୀସଭା କିମ୍ବା ଗ୍ରାମସଭାର ବିନା ଅନୁମୋଦନରେ କୌଣସି ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ। ଜଙ୍ଗଲ ଅଧିକାର ଆଇନ-୨୦୦୬ର ମଧ୍ୟ ଏହା ବିରୁଦ୍ଧାଚରଣ କରୁଛି। କିନ୍ତୁ କିସମ ପରିବର୍ତ୍ତନ ବେଳେ ଗ୍ରାମସଭାକୁ ଅନ୍ଧାରରେ ରଖାଯାଇଥିବାର ଅଭିଯୋଗ ହୋଇଛି।

କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ରାମାୟଣ ଚକ୍ରାକାର ଭ୍ରମଣ ମାର୍ଗରେ ଚିହ୍ନିତ ହୋଇଥିବା ୧୫ଟି ତୀର୍ଥ ସ୍ଥାନ ମଧ୍ୟରେ ମହେନ୍ଦ୍ରଗିରିକୁ ସ୍ଥାନିତ କରିଛନ୍ତି। ଏହିକ୍ରମରେ ସେଠାରେ ପର୍ଯ୍ୟଟନଶିଳ୍ପର ବ୍ୟାପକ ବିକାଶ ପାଇଁ ବହୁମୁଖୀ ଯୋଜନା ହାତକୁ ନିଆଯାଇଛି। ଭାରତର ପର୍ଯ୍ୟଟନ ଶିଳ୍ପରେ ଓଡ଼ିଶାର ଆଉ ଏକ ଐତିହ୍ୟ ସ୍ଥାନ ପାଇବା ଗୌରବର ବିଷୟ। କିନ୍ତୁ ଅର୍ଥନୀତି ପାଇଁ ପରିବେଶକୁ ଯଦି ବଳି ପକାଯାଏ ତେବେ ପରିସ୍ଥିତି କ'ଣ ହେବ ତାହା କେରଳର ୱାଇନାଡ଼ ଏବଂ ଉତ୍ତରାଖଣ୍ଡର ଉତ୍ତରକାଶୀ, ଯୋଶୀମଠ, କେଦାରନାଥ ପାର୍ବତ୍ୟାଞ୍ଚଳର ଦୁର୍ବିପାକ ଆମକୁ ବାରମ୍ବାର ଚେତାଇ ଦେଇଛି।

ଜୈବବିବିଧତା ଆଇନ ୨୦୦୨ର ଧାରା ୩୭ ଅନୁସାରେ ରାଜ୍ୟ ସରକାର ୨୦୨୨ ମସିହା ନଭେମ୍ବର ମାସରେ ମହେନ୍ଦ୍ରଗିରିକୁ ଜୈବବିବିଧତା ଐତିହ୍ୟସ୍ଥଳୀ ଭାବେ ଘୋଷଣା କରିଛନ୍ତି। ଅର୍ଥାତ୍ ମହେନ୍ଦ୍ରଗିରିର ପାରିବେଶିକ ପରିସଂସ୍ଥା ଯେ ବିପଦାପନ୍ନ ତାହା ପରୋକ୍ଷରେ ସ୍ୱୀକାର କରାଯାଇଛି। ଅପରପକ୍ଷରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏବେ ସେଠାରେ ଅନେକ କୁଟୀର, ଶିବିର, ଆଶ୍ରୟସ୍ଥଳ ନିର୍ମାଣ ହୋଇସାରିଲାଣି। ପ୍ରାକୃତିକ ଜଙ୍ଗଲ ଅପସାରଣ, କାଠ ଚୋରାଚାଲାଣ, ମାତ୍ରାଧିକ ଲଘୁ ବନ ସମ୍ପଦ ସଂଗ୍ରହ, ପଥର କଟା ଆଦି କାରଣରୁ ମହେନ୍ଦ୍ରଗିରି ପାର୍ବତ୍ୟାଞ୍ଚଳରେ ମୃତ୍ତିକା କ୍ଷରଣ ସହିତ ପ୍ରାକୃତିକ ପରିବେଶର ଅବକ୍ଷୟ କ୍ଷିପ୍ର ହେଉଛି। ମହେନ୍ଦ୍ରତନୟା ନଦୀ ଓ ଏକାଧିକ ଝରଣାର ଜଳଧାର ଶୁଖିଯିବା ସହିତ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଥିବା ଭୂବିଜ୍ଞାନୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଅବସ୍ଥା ଏପରି ହେଲାଣି ଯେ ଯେଉଁ ଅଞ୍ଚଳ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଏକ ବିକ୍ଷିପ୍ତ ଅଞ୍ଚଳକୁ ଜଳ ଯୋଗାଇ ଆସୁଥିଲା ସେହି ଅଞ୍ଚଳର ଅଧିବାସୀ ଏବେ ପିଇବା ପାଣି ସଂଗ୍ରହ କରିବା ପାଇଁ କୋଶକୋଶ ବାଟ ଚାଲିବାକୁ ପଡୁଛି। ତିତିଲି ଏବଂ ପରବର୍ତ୍ତୀ ସମୟରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟ ଏହାର ପ୍ରାକୃତିକ ପରିବେଶକୁ ବହୁଗୁଣରେ ବିନିଷ୍ଟ କରିଚାଲିଛି।

ପରିବେଶବିତ୍ ଓ ପାଣିପାଗ ବିଶେଷଜ୍ଞମାନଙ୍କ ମତରେ ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜଳବାୟୁ ନିୟନ୍ତ୍ରଣରେ ମହେନ୍ଦ୍ରଗିରି ପର୍ବତମାଳାର ବଳିଷ୍ଠ ଭୂମିକା ଥିଲେ ହେଁ ଏହା ସରକାରୀ ସ୍ତରରେ ସେଭଳି ଗୁରୁତ୍ୱ ପାଇନାହିଁ। ଏହି ପୃଷ୍ଠଭୂମିରେ ଯଦି ସେଠାରେ ଭବ୍ୟମନ୍ଦିର ନିର୍ମାଣ ଜରିଆରେ ପରିବେଶ-ପ୍ରତିକୂଳ କାର୍ଯ୍ୟକ୍ରମ ହାତକୁ ନିଆଯିବ ତେବେ ସ୍ଥିତି ଆହୁରି ବିଗିଡ଼ି ଯିବାର ଆଶଙ୍କା ରହିଛି। ମହେନ୍ଦ୍ରଗିରି ପୂର୍ବ-ଘାଟ ପର୍ବତମାଳାର ଅଂଶଭାବେ ଗଣ୍ଡୱାନା ଅଞ୍ଚଳାଧୀନ ଏବଂ ଏହାର ମୃତ୍ତିକା ପୃଥିବୀର ସର୍ବ ପୁରାତନ ମୃତ୍ତିକା ଭାବେ ପ୍ରମାଣିତ। ପରିବେଶବିତ୍‌ମାନଙ୍କର ଆଶଙ୍କା ଅନୁଯାୟୀ, ଯଦି ମହେନ୍ଦ୍ରଗିରିର କେନ୍ଦ୍ରୀୟ ଅଞ୍ଚଳ ପର୍ଯ୍ୟଟନ ଅର୍ଥନୀତିରେ ପ୍ରମୁଖତା ହାସଲ କରେ ତେବେ ଧୀରେଧୀରେ ବାହ୍ୟ ତତ୍ତ୍ୱର ଅନୁପ୍ରବେଶ ଘଟିବ। ହିମାଳୟ ପାର୍ବତ୍ୟାଞ୍ଚଳ ଅନୁରୂପ ବିଭିନ୍ନ ବହୁଦେଶୀୟ ଓ ଦେଶୀୟ ଔଷଧ କମ୍ପାନୀ, ସୌଖୀନ କାଠ ଓ ଖେଳନା କମ୍ପାନୀର ପଞ୍ଝାକୁ ଧୀରେ ଧୀରେ ମହେନ୍ଦ୍ରଗିରିର ଦୁର୍ଲ୍ଲଭ ଜୈବବିବିଧତା ଚାଲିଯିବ। ପରିଶେଷରେ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ଜନ୍ମ ନେବ। କିନ୍ତୁ ସେଥିପାଇଁ ଜନସଚେତନତା ସୃଷ୍ଟି, ଏକତା ଓ ସ୍ୱର ଉତ୍ତୋଳନ ପୂର୍ବରୁ କେତେବେଳେ ଯେ ପ୍ରତିପତ୍ତିଶାଳୀ ଶିଳ୍ପୋଦ୍ୟୋଗୀଙ୍କ ହାତକୁ ଓଡ଼ିଶାର ଏହି ବିଶ୍ୱପ୍ରସିଦ୍ଧ ବିରଳ ଜୈବମଣ୍ଡଳ ଚାଲି ନ ଯିବ କିଏ କହିବ?

ଆମ ମତରେ ପର୍ଯ୍ୟଟନ ଶିଳ୍ପ ସ୍ୱାଗତଯୋଗ୍ୟ। କିନ୍ତୁ ତା'ପାଇଁ ଜୈବବିବିଧତାର ମୌଳିକତା କୌଣସି ମୂଲ୍ୟରେ କ୍ଷୁଣ୍ଣ ହେବା ଅନୁଚିତ। ଏଥିସହିତ ଐତିହ୍ୟର ପ୍ରାଚୀନତା ମଧ୍ୟ ଅକ୍ଷୁଣ୍ଣ ରହିବା ବିଧେୟ। ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ପୂର୍ବରୁ ଏଦିଗରେ ପରିବେଶ କର୍ମୀ ଓ ସ୍ଥାନୀୟ ଅଧିବାସୀ ଜାଗ୍ରତ ହେବା ଆବଶ୍ୟକ। ପ୍ରକଳ୍ପ କାର୍ଯ୍ୟାରମ୍ଭ ପୂର୍ବରୁ ବ୍ୟାପକ ବିଚାରବିମର୍ଶ ହୋଇ ଓଡ଼ିଶାର ବୁଦ୍ଧିଜୀବୀ ଓ ପରିବେଶକର୍ମୀଙ୍କ ମତାମତକୁ ବିଶ୍ୱାସକୁ ନିଆଯିବା ଉଚିତ ହେବ। ଅପରିମାଣଦର୍ଶୀ ନିଷ୍ପତ୍ତି ଯୋଗୁଁ ଯଦି ଐତିହାସିକ ପୌରାଣିକ କୀର୍ତ୍ତିରାଜି ବିମଣ୍ଡିତ ମହେନ୍ଦ୍ରଗିରି ଶ୍ରୀହୀନ ହୋଇପଡ଼େ ତେବେ ଇତିହାସ କ୍ଷମା ଦେବ ନାହିଁ। ଉଜୁଡ଼ିବା ପରେ ହୃତଗୌରବର ପୁନରୁଦ୍ଧାର ପୂର୍ବରୁ ତାହାର ସୁରକ୍ଷା ସର୍ବୋପରି। ଆଶା ଆମ ଶାସନ-ପ୍ରଶାସନ-ସମାଜିକ ବ୍ୟବସ୍ଥାର ସବୁସ୍ତର ଏହାକୁ ଉପଲବ୍ଧି କରି ବିହିତ ପଦକ୍ଷେପ ନେବେ। ●

## ବହି ଧରି ପରୀକ୍ଷା: ଏକ ଅନାବଶ୍ୟକ ପ୍ରୟାସ

**ସତ୍ୟକାମ ମିଶ୍ର**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଚଳିତ ବର୍ଷ ନଭେମ୍ବର ମାସରୁ ୯ମ ଶ୍ରେଣୀରେ ବହି ଧରି ପରୀକ୍ଷା ଦେବା ବ୍ୟବସ୍ଥା ପରୀକ୍ଷାମୂଳକ ଭାବେ ପ୍ରବର୍ତ୍ତନ କରିବାକୁ ଘୋଷଣା କରିଛନ୍ତି। ୨୦୧୪ ମସିହାରେ ପରିଷଦ ଅନୁରୂପ ପଦକ୍ଷେପ ନେଇଥିଲେ। କିନ୍ତୁ ଶିକ୍ଷାଦାନ ଓ ଅଧ୍ୟୟନ କ୍ଷେତ୍ରରେ ଏହି ବ୍ୟବସ୍ଥାର କୌଣସି ସକାରାତ୍ମକ ପ୍ରଭାବ ଅନୁଭୂତ ନହେବା କାରଣରୁ ତାହାକୁ ବାତିଲ କରି ଦିଆଯାଇଥିଲା। ଅତୀତରେ ଅସଫଳ ହୋଇଥିବା ଏହି ବ୍ୟବସ୍ଥାକୁ ନୂଆ ଶିକ୍ଷାନୀତିର ଦ୍ୱାହି ଦେଇ ପୁନଶ୍ଚ ପ୍ରଚଳନ କରିବା ଉଦ୍ୟମରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ଆମେ ଇତିହାସ ଓ ଅନୁଭୂତିରୁ କିଛି ଶିକ୍ଷା ଲାଭ କରୁନାହୁଁ।

ଓଡ଼ିଆରେ ଗୋଟିଏ ରୂଢ଼ି ଅଛି, 'ଖଡ଼ା ବଡ଼ି ଥୋଡ଼ା, ଥୋଡ଼ା ବଡ଼ି ଖଡ଼ା'। ଏହି ଉକ୍ତିର ଅର୍ଥ ହେଲା, କୌଣସି ନବସୃଜନ ପରିବର୍ତ୍ତେ ଗୋଟିଏ ପୁରୁଣା ବା ପ୍ରଚଳିତ ବ୍ୟବସ୍ଥାକୁ ନୂଆ ନାଁ ଦେଇ ଉପସ୍ଥାପନ କରିବା। ମୌଳିକ ଉପାଦାନରେ କୌଣସି ପରିବର୍ତ୍ତନ ନକରି କେବଳ ନୂଆ ଢଙ୍ଗରେ ତା'କୁ ପ୍ରକାଶ କରିବା। ସୀମିତ ଚିନ୍ତନ ଶକ୍ତି ଓ ସ୍ୱଳ୍ପ ଅନୁଭବ ସମ୍ପନ୍ନ ନୀତି ନିର୍ଦ୍ଧାରକମାନେ ନିଜର ଉପସ୍ଥିତି ଜାହିର କରିବା ପାଇଁ ଏଭଳି କାର୍ଯ୍ୟ ମାଧ୍ୟମରେ ଲୋକମାନଙ୍କୁ ପ୍ରତାରିତ କରନ୍ତି। ସଂସ୍କାର ଆଳରେ ସମୟ ପରୀକ୍ଷିତ ବ୍ୟବସ୍ଥାରେ ଅନାବଶ୍ୟକ ପରିବର୍ତ୍ତନ କରି ବ୍ୟବସ୍ଥାର ସନ୍ତୁଳନକୁ ନଷ୍ଟ କରନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ପୁସ୍ତକ ଦେଖି ପରୀକ୍ଷା ଦେବା ବ୍ୟବସ୍ଥାର ପୁନଃ ପରୀକ୍ଷଣ ଏହିଭଳି ଏକ ଅବାଞ୍ଛିତ ଉଦ୍ୟମ ଭଳି ପ୍ରତୀୟମାନ ହୁଏ।

ସ୍ୱାଧୀନତା ପରେ ଶିକ୍ଷାବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ଭାରତ ସରକାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ତତ୍କାଳୀନ ଅଧ୍ୟକ୍ଷ ଦୌଲତ ସିଂ କୋଠାରୀଙ୍କ ଅଧ୍ୟକ୍ଷତାରେ ୧୯୬୪ ମସିହାରେ ଏକ ଜାତୀୟ ଶିକ୍ଷା ଆୟୋଗ ଗଠନ କରିଥିଲେ, ଯାହାକି 'କୋଠାରୀ କମିସନ' ନାମରେ ଖ୍ୟାତ। ଏହି ଆୟୋଗ ଦେଶରେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ର ଓ ସମ୍ଭାବନାକୁ ଦୃଷ୍ଟିରେ ରଖି ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଯେଉଁ ଜାତୀୟ ଶିକ୍ଷା ନୀତିଗୁଡ଼ିକ ଅନୁସୃତ ହୋଇଥିଲା ସେ ସମସ୍ତ ନୀତି, ଏପରିକି ୨୦୨୦ର ନୂତନ ଶିକ୍ଷାନୀତି ମଧ୍ୟ କୋଠାରୀ କମିସନଙ୍କ ଅନୁମୋଦନଗୁଡ଼ିକୁ କେବଳ ଭିନ୍ନ ଶବ୍ଦ ଓ ଢଙ୍ଗରେ ପ୍ରକାଶ କରିଛନ୍ତି।

ଶିକ୍ଷା ହେଉଛି ଏକମାତ୍ର କ୍ଷେତ୍ର, ଯେଉଁଠି ନିର୍ବିଚାର ଭାବେ ପରୀକ୍ଷା ନିରୀକ୍ଷା ଚାଲିଥାଏ। ସରକାରୀ ବିଦ୍ୟାଳୟଗୁଡ଼ିକରେ ସବୁପ୍ରକାରର ପ୍ରୟୋଗ କରାଯାଇ ନିରନ୍ତର ଶିକ୍ଷାଦାନରେ ବାଧା ସୃଷ୍ଟି ହୁଏ। ଅପରପକ୍ଷରେ ବିତ୍ତଶାଳୀ ଘରୋଇ ବିଦ୍ୟାଳୟଗୁଡ଼ିକରେ ନିଜସ୍ୱ ଶିକ୍ଷାଦାନ ପ୍ରଣାଳୀ ଅନୁସରଣ କରିବାର ସ୍ୱାଧୀନତା ଥାଏ। ସମାଜର ପରିସ୍ଥିତି, ଲୋକମାନଙ୍କର ଆର୍ଥିକ ଅବସ୍ଥା, ନିଯୁକ୍ତି ବଜାରରେ ମାନବ ସମ୍ବଳର ଚାହିଦା ପ୍ରଭୃତିକୁ ଅଣଦେଖା କରି ଅନ୍ୟ ଦେଶରେ ଅନୁସୃତ ବ୍ୟବସ୍ଥାରେ ଅନୁପ୍ରାଣିତ ହୋଇ ଆମେ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରିବା ଫଳରେ ଭୟାନକ ପରିସ୍ଥିତି ଉପୁଜିଥାଏ। ଆମେରିକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଅନୁକରଣ କରି ଶିକ୍ଷା ଅଧିକାର ଆଇନ୍ କରାଗଲା। ପ୍ରାଥମିକସ୍ତରରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନଙ୍କୁ ମାଧ୍ୟମିକ ପାଠ୍ୟକ୍ରମ ସହିତ ପରିଚିତ କରାଇବା ପାଇଁ ଆଗରୁ ମାଧ୍ୟମିକ ଶିକ୍ଷା ସହିତ ଥିବା ଅଷ୍ଟମ ଶ୍ରେଣୀକୁ ପ୍ରାଥମିକ ସ୍ତରରେ ସାମିଲ କରାଗଲା। ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକମାନେ ସେମାନଙ୍କୁ ପଢ଼ାଇବାର ସୁଯୋଗ ରହିଲାନି। ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ମିଶିଲା; କିନ୍ତୁ ପଢ଼ାଇବା ପାଇଁ ଶିକ୍ଷକ ମିଳିଲେନି। ପାସ୍ ଫେଲ୍ ବ୍ୟବସ୍ଥା ଉଚ୍ଛେଦ ହୋଇଗଲା। ଫଳସ୍ୱରୂପ ମାଧ୍ୟମିକସ୍ତରରେ ପାଠ୍ୟକ୍ରମ ସହିତ ନିଜକୁ ଖାପଖୁଆଇ ନପାରି ବହୁ ପିଲା ସ୍କୁଲ ଛାଡ଼ୁଛନ୍ତି। ଏବେ ପୁନଶ୍ଚ ୫ମ ଓ ୮ମ ଶ୍ରେଣୀରେ ପରୀକ୍ଷା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ପରୀକ୍ଷାର ରୂପରେଖ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି। ପୁନଶ୍ଚ ନବମ ଶ୍ରେଣୀରେ ବହି ଧରି ପରୀକ୍ଷା ଦେବା କଥା ଉଠିଲାଣି।

ପୁସ୍ତକର ସାହାଯ୍ୟ ନେଇ ପରୀକ୍ଷା ଦେବା ପ୍ରଣାଳୀ ସପକ୍ଷରେ ବିଭିନ୍ନ ଯୁକ୍ତି ଅଛି। ଏଭଳି ବ୍ୟବସ୍ଥା ଯୋଗୁଁ ପିଲାମାନଙ୍କୁ ପ୍ରତ୍ୟେକ ଧାରଣା ଓ ତତ୍ତ୍ୱକୁ ଠିକ୍ ଭାବେ ବୁଝି ହୃଦୟଙ୍ଗମ କରିବାକୁ ପଡ଼ିବ। ପାଠକୁ ଘୋଷି ମନେରଖିବାକୁ ପଡ଼ିବ ନାହିଁ। ଫଳରେ ପରୀକ୍ଷାର ଚାପ ଓ ଭୟ ହ୍ରାସ ପାଇ ସେମାନଙ୍କର ସୃଜନଶୀଳତାର ବିକାଶ ହେବ। ପାଠ୍ୟପୁସ୍ତକରେ ସନ୍ନିବେଶିତ ପ୍ରତ୍ୟେକ ସୂଚନାକୁ ସେମାନେ ମନେରଖିବା ଆବଶ୍ୟକ ହେବ ନାହିଁ। ଏହାବ୍ୟତୀତ ପୁସ୍ତକ ଦେଖି ସୀମିତ ସମୟ ସୀମା ଭିତରେ ଉତ୍ତର ଲେଖିବାର କଳା ବା ସମୟ ପରିଚାଳନା ବିଷୟରେ ସେମାନେ ସଚେତନ ହେବେ। ଏହି ପ୍ରଣାଳୀରେ ପରୀକ୍ଷା କରିବା ଦ୍ୱାରା ସେମାନଙ୍କର ବିଷୟବସ୍ତୁକୁ ବ୍ୟାଖ୍ୟା କରିବା ଶକ୍ତି ତଥା ବୋଧଗମ୍ୟତା, ପ୍ରୟୋଗାତ୍ମକ ଓ ସମସ୍ୟା ସମାଧାନ କରିବା ଦକ୍ଷତାର ବିକାଶ ହେବ। ଏହିଭଳି ବହୁତ ଯୁକ୍ତିର ଆଧାରରେ ଏହି ବ୍ୟବସ୍ଥାର ସମର୍ଥକମାନେ ପରୀକ୍ଷାରେ ପୁସ୍ତକ ବ୍ୟବହାର ପାଇଁ ଅନୁମୋଦନ କରିଥା'ନ୍ତି। ଉଚ୍ଚଶିକ୍ଷା, ବିଶେଷକରି ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ, ଏହା ପ୍ରଚଳନ କରିବା ସହଜ ଓ ବାଞ୍ଛନୀୟ ମଧ୍ୟ। କିନ୍ତୁ ବାସ୍ତବିକ ପରିସ୍ଥିତିକୁ ବିଚାରକୁ ନେଲେ ମାଧ୍ୟମିକ ସ୍ତରରେ ଏହି ପ୍ରଣାଳୀର ସଫଳ ପ୍ରୟୋଗ ସମ୍ଭବ ହେବ ନାହିଁ।

ବିଦ୍ୟାଳୟସ୍ତରରେ ଶିକ୍ଷାଦାନ ଓ ଅଧ୍ୟୟନ ପ୍ରଣାଳୀରେ ଆବଶ୍ୟକୀୟ ପରିବର୍ତ୍ତନ ନକରି ପୁସ୍ତକ ଦେଖି ପରୀକ୍ଷା ଦେବା ବ୍ୟବସ୍ଥା ପ୍ରଚଳନ କରିବା ସମ୍ଭବ ନୁହେଁ। ବିଶେଷକରି ବିଦ୍ୟାଳୟସ୍ତରରେ ପଢ଼ାଯାଉଥିବା ସମସ୍ତ ବିଷୟରେ ଏଭଳି ପରୀକ୍ଷା କରାଯାଇ ପାରିବ ନାହିଁ। ତାହାର କାରଣ ହେଲା ଭାଷା ଓ ସାମାଜିକ ବିଜ୍ଞାନ ଭଳି ବିଷୟରେ ପ୍ରଶ୍ନଗୁଡ଼ିକ ଜ୍ଞାନଭିତ୍ତିକ ହେବା ଆବଶ୍ୟକ। ଏହି ବିଷୟଗୁଡ଼ିକରେ ସଂପୂର୍ଣ୍ଣ ଭାବେ ପ୍ରୟୋଗଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ବିଜ୍ଞାନ ଓ ଗଣିତ କ୍ଷେତ୍ରରେ ଏଭଳି ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ହୋଇପାରେ। ଦ୍ୱିତୀୟରେ ଏହିସ୍ତରରେ ଭାଷା ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଏ। ବିଶେଷକରି ମାତୃଭାଷା ଓ ଇଂରାଜୀ ଭାଷାରେ ଦକ୍ଷତା ପିଲାମାନଙ୍କୁ ଉଚ୍ଚଶିକ୍ଷା, ଗବେଷଣା ଓ ଜୀବନବ୍ୟାପୀ ଶିକ୍ଷାଲାଭ କରିବାରେ ସହାୟକ ହୁଏ। ଏ ଭଳି ପରୀକ୍ଷା ଦ୍ୱାରା ମେଧାବୀ ତଥା ସଚେତନ ବିଦ୍ୟାର୍ଥୀମାନଙ୍କ କ୍ଷେତ୍ରରେ ଭାଷା ଜ୍ଞାନ ଆହରଣ କରିବା ପ୍ରଭାବିତ ହୋଇ ନ ପାରେ। କିନ୍ତୁ ସାଧାରଣ ବିଦ୍ୟାର୍ଥୀମାନେ ପୁସ୍ତକ ଉପରେ ନିର୍ଭରଶୀଳ ହୋଇ ଭାଷା ଶିକ୍ଷାକୁ ଅବହେଳା କରିବାର ଆଶଙ୍କା ରହିଛି।

ଏହାବ୍ୟତୀତ ଏଇ ପ୍ରଣାଳୀରେ ପରୀକ୍ଷା କରିବା ପାଇଁ ପାଠ୍ୟପୁସ୍ତକ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେବା ଆବଶ୍ୟକ। ଗୋଟିଏ ଶ୍ରେଣୀର ସୀମିତ ପାଠ୍ୟକ୍ରମ ମଧ୍ୟରୁ ପ୍ରତିବର୍ଷ ଭିନ୍ନ ଭିନ୍ନ ପ୍ରୟୋଗଭିତ୍ତିକ ପ୍ରଶ୍ନାବଳୀ ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ତେଣୁ ଏକା ପ୍ରଶ୍ନକୁ ବାରମ୍ବାର ପଚାରିବାର ସମ୍ଭାବନା ମଧ୍ୟ ଅଛି। ଏହାବ୍ୟତୀତ ଶିକ୍ଷାଦାନ ପ୍ରଣାଳୀରେ ମଧ୍ୟ ପରିବର୍ତ୍ତନ ଆବଶ୍ୟକ। ପୁସ୍ତକରେ ଥିବା ତତ୍ତ୍ୱକୁ ବ୍ୟାଖ୍ୟା କରିବା ଏବଂ ବାସ୍ତବ ଜୀବନରେ ସମସ୍ୟା ସମାଧାନରେ ତାହାର ପ୍ରୟୋଗ ବିଷୟରେ ଶ୍ରେଣୀଗୃହରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ, ଯାହା କି ସାଧାରଣ ଭାବେ ହୁଏ ନାହିଁ। ଏଥିପାଇଁ ଶିକ୍ଷକମାନଙ୍କୁ ବିଶେଷ ତାଲିମ ଦେବାର ଆବଶ୍ୟକତା ଅଛି।

ଖବର ମିଳୁଛି ଯେ ପରୀକ୍ଷାମୂଳକ ଭାବେ ଏହି ପରୀକ୍ଷା କରିବା ପାଇଁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଶ୍ନପତ୍ର ପ୍ରସ୍ତୁତ କରିବ। ତେଣୁ ଶିକ୍ଷାଦାନ ଓ ମୂଲ୍ୟାୟନ ଭିତରେ ସମନ୍ୱୟର ଅଭାବ ସୃଷ୍ଟି ହୋଇପାରେ। ଯେଉଁ ବ୍ୟବସ୍ଥା ଥରେ ଅସଫଳ ହୋଇଛି, ପୁନଶ୍ଚ ସେହି ବ୍ୟବସ୍ଥାକୁ ଶିକ୍ଷାଦାନ, ଅଧ୍ୟୟନ ଓ ପାଠ୍ୟପୁସ୍ତକରେ ଆନୁସଙ୍ଗିକ ସଂସ୍କାର ନକରି ପୁନଶ୍ଚ ପ୍ରଚଳନ କରିବାର ପ୍ରୟାସ ଆଦୌ ଗ୍ରହଣୀୟ ନୁହେଁ। ●

କଟକ, ମୋ: ୯୪୩୭୨୭୭୩୧୩

## ମାଟି-ମଣିଷର କଥା ଓ ବ୍ୟଥା

**ସୁଶାନ୍ତ କୁମାର ମିଶ୍ର**



'ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନମ୍'। ଶରୀର ରକ୍ଷା ପାଇଁ ଅନ୍ନର ଉପଯୋଗିତା ଅପରିହାର୍ଯ୍ୟ। ବେଦ, ଉପନିଷଦ, ପୁରାଣ, ସାହିତ୍ୟ ଆଦି ଭାରତୀୟ ସଂସ୍କୃତିରେ କୃଷିପର୍ବର ମହିମା ଗାନ କରାଯାଇଛି। ଖ୍ରୀଷ୍ଟପୂର୍ବ ୨୯ରେ ଲାଟିନ୍ କବି ଭର୍ଜିଲ୍ ବିଶ୍ୱପ୍ରସିଦ୍ଧ 'ଜର୍ଜିକସ୍' କାବ୍ୟ ରଚନା କଲେ। କୃଷିରେ ଶ୍ରମର ମହିମାକୁ କହିବା ଆଳରେ ସେ କୃଷକ ଓ କୃଷି ସହିତ ମହୁମାଛି ଓ ମହୁଫେଣାକୁ ତୁଳନା କରିଛନ୍ତି। କଷ୍ଟ ସ୍ୱୀକାର କରି ଏ ଗଛରୁ ସେ ଗଛକୁ ଉଡ଼ିବୁଲି ମହୁମାଛି ମହୁ ସଂଗ୍ରହ କରି ସାଇତି ରଖିଥିବା ମହୁଫେଣାକୁ ଭାଙ୍ଗିଦେବା ପରେ ମଧ୍ୟ ମହୁମାଛି ନିଜ କାମରୁ ନିବୃତ ନ ହୋଇ ଅନ୍ୟସ୍ଥାନରେ ପୁଣି ମହୁଫେଣା ସୃଷ୍ଟି କରିଥାଏ। ସେହିଭଳି ଦୈବୀ ଦୁର୍ବିପାକରେ ବହୁଶ୍ରମ ଓ କଷ୍ଟାର୍ଜିତ ଫସଲ ନଷ୍ଟ ହୋଇଗଲେ ମଧ୍ୟ କୃଷକ ଧୈର୍ଯ୍ୟହରା ନ ହୋଇ ପୁଣି ସୁନାର ଫସଲ ସ୍ୱପ୍ନକୁ ସାକାର କରିବାକୁ ଖରାବର୍ଷାଶୀତରେ ବାହାରିପଡ଼େ।

ଗରିବ କୃଷକର ସ୍ୱପ୍ନ ଭାଙ୍ଗୁଥିବା ବ୍ୟବସ୍ଥା ପ୍ରତି ସର୍ବଦା ସାହିତ୍ୟରେ ସ୍ୱର ଉତ୍ତୋଳନ ହୋଇଛି। ପ୍ରଖ୍ୟାତ ଲେଖକ ଲିଓ ଟଲଷ୍ଟୟ କହିଛନ୍ତି ଯେ ସଂଭ୍ରାନ୍ତ ଗୋଷ୍ଠୀ ଗରିବ ଉପରେ ସର୍ବଦା ବୋଝ। ରୁଷର କୃଷି ଦାର୍ଶନିକ ଟିଏମ୍ ବୋଣ୍ଡାରେଫଙ୍କ ପ୍ରଣୀତ 'ରୋଟି ଓ ପରିଶ୍ରମ' ନୀତି କହୁଛି ଯେ ସମସ୍ତ ମଣିଷ ନିଜ ପରିଶ୍ରମରେ ହିଁ ଖାଦ୍ୟ ଉତ୍ପାଦନ କରିବା ଆବଶ୍ୟକ। ଏହାକୁ ଟଲଷ୍ଟୟ ଗ୍ରହଣ କରିଛନ୍ତି ଏବଂ ଟଲଷ୍ଟୟଙ୍କ ଦର୍ଶନରେ ପ୍ରଭାବିତ ହୋଇଛନ୍ତି ମହାତ୍ମା ଗାନ୍ଧୀ। ସବୁପ୍ରକାର ପରିଶ୍ରମକୁ ମର୍ଯ୍ୟାଦା ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି। କୃଷକଙ୍କୁ ନ୍ୟାୟ ଦେବାକୁ ତାଙ୍କ ଚମ୍ପାରଣ ଆନ୍ଦୋଳନ ଜ୍ୱଳନ୍ତ ଉଦାହରଣ। ମାଟିର ମଣିଷ ପାଖରେ ହିଁ ଭଗବାନଙ୍କ ଉପଲବ୍ଧି ହୋଇଥାଏ ବୋଲି ବିଶ୍ୱକବି ରବୀନ୍ଦ୍ରନାଥ ଟେଗୋରଙ୍କ ସମେତ ମହାନ କବି ଓ ଦାର୍ଶନିକମାନେ ଗୁରୁତ୍ୱ ଆରୋପ କରିଛନ୍ତି। ଯେଉଁଠି ଅନ୍ନ ସେଠାରେ ହିଁ ବିଷ୍ଣୁ ଓ ଲକ୍ଷ୍ମୀଙ୍କ ନିବାସ ବୋଲି କୃଷକ ସଂଗୀତରେ କହୁଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେର। ଉପନିଷଦରେ ବି କୁହାଯାଉଛି- ଅଦ୍ୟତୋଽତି ଚ ଭୂତାନି ତସ୍ମାଦନ୍ନ ତଦୁଚ୍ୟତେ। ଅହମନ୍ନ ମହମନ୍ନ ମହମନ୍ନମ୍॥ ଅର୍ଥାତ ଈଶ୍ୱର ହିଁ ଅନ୍ନ। ତେଣୁ ଅନ୍ନକୁ ଉତ୍ପାଦନ କରୁଥିବା ମାଟିର ମଣିଷ ପାଖରେ ଭଗବାନଙ୍କୁ ଉପଲବ୍ଧି କରାଯାଇପାରିବ।

ସମାଜର ପୂଜ୍ୟପୂଜା ଧାରାରେ ମାଟିର ମଣିଷକୁ ସାମିଲ କରିବାର ଦୃଶ୍ୟ ବିରଳ। ବରଂ ସେ ଅନ୍ୟକୁ ସର୍ବଦା ଶ୍ରଦ୍ଧା ଓ ସମ୍ମାନ କରିଥାଏ। ଚାଷୀଟିଏର ପ୍ରତିଛବି ଚିନ୍ତାକଲେ ମଳିମୁଣ୍ଡିଆ, ଅପାଠୁଆ, ଗରୀବ ଭଳି ଚିତ୍ରଟିଏ ଭାସିଆସେ ମନ ଭିତରେ। 'ଚାଷକାମ ଯାହାର କେଡେ ସୁଖ ତାହାର' ଭଳି ପଂକ୍ତିକୁ ପାଥେୟ କରି ସିଏ ସବୁ ଦୁଃଖକୁ ସୁଖରେ ପରିଣତ କରିଥାଏ। ଦୁଃଖ ଅଭାବରେ କାଳାତିପାତ କରୁଥିଲେ ସୁଦ୍ଧା ଚାଷୀ କୌଣସି ପ୍ରତିକ୍ରିୟା ରଖେନାହିଁ। ବରଂ ଛାତିକୁ ପଥର କରି ସବୁ କଷଣକୁ ସୁଖ ବୋଲି ଉପଲବ୍ଧି କରେ। ଚାଷୀ କୌଣସି ଦାର୍ଶନିକଠାରୁ କମ ନୁହେଁ। ଚାଷୀ ସମାଜ ମୁହଁରେ ଅନ୍ନ ଦେଇ କେବଳ ହସ ଫୁଟାଇ ନଥାଏ, ସର୍ବଦା ସମାଜର ମଙ୍ଗଳ ଚିନ୍ତା କରିଥାଏ। ପୂଜ୍ୟପୂଜା, ସାମାଜିକ ସଂହତି, ଭ୍ରାତୃତ୍ୱ ଭାବର ପରିକଳ୍ପନା କରେ। ଲଙ୍ଗଳ ଜୁଆଳି, ହଳ ବଳଦ, ଖେତ ଖଳା, ପିତୃପୁରୁଷ, ଇଷ୍ଟ ଦେବତା, ଗୁରୁଜନ ସମସ୍ତଙ୍କ ଠାରେ ମୁଣ୍ଡ ନୁଆଁଏ। ସ୍ନେହ, ସରାଗ, ଆବେଗର ଗ୍ରାମୀଣ ଚିତ୍ର ତିଆରି କରେ। ରାଜସିଂହାସନ ଅଥବା କ୍ଷମତାର ମୋହ ବି ଭାତୃପ୍ରେମରେ ଅନ୍ତରାୟ ସୃଷ୍ଟି କରିପାରି ନାହିଁ।

ଏବେ କିନ୍ତୁ ବିଭିନ୍ନ ବାହ୍ୟ କାରକ, ଅପରିପକ୍ୱ ବ୍ୟବସ୍ଥା ଚାଷୀର ସ୍ୱପ୍ନକୁ ଭାଙ୍ଗିଦେଉଛି। କିନ୍ତୁ ସବୁ ସ୍ଥିତିରେ ଧୈର୍ଯ୍ୟ ଧରେ କୃଷକ। ଶତ୍ରୁ ମିତ୍ର ସମସ୍ତେ ତା' ଆଗରେ ସମାନ। ସାମ୍ୟବାଦର ସ୍ୱର ଭାସିଉଠେ ତା' କର୍ମରେ। ତେଣୁ ଚାଷୀର ମାନସିକତାକୁ ବୁଝିବାର ସମୟ ଆସିଛି। ସୁନ୍ଦର ଫୁଲ ଓ ଡାଳକୁ ମୋଡ଼ି ମକଚି ଫୁଲ ଡାଲି ଭର୍ତ୍ତି ହୋଇଥାଏ। କିନ୍ତୁ ଭାଙ୍ଗିଯାଉଥିବା ଗଛକୁ ଯତ୍ନକରି ଜୀବନ୍ୟାସ ଦେଇଥାଏ ମାଳି। ତେଣୁ ଡାଲି ନୁହେଁ ବରଂ ମାଳିଟିଏ ଭଳି କୃଷକର ମାନସିକତା। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରଚିତ 'କୃଷକର ଆତ୍ମକଥା'ରେ କୃଷକ କହୁଛି ଯେ- 'ରାତିରେ ମୋ ହାତରେ କଲମ, ଦିବସେ କୋଡ଼ି ବାଡ଼ି ହେ।' ଅର୍ଥାତ କର୍ମ ଜ୍ଞାନାଲୋକରେ ଆଲୋକିତ ଓ ଜ୍ଞାନ ମଧ୍ୟ କର୍ମାଭିମୁଖୀ ହେବା ଆବଶ୍ୟକ।

ଚାଷ କୃଷକ ହାତରୁ କର୍ପୋରେଟ ହାତକୁ ଉତ୍ତରିତ ହେଉଥିବାର ଭୟଙ୍କର ବିପଦ ଘନେଇ ଆସୁଛି। ବୈଶାଖର ଖରା, ଶ୍ରାବଣର ମୂଷଳଧାରା ଆଉ ମାଘର ହାଡ଼ଭଙ୍ଗା ଶୀତରେ ରକ୍ତକୁ ପାଣି ଫଟେଇ କୃଷକ ଧାନ ମୁଠାଏ ପାଇଥାଏ। ଧାନ ମୁଠାଏରୁ ତିଆରି ହୁଏ ଚାଷୀର ବାର୍ଷିକ ବଜେଟ୍। ଯେଉଁ ଧାନ ପାଇଁ ସମଗ୍ର ବିଶ୍ୱବାସୀ ଖାଇବାକୁ ପାଆନ୍ତି। କିନ୍ତୁ ଆଜି ସେହି ଧାନ ମୁଠାକ ପାଇଁ କୃଷକ ସଂଘର୍ଷ କରୁଛି। ବିସ୍ଥାପିତ ହେଉଛି କଳା କାଦୁଅରୁ କଳା ରାସ୍ତାକୁ। ବଦଳୁଛି ଜୀବନ୍ତ ସଂସ୍କୃତି। ପରିବର୍ତ୍ତନ ହେଉଛି ପେଟପାଟଣାର ଚିତ୍ର। ମାଟିର କଥା ଚିନ୍ତା କରୁଥିବା ମାଟିର ମଣିଷର କଥା ଆମେ ସମସ୍ତେ ଚିନ୍ତା କରିବାର ସମୟର ଆହ୍ୱାନ। ●

ତାଳପଦର(ବରଗଡ଼), ମୋ: ୯୯୩୮୨୭୭୬୩୫

## ଆମ ବୃକ୍ଷଲତା ଆମ ଜୀବନ

**ବାଇଡଙ୍କ**

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

ବାଇଡଙ୍କ ଏକ ଲତା ଜାତୀୟ ଉଦ୍ଭିଦ, ଯାହା ସାରା ଭାରତରେ ବଢ଼ିଥାଏ ଏବଂ ଏହା ଆଫ୍ରିକା, ଏସିଆ, ଆମେରିକା, ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର କିଛିଅଞ୍ଚଳ ସମେତ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ବ୍ୟାପକ ଭାବରେ ବିସ୍ତାରିତ ହୋଇଥାଏ। ଏହି ଲତାର ସଂସ୍ପର୍ଶରେ ଆସିଲେ ଅତ୍ୟଧିକ କୁଣ୍ଡାଇ ହେବା ହେତୁ ଏହା କୁଖ୍ୟାତି ଅର୍ଜନ କରିଥାଏ; କିନ୍ତୁ ଏହାର ଔଷଧୀୟ ଗୁରୁତ୍ୱ ଅଧିକ।

ଏହା ଏକବାର୍ଷିକ ଶକ୍ତିଶାଳୀ ଗୁଳ୍ମ ଲତା, ଯାହା ୧୫ ମିଟରରୁ ଅଧିକ ଲମ୍ବ ହୋଇପାରେ। ଶୈଶବ ଅବସ୍ଥାରେ ଲତାଟି ମାରାତ୍ମକ ଲୋମ ଦ୍ୱାରା ଆଚ୍ଛାଦିତ ହୋଇଥାଏ। ବଡ଼ ହେବା ପରେ ଲୋମମୁକ୍ତ ହୋଇଯାଏ। ପତ୍ରଗୁଡ଼ିକ ତିନୋଟି ଅଂଶ ସହିତ ଯୌଗିକ ଓ ତ୍ରିକୋଣୀୟ। ପତ୍ରର ପାର୍ଶ୍ୱଗୁଡ଼ିକ ପ୍ରାୟତଃ ବହୁତ ଖାଞ୍ଜିତ ଓ ଅଗ୍ରଭାଗ ସୂକ୍ଷ୍ମ। ଫଳଗୁଡ଼ିକ ଦେଖିବାକୁ ଶିମ୍ବ, ମଟର ବା ଛୋଟ ବିନ ଭଳି। ଫୁଲଗୁଡ଼ିକ ସୁନ୍ଦର ଧଳା କିମ୍ବା ବାଇଗଣୀ ରଙ୍ଗ ହୋଇପାରେ। ଫଳ ପାଚିବା ଅବସ୍ଥାରେ ୪-୧୩ ସେମି ଲମ୍ବା, ୧-୨ ସେମି ଚଉଡ଼ା ଥାଏ। ଫଳଗୁଡ଼ିକ ପ୍ରାୟ ସାତଟି ପର୍ଯ୍ୟନ୍ତ ବିହନ ବହନ କରନ୍ତି, ଯାହା ଚକଚକିଆ କଳା କିମ୍ବା ମାଟିଆ।

ଆୟୁର୍ବେଦିକ ଔଷଧି ଜଗତରେ ହଜାର ହଜାର ବର୍ଷ ଧରି ବାଇଡଙ୍କ ସ୍ୱୀକୃତି ଅର୍ଜନ କରିଛି। ଏହା ତ୍ରିଦୋଷିକ ସନ୍ତୁଳନ ପାଇଁ ଉପଯୋଗୀ। ଏହାକୁ ସ୍ନାୟୁ ରୋଗ, ବନ୍ଧ୍ୟାତ୍ୱ, ପାଚନ ବିକାର, ରକ୍ତ ସର୍କରା, ସାପକାମୁଡ଼ା ଆଦିର ଚିକିତ୍ସା ପାଇଁ ପାରମ୍ପରିକ ଔଷଧ ଓ କାମୋଦ୍ଦୀପକ ଭାବରେ ବ୍ୟବହାର କରାଯାଏ। ବାଇଡଙ୍କରେ, ବିଶେଷକରି ଏହାର ବିହନରେ ଏଲ୍-ଡୋପା(ଖ- ଡୋପା-ଲେଭୋଡୋପା) ଉପାଦାନର ପରିମାଣ ଅପେକ୍ଷାକୃତ ଉଚ୍ଚସ୍ତର ଥାଏ। ଏଲ୍-ଡୋପା ହେଉଛି ନ୍ୟୁରୋଟ୍ରାନ୍ସମିଟର ଡୋପାମିନର ଏକ ଅତ୍ୟାବଶ୍ୟକୀୟ ଅଗ୍ରଦୂତ ବା ପୁରୋଗାମୀ। ମନୋଭାବକୁ ଉନ୍ନତ କରିବା ଓ ଭାବପ୍ରବଣତାକୁ ସ୍ଥିର ରଖିବାର କ୍ଷମତା ବାଇଡଙ୍କରେ ଅଛି। ଆୟୁର୍ବେଦ ଫାରମାସିରେ ବାଇଡଙ୍କ ଟାବଲେଟ୍, ପାଉଡର, ଟନିକ୍ ରୂପରେ ଉପଲବ୍ଧ। ତେବେ ଏଲ୍-ଡୋପା କିଛିଲୋକଙ୍କ କ୍ଷେତ୍ରରେ ସମ୍ବେଦନଶୀଳ, ବାନ୍ତି, କ୍ରାମ୍ପ ବା ମାଂସପେଶୀରେ ଆକସ୍ମିକ ଯନ୍ତ୍ରଣା, ମୁଣ୍ଡବିନ୍ଧା, ଗତି ବିକାର, ଥକ୍କାପଣ, କମ୍ପନ, ମୂର୍ଚ୍ଛା, ତୃଷା ଏବଂ ନିମ୍ନ ବା ସ୍ୱଳ୍ପ ରକ୍ତଚାପ ଭଳି ସମସ୍ୟା ସୃଷ୍ଟି କରିପାରେ। ଗର୍ଭାବସ୍ଥା ଓ ସ୍ତନ୍ୟପାନ ସମୟରେ ଏହାକୁ ସତର୍କତାର ସହିତ ବ୍ୟବହାର କରାଯିବା ଉଚିତ। ସାଇକୋଜେଫ୍ରେନିଆ, ଗ୍ଲୁକୋମା, ହୃଦସ୍ରାବ, ଦୀର୍ଘକାଳୀନ ସ୍ନାୟୁ ଯନ୍ତ୍ରଣା ଓ ପେଟ ଅଲସର ଏବଂ ଯଦି ଜଣାଶୁଣା ଆଲର୍ଜି ବା ପ୍ରତିକୂଳ ପ୍ରତିକ୍ରିୟା ଥାଏ ତେବେ ଏହାକୁ ଏଡ଼ାଇବା ଉଚିତ।

ଏବିଶ୍ୱର ଅନେକ ସ୍ଥାନରେ ବାଇଡଙ୍କକୁ ଏକ ଗୁରୁତ୍ୱପୂର୍ଣ୍ଣ ଗୋଖାଦ୍ୟ ଓ ସବୁଜ ସାର ଫସଲ ଭାବରେ ବ୍ୟବହାର କରାଯାଏ। ଏହା ଏକ ଡାଲିଜାତୀୟ ଲତା ହୋଇଥିବାରୁ ବହୁ ପରିମାଣ ପୁଷ୍ଟିକର ପ୍ରୋଟିନ ଥାଏ ଏବଂ ଯବକ୍ଷାରଯାନ ଯୋଗାଏ। ଏହାର ତଟକା କୋମଳ ଡାଳ ଓ ଫଳକୁ ରୋଷେଇ କରି ଖିଆଯାଏ। ହିମାଳୟ ଅଞ୍ଚଳରେ ବିହନଗୁଡ଼ିକୁ ସିଝାଇ ଖିଆଯାଏ। ଇଣ୍ଡୋନେସିଆରେ, ବିଶେଷକରି ଜାଭାରେ, ଏହାର ଫଳକୁ କିଣ୍ୱନ କରି ଖାଆନ୍ତି, ଯାହାକୁ କୁହାଯାଏ 'ବେଙ୍ଗୁକ୍'। ରାଜସ୍ଥାନ ଓ ଆଖପାଖରେ ବାଇଡଙ୍କ ଚାଷ କରାଯାଏ। ବର୍ଷା ଦ୍ୱାରା ଜମି ଓଦା ହେବା ପରେ ଜୁଲାଇ ମାସରେ ବିହନ ସିଧା କ୍ଷେତରେ ବୁଣାଯାଏ। ତା'ପରେ ଫସଲ ନଭେମ୍ବର କିମ୍ବା ଡିସେମ୍ବର ମାସନରେ ପରିପକ୍ୱ ଫଳ ଅମଳ କରାଯାଇ ଶୁଖାଇ ବ୍ୟବହାର ପାଇଁ ପାଉଡରରେ ପରିଣତ କରାଯାଏ। ଭାରତରେ ଏହାର ଏକ ଉନ୍ନତ ଧରଣର ବିହନ 'ଝାଣ୍ଟୁ କାଞ୍ଚା' ଚାଷ କରାଯାଏ। ବାଇଡଙ୍କ ଫଳ ଏବଂ ବିହନ ଅମଳ ଏବଂ ପ୍ରକ୍ରିୟାକରଣ ଉଭୟ ସତର୍କତା ସାପେକ୍ଷ ଏବଂ ଶ୍ରମ ସାଧ୍ୟ। ବିହନ ପୋଡ଼ ବା ଫଳରେ ଥିବା କେଶରେ ସେରୋଟୋନିନ୍ ଓ ପ୍ରୋଟିନ୍ ମ୍ୟୁକୁନାଇନ୍ ଥାଏ, ଯାହା ଚର୍ମ ସଂସ୍ପର୍ଶରେ ଆସିଲେ ଗୁରୁତର କୁଣ୍ଡାଇ ହୁଏ। ତେଣୁ ନାଇଜେରିଆରେ ଏହାକୁ 'ଡେଭିଲ୍ ବିନ୍ସ୍' କୁହାଯାଏ। ବାଇଡଙ୍କକୁ ଇଂରାଜୀରେ କାଉହେଜ୍ ବା 'ଯାଦୁକରୀ ଭେଲଭେଟ୍ ବିନ୍' କୁହାଯାଏ। ସମସ୍ୟାପୂର୍ଣ୍ଣ ଡାବୁ ଛଣ ଘାସ ପାଇଁ ଜୈବିକ ନିୟନ୍ତ୍ରଣ ଭାବରେ ବେନିନ୍ ଓ ଭିଏତନାମରେ ବାଇଡଙ୍କର ବ୍ୟବହାର ହୋଇଥାଏ। ଦକ୍ଷିଣ ଫ୍ଲୋରିଡାରେ ଏହାକୁ ଆକ୍ରମଣାତ୍ମକ କୁହାଯାଏ। ତେଣୁ ଏହାକୁ 'ସ୍ଲିପର ୱିଡ' ଓ 'ଅନାବନା ଉଦ୍ଭିଦ' ଭାବରେ ଗ୍ଲୋବାଲ୍ କମ୍ପେଣ୍ଡିୟମ୍ ଅଫ୍ ୱାଇଡ୍ସରେ ତାଲିକାଭୁକ୍ତ କରାଯାଇଛି। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଗେଟ୍ ମାଧ୍ୟମରେ ଏଇଇ ପରୀକ୍ଷାକୁ ବିରୋଧ

## ଆବେଦନରୁ ବଞ୍ଚିତ ଗେଟ୍ ଉତ୍ତୀର୍ଣ୍ଣ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୩୧।୮ (ସମିସ): ରାଜ୍ୟରେ ଲକ୍ଷ ଲକ୍ଷ ଇଞ୍ଜିନିୟରିଂ ଡିଗ୍ରୀଧାରୀ ଥିଲେ ବି ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ପଦବୀ ପାଇଁ ଆବେଦନ କରିପାରୁନାହାନ୍ତି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି)ଠାରୁ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇ ଗେଟ୍ ମାଧ୍ୟମରେ ନିଯୁକ୍ତି ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯିବା ପରେ ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିକି, ଅନେକ ଇଞ୍ଜିନିୟରିଂ ପିଲା ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ତାହାର ଅବଧି ୩ ବର୍ଷ ଥିବାରୁ ଆବେଦନ କରିବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଗ୍ରାଜୁଏସନ୍ ଇଞ୍ଜିନିୟରିଂ ଷ୍ଟୁଡେଣ୍ଟସ୍ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ବିରୋଧ କରାଯିବା ସହ ଗେଟ୍ ବଦଳରେ ଓପିଏସ୍‌ସି ଦ୍ୱାରା ପରୀକ୍ଷା କରିବାକୁ ଦାବି କରାଯାଇଛି।

ଆସୋସିଏସନ୍ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ପୂର୍ବରୁ ଏଇଇ ପଦରେ ନିଯୁକ୍ତି ପାଇଁ ଓପିଏସ୍‌ସି ପରୀକ୍ଷା ପରିଚାଳନା କରୁଥିଲା। ୨୦୨୧ ମସିହାରେ ଏହାକୁ ବଦଳାଇ ଓପିଏସ୍‌ସି ବଦଳରେ ଗେଟ୍ ଦ୍ୱାରା ପରୀକ୍ଷା କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ନିଯୁକ୍ତିରେ ଅଧିକ ସ୍ୱଚ୍ଛତା ପାଇଁ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ସରକାର ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ମଧ୍ୟ ଦାଖଲ କରିଛନ୍ତି। ଯାହାକୁ ନେଇ ଆଶାୟୀମାନେ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ କହିବା କଥା, ରାଜ୍ୟର ପ୍ରମୁଖ ନିଯୁକ୍ତି ପରୀକ୍ଷା ଓପିଏସ୍‌ସି ପରିଚାଳନା କରୁଥିବା ବେଳେ ଏହାର ସ୍ୱଚ୍ଛତା ପ୍ରତି ଖୋଦ୍ ସରକାର ପ୍ରଶ୍ନ ଉଠାଇବା ଚିନ୍ତାଜନକ। ପଞ୍ଚାୟତିରାଜ ବିଭାଗ ପରି ଏକାଧିକ ବିଭାଗର ଏଇଇ ପଦରେ ନିଯୁକ୍ତି ପାଇଁ ଓପିଏସସି ପରୀକ୍ଷା କରୁଥିବା ବେଳେ କେବଳ ଜଳ ସମ୍ପଦ ବିଭାଗ ଉଦ୍ଦେଶ୍ୟମୂଳକ ଭାବେ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ଏହାର ସମାଧାନ ରାସ୍ତା ସରକାର ବାହାର କରୁନଥିବା ସଂଗଠନର ଉପଦେଷ୍ଟା ବିଭୂତି ଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି।

### ବିଧାନସଭାରେ ପ୍ରସଙ୍ଗ ଉଠାଇବା ପାଇଁ ବିଧାୟକଙ୍କୁ ଚିଠି ଲେଖାଯିବ

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଜେଡି ସରକାର ଓପିଏସସି ବଦଳରେ ଗେଟ୍ ପରୀକ୍ଷା କରିବାକୁ ନିଷ୍ପତ୍ତି ନେବା ପରେ ଏହାକୁ ବିଜେପି ବ୍ୟାପକ ବିରୋଧ କରିଥିଲା। ଏପରିକି ବିଧାନସଭାରେ ଧ୍ୟାନ ଆକର୍ଷଣ (କଲିଂ ଆଟେନସନ୍) ନୋଟିସ୍ ମଧ୍ୟ ଆଣିଥିଲା। ଏବେ ସରକାରରେ ମନ୍ତ୍ରୀ ଥିବା ମୁକେଶ ମହାଲିଙ୍ଗ, ସୂର୍ଯ୍ୟବଂଶୀ ସୂରଜ, ଗଣେଶ ରାମସିଂ ଖୁଣ୍ଟିଆଙ୍କ ସମେତ ଏକାଧିକ ବିଧାୟକ ଦସ୍ତଖତ କରି ବାଚସ୍ପତିଙ୍କୁ ପ୍ରଦାନ କରିଥିଲେ। ହେଲେ ସରକାରକୁ ଆସିଲା ପରେ ସେମାନଙ୍କ ଆଭିମୁଖ୍ୟ ବଦଳିଗଲା। ଏବେ ଗେଟ୍ ମାଧ୍ୟମରେ ପରୀକ୍ଷା କରିବାକୁ ବିଜେପି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆହୁରି ରୋଚକ କଥା ହେଲା, ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନେ ମଧ୍ୟ ଏଇଇ ପରୀକ୍ଷା ପାଇଁ ଆବେଦନ କରିପାରୁନାହାନ୍ତି। କାରଣ ଗେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ୩ବର୍ଷ ମଧ୍ୟରେ ଏଇଇ ପରୀକ୍ଷା ହେବା ଆବଶ୍ୟକ। ଅନ୍ୟଥା ସେମାନେ ସ୍ୱତଃପ୍ରବୃତ୍ତ ଭାବେ ଅଯୋଗ୍ୟ ହୋଇଯିବେ। କେବେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିବ, ସେନେଇ କୌଣସି ସ୍ପଷ୍ଟତା ନଥିବା ବେଳେ ଆଶାୟୀମାନେ ପ୍ରତିବର୍ଷ ଗେଟ୍ ପରୀକ୍ଷା ଦେବାକୁ ବାଧ୍ୟ ହେଉଛନ୍ତି। ଫଳରେ ସେମାନେ ଉଚ୍ଚଶିକ୍ଷା କିମ୍ବା ଅନ୍ୟାନ୍ୟ ପରୀକ୍ଷା ପାଇଁ ଆଉ ପଢ଼ି ପାରୁନାହାନ୍ତି। ଏଣୁ, ଏହି ପ୍ରସଙ୍ଗର ସ୍ଥାୟୀ ସମାଧାନ ପାଇଁ ବିଧାନସଭାରେ ପ୍ରସଙ୍ଗ ଉଠାଇବାକୁ ସମସ୍ତ ବିଧାୟକଙ୍କୁ ଆଶାୟୀମାନେ ପତ୍ର ଲେଖିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ସଭାପତି ସମୀର ରଞ୍ଜନ ସାହୁ, ସମ୍ପାଦକ ପ୍ରଣୟ ପ୍ରଧାନ, ଶେଖ୍ ସାଫିକ୍‌ଙ୍କ ସମେତ ବହୁ ଆଶାୟୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ନୋବେଲ ବିଜେତା ପ୍ରଫେସର୍ ମାଇକେଲ କ୍ରେମର୍‌ଙ୍କ କୃଷି ଭବନ ପରିଦର୍ଶନ



ଭୁବନେଶ୍ୱର,୩୧।୮ (ସମିସ): ଚିକାଗୋ ବିଶ୍ୱବିଦ୍ୟାଳୟର ନୋବେଲ ପୁରସ୍କାର ବିଜେତା ପ୍ରଫେସର୍ ମାଇକେଲ କ୍ରେମର ଏବଂ ତାଙ୍କର ୧୨ ଜଣିଆ ଦଳ ଶନିବାର କୃଷି ଭବନ ପରିଦର୍ଶନ କରିଛନ୍ତି। ରାଜ୍ୟର ଚାଷୀ ସମାଜ ମଧ୍ୟରେ ପାଣିପାଗ ପୂର୍ବାନୁମାନ ପ୍ରସାରଣ ଏବଂ ଏହାର ଆବଶ୍ୟକତା, ବୈଧତା ଏବଂ ଗ୍ରହଣୀୟତା ବିଷୟରେ ଆଲୋଚନା କରିବା ପାଇଁ କୃଷି ଭବନରେ ଏକ ବୈଠକର ଆୟୋଜନ କରାଯାଇଥିଲା। କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ଉପସ୍ଥିତିରେ କୃଷି ଭବନ ସମ୍ମିଳନୀ କକ୍ଷରେ ପ୍ରଫେସର କ୍ରେମର କୃଷି ସମୃଦ୍ଧି ହେଲ୍ପଲାଇନ(କେଏସଏଚ୍) ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ କୃଷି ସମୃଦ୍ଧି ହେଲ୍ପଲାଇନ୍ ରାଜ୍ୟର ପ୍ରତ୍ୟେକ ଚାଷୀଙ୍କୁ ଜଳବାୟୁ ପ୍ରତିକୂଳ ପରିସ୍ଥିତିରୁ ତାଙ୍କ ଫସଲକୁ ରକ୍ଷା କରିବାରେ ସାହାଯ୍ୟ କରିବ। ବର୍ଷା, ତାପମାତ୍ରା ଏବଂ ଆର୍ଦ୍ରତାକୁ ବିଚାରକୁ ନେଇ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ପୂର୍ବାନୁମାନ ପ୍ରଚଳନ କରିବାକୁ ମତ ଦେଇଥିଲେ। ବୈଠକରେ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ସୁବ୍ରତ ପଣ୍ଡାଙ୍କ ବରିଷ୍ଠ ବିଭାଗୀୟ ଅଧିକାରୀ, ଓୟୁଏଟିର ବୈଜ୍ଞାନିକ ଏବଂ ଜଳବାୟୁ ଅନୁଶୀଳନ କକ୍ଷ (ସିଆରସି)ର ସଦସ୍ୟମାନେ ଉପସ୍ଥିତ ଥିଲେ।

### ରାଜ୍ୟର ପାଣିପାଗ ଓ କୃଷି ଉପଦେଶ ମଡେଲର ପ୍ରଶଂସା

# ବିଧାନସଭା ଘେରିବ ମାଧ୍ୟମିକ ଏନ୍‌ପିଏସ୍ ଶିକ୍ଷକ ସଂଘ

ଭୁବନେଶ୍ୱର, ୩୧।୮(ସମିସ): ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକଙ୍କ ବିଭିନ୍ନ ଦାବି ନେଇ ବାରମ୍ବାର ଦାବି ଓ ଆଲୋଚନା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ସରକାରଙ୍କ ଉଦାସୀନତା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ସେମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ହେଉନାହିଁ। ୬ବର୍ଷର ଚୁକ୍ତି ଅବଧିକୁ ନିୟମିତ ଭାବେ ଗଣନା କରିବା ସହ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା, କ୍ୟାଡର୍ ପୁନର୍ଗଠନ, ମାଧ୍ୟମିକ ଶିକ୍ଷକଙ୍କ ଏଣ୍ଟ୍ରି ଲେଭେଲ୍ ଗ୍ରେଡ୍ ପେ' ୨୮୦୦ ରୁ ୪୨୦୦ ଏବଂ ୪୨୦୦ ରୁ ୪୬୦୦କୁ ବୃଦ୍ଧି ପରି ବିଭିନ୍ନ ଦାବିରେ ସେପ୍ଟେମ୍ବର ୬ ତାରିଖରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଓ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ସଚିବଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ସଂଘ ପକ୍ଷରୁ ନିଷ୍ପତ୍ତି ହେଇଛି। ଦାବି ପୂରଣ ପାଇଁ ସରକାର ତ୍ୱରିତ ପଦକ୍ଷେପ ନନେଲେ ସେପ୍ଟେମ୍ବର ୧୮ ତାରିଖରୁ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ସଂଘର ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି। ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘର ଆବାହକ ଭବକୃଷ୍ଣ ମହାନ୍ତି, ଅମରେନ୍ଦ୍ର ସ୍ୱାଇଁ, ଶୁଭ୍ରଜିତ ପଡ଼ିଆରୀ, ବିଶ୍ୱଜିତ ବିଶ୍ୱାଳ, ପଞ୍ଚାନନ ଜେନା ଓ ରାଜେନ୍ଦ୍ର ମଲ୍ଲିକ ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# କୂଅରେ ପଡ଼ି ଜୀବନ ଗଲା

ଅନୁଗୋଳ, ୩୧।୮ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଲା ଥାନା ଅନ୍ତର୍ଗତ ଲୋକେଇପଶି ଗାଁରେ କୂଅରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଗାଁର ହରିହର ଦାସଙ୍କ ପୁଅ ସୁକାନ୍ତ ଦାସ(୪୮)। ପରିବାରଲୋକଙ୍କ ସୂଚନାନୁଯାୟୀ, ସୁକାନ୍ତଙ୍କ ଘର ପାଖରେ ଏକ କୂଅ ଅଛି। ରବିବାର ସକାଳେ ସେ କୂଅ ନିକଟକୁ ଯାଇଥିବା ବେଳେ ଅସାବଧାନତାବଶତଃ ଖସି ପଡ଼ିଥିଲେ। ଖବର ପାଇ ବନ୍ତଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁକାନ୍ତଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।


AFFIDAVIT

I, Pradip Kumar Nayak, S/o- Jayaram Nayak, Resident of Village: Kanaka, PO.: Kanaka, PS.: Khallikote, Dist- Ganjam, Pin-761028, Odisha declare by this Affidavit No. A/3046, Dated 30.08.2025, that now onwards I shall be known as **PRADIP NAYAK** for all future purposes.


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାନବତା ପାଇଁ...

୨.୮ ବିଲିୟନ ଲୋକଙ୍କ ହିତରେ। ଏହା କେବଳ ଦୁଇ ଦେଶ ନୁହେଁ; ବରଂ ମାନବତା ପାଇଁ ଉପଯୋଗୀ। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସମ୍ବେଦନଶୀଳତା ଆଧାର କରି ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ମଜବୁତ କରିବା ପାଇଁ ଆମେ ପ୍ରତିବଦ୍ଧ। ଏଥିପାଇଁ ସୀମାରେ ଶାନ୍ତି ଏବଂ ସ୍ଥିରତା ଜରୁରୀ। ଭାରତର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଦୁଇ ଦେଶ ପାରସ୍ପରିକ ବିଶ୍ୱାସ ବୃଦ୍ଧି, ମତଭେଦକୁ ବିବାଦରେ ରୂପ ନ ଦେବାକୁ, ଆହ୍ୱାନର ମିଳିତ ମୁକାବିଲା କରିବାକୁ ସହମତି ପ୍ରକାଶ କରିଛନ୍ତି। ଉଭୟ ନେତା ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧ ଥିବା କହିଛନ୍ତି। ଏଥିରେ ମୋଦୀ ସାମରିକ ସ୍ୱାଧୀନତା ପ୍ରସଙ୍ଗ ଉଠାଇ ଥିଲେ। ଦୁଇ ଦେଶର ସମ୍ବନ୍ଧରେ କୌଣସି ତୃତୀୟ ପକ୍ଷର ଦୃଷ୍ଟିରେ ଦେଖିବା ଅନୁଚିତ ବୋଲି କହିଥିଲେ।

ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟି ଖୁସି ଲାଗୁଛି ବୋଲି ଜିନପିଙ୍ଗ କହିଥିଲେ। ଡ୍ରାଗନ (ଚୀନ୍) ଏବଂ ହାତୀ (ଭାରତ) ଏକାଠି ହେବା ଉଚିତ। ଦୁଇ ଦେଶ ପ୍ରତିଦ୍ୱନ୍ଦ୍ୱି ନୁହେଁ, ବରଂ ସହଯୋଗୀ। ଏବେ ବନ୍ଧୁତାର ସଠିକ ସମୟ ଆସିଯାଇଛି। ଉଭୟ ଦେଶ ଉତ୍ତମ ପଡୋଶୀ ହେବା ଗୁରୁତ୍ୱପୂର୍ଣ୍ଣ। ପରସ୍ପରର ସଫଳତାରେ ଉଭୟ ଦେଶ ଖୁସି ହେବା ଉଚିତ। ଦୀର୍ଘକାଳୀନ ଏବଂ ରଣନୈତିକ ଦୃଷ୍ଟିରୁ ସମ୍ପର୍କକୁ ମଜବୁତ କରିବାକୁ ହେବ। ସେ ଟ୍ରମ୍ପଙ୍କ ଏକପାଖିଆ ନୀତିକୁ ସମାଲୋଚନା କରିଥିଲେ। ବହୁକେନ୍ଦ୍ରିକ ବ୍ୟବସ୍ଥା, ଅନ୍ତର୍ଜାତୀୟ ସଂସ୍ଥାରେ ଗଣତନ୍ତ୍ରକୁ ସୁଦୃଢ଼ ରଖି ଏସିଆ ଏବଂ ସାରା ବିଶ୍ୱରେ ଶାନ୍ତି ଓ ସମୃଦ୍ଧି ପାଇଁ ଦୁଇ ଦେଶକୁ ଏକାଠି କାମ କରିବାକୁ ହେବ। ନିଜର ଐତିହାସିକ ଦାୟିତ୍ୱକୁ ନିର୍ବାହ କରିବାକୁ ପଡ଼ିବ ବୋଲି କହିଥିଲେ।

ରୁଷ୍‌ଙ୍କ କାଜାନ ପରେ ମୋଦୀଙ୍କ ଏହି ଗସ୍ତ ଦ୍ୱାରା ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହୋଇପାରେ। ୨୦୨୦ର ଗଲୱାନ ସଂଘର୍ଷ ପରେ ପ୍ରଥମ ଥର ପାଇଁ ବାଣିଜ୍ୟକୁ ନେଇ ଅନେକ ନିଷ୍ପତ୍ତି ନେଇଛନ୍ତି। ତେବେ ସୀମା ବିବାଦ ଏବଂ ପାଣି ସମସ୍ୟା ଏବେ ବି ପ୍ରମୁଖ ପ୍ରସଙ୍ଗ ହୋଇ ରହିଛି। ସୀମାରେ ୨୦୨୦ ଏପ୍ରିଲ ପୂର୍ବର ସ୍ଥିତିକୁ ଫେରିନାହିଁ। ଆର୍ଥିକ ଚାପ ଏବଂ ବୈଶ୍ୱିକ ସ୍ଥିତି ଦୁଇ ଦେଶକୁ ଏକାଠି ହେବାକୁ ବାଧ୍ୟ କରିଛି। କିନ୍ତୁ ସମ୍ପୂର୍ଣ୍ଣ ଭରସା ଫେରିବାକୁ କିଛି ସମୟ ଲାଗିପାରେ। ଚୀନ୍ ସାମ୍ବାଦିକ ଏବଂ ପର୍ଯ୍ୟଟକଙ୍କ ପାଇଁ ଭିସା ନିୟମକୁ କୋହଳ କରିବା ନିମନ୍ତେ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପୁଣି ଥରେ ବ୍ରହ୍ମପୁତ୍ର ନଦୀର ତଥ୍ୟ ସେୟାର କରିବାକୁ ସହମତି ପ୍ରକାଶ ପାଇଛି। ଏସ୍‌ସିଓ ଏବଂ ବ୍ରିକ୍ସ ଭଳି ସଂଗଠନରେ ଉଭୟେ ବହୁମୁଖୀ ବ୍ୟବସ୍ଥାକୁ ସମର୍ଥନ ଦେଉଛନ୍ତି। ତେବେ ଏଲଏସି ନିର୍ଦ୍ଧାରଣ ହୋଇ ନ ଥିବାରୁ ସମସ୍ୟା ରହିଛି। ଏ ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ହୋଇପାରି ନାହିଁ। ଚୀନ୍ ବ୍ରହ୍ମପୁତ୍ରରେ ବନ୍ଧ ନିର୍ମାଣ କରୁଥିବାବେଳେ ଭାରତ ଏହାକୁ ବିରୋଧ କରୁଛି। ପାକିସ୍ତାନ ସହ ଚୀନ୍‌ର ମଜବୁତ ସମ୍ବନ୍ଧ ଏହି କ୍ଷେତ୍ରରେ କିଛିଟା ସମସ୍ୟା ହୋଇପାରେ। ଅପରେସନ ସିନ୍ଦୂର ପରେ ମୋଦୀ ଏଠାରେ ପ୍ରଥମ ଥର ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସହ ସାମ୍ନା ସାମନି ହୋଇଥିଲେ। ତେବେ ଶାହାବାଜଙ୍କୁ ସେ ଏଡ଼ାଇ ଚାଲିଥିଲେ। ତୁର୍କୀ ରାଷ୍ଟ୍ରପତି ରେସେପି ଏର୍ଦୋଗାନଙ୍କୁ ମଧ୍ୟ ମୋଦୀ ଅଣଦେଖା କରିଛନ୍ତି। କିନ୍ତୁ ନେପାଳ ପ୍ରଧାନମନ୍ତ୍ରୀ, ମାଳଦ୍ୱୀପ ରାଷ୍ଟ୍ରପତିଙ୍କ ସହ ସେ କଥା ହୋଇଥିଲେ।

## ଏସ୍‌ସିଓ ଶିଖର...

ଫଟୋ ସେସନ ସମୟରେ ମୋଦୀ ଏବଂ ପୁତିନଙ୍କ ମଧ୍ୟରେ ତାଜାକିସ୍ତାନ ଓ କିର୍ଗିଜସ୍ତାନ ରାଷ୍ଟ୍ରପତି ଛିଡ଼ା ହୋଇଥିଲେ। ଏହା ଉପରେ ସାରା ବିଶ୍ୱର ନଜର ଥିଲା। -୧୦ ମାସ ପରେ ମୋଦୀ ଏଠାରେ ଜିନପିଙ୍ଗଙ୍କୁ ଭେଟି ଥିଲେ। ପରେ ମୋଦୀ ମାଳଦ୍ୱୀପ, ନେପାଳ ସହିତ ଅନେକ ଦେଶର ନେତାଙ୍କୁ ସାକ୍ଷାତ କରିଥିଲେ। ବିଶେଷଜ୍ଞଙ୍କ ଅନୁଯାୟୀ ଚୀନ୍‌ରେ ଆୟୋଜିତ ଏହି ସବୁଠୁ ବଡ଼ ଏସ୍‌ସିଓ ସମ୍ମିଳନୀ ବିଶ୍ୱ ପାଇଁ ମାଇଲ ଖୁଣ୍ଟ ସାବ୍ୟସ୍ତ ହୋଇପାରେ। ଏଠାରେ ଭାରତ, ଚୀନ୍ ଏବଂ ରୁଷ ଏକାଠି ହୋଇ ଆମେରିକାର ବିକଳ୍ପ ଉପରେ ଆଲୋଚନା କରିପାରନ୍ତି। ଶୁଳ୍କକୁ ଜବାବ ଦେବା ପାଇଁ ନୂଆ ପନ୍ଥା ଆପଣାଇ ପାରନ୍ତି। ଯଦି ଏହି ସାକ୍ଷାତ ପରେ ଚୀନ୍ ପାକିସ୍ତାନକୁ ସହଯୋଗ କରିବା ବନ୍ଦ କରିଦେବ ତେବେ ତାହା ଭାରତ ପାଇଁ ବଡ଼ ଉପଲବ୍ଧି ସାବ୍ୟସ୍ତ ହେବ। ତେଣୁ ଏହା ଉପରେ ଆମେରିକା ତୀକ୍ଷଣ ନଜର ରଖିଛି। ଏହି ସମ୍ମିଳନୀରେ ୧୦ ସଦସ୍ୟ ରାଷ୍ଟ୍ର ସହିତ ୨୦ ବିଦେଶୀ ନେତା ଏବଂ ୧୦ ଅନ୍ତର୍ଜାତୀୟ ସଂଗଠନ ସାମିଲ ହୋଇଛନ୍ତି। ଏଠାରେ ଆଗାମୀ ଦଶନ୍ଧି ପାଇଁ ବିକାଶର ରଣନୀତି ଆପଣାଯିବ।

## ନବୀନଙ୍କ ପ୍ରସ୍ତାବରେ...

ରାଜ୍ୟ ମଧ୍ୟରେ ଆଲୋଚନାରେ ସ୍ୱଚ୍ଛତା ଅବଲମ୍ବନ ଓ ଉତ୍ତରଦାୟିତ୍ୱ ରହିବା ଆବଶ୍ୟକ ବୋଲି ନବୀନ କହିଥିଲେ। ଛତିଶଗଡ଼ର ବିଜେପି ସରକାରଙ୍କ ସହିତ କେଉଁ ପ୍ରକାରର ଆପୋଷ ବୁଝାମଣା ପାଇଁ ବିଚାର କରାଯାଉଛି କିମ୍ବା ଏନେଇ ନିଷ୍ପତ୍ତି ନିଆସରିଛି, ସେନେଇ ସ୍ପଷ୍ଟତା ଆଣିବା ପାଇଁ ରାଜ୍ୟ ସରକାର ତୁରନ୍ତ ଏକ ସର୍ବଦଳୀୟ ବୈଠକ ଡାକିବା ଉଚିତ ବୋଲି ନବୀନ ମତ ଦେଇଥିଲେ।

ଅପରପଟେ ମହାନଦୀ ସହ ଜଡ଼ିତ ବିଭିନ୍ନ ସାମାଜିକ ସଂଗଠନ, ଜଳ ବିଶେଷଜ୍ଞ ସରକାର କେବଳ ନିଜ ମଧ୍ୟରେ ଆଲୋଚନାକୁ ସୀମିତ ନ ରଖି ଏହାକୁ ସାର୍ବଜନୀନ କରିବାକୁ ଦାବି କରୁଛନ୍ତି। ମହାନଦୀ ବିବାଦ ଆଲୋଚନା ସମୟରେ ନଦୀ ସହିତ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ ନିମନ୍ତେ ଦାବି କରି ଆସିଛନ୍ତି। ନିକଟରେ ସାମାଜିକ ସଂସ୍ଥା ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମଧ୍ୟ ବିବାଦର ସମାଧାନ ପାଇଁ ଛତିଶଗଡ଼ର ରାୟପୁରଠାରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳପୁରୁଷ ରାଜେନ୍ଦ୍ର ସିଂ, ଜଳ ଆନ୍ଦୋଳନ ସହ ସମ୍ପୃକ୍ତ ସୁଦର୍ଶନ ଦାସଙ୍କ ସହ ରାଜ୍ୟର ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ବୈଠକରେ ଦୁଇ ରାଜ୍ୟର ସରକାର ନିଜ ଭିତରେ ଆଲୋଚନାକୁ ସୀମିତ ନ ରଖି ଏଥିରେ ନଦୀ ସହିତ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହ କୌଣସି ଆପୋସ ସମାଧାନକୁ ଯିବା ପୂର୍ବରୁ ଅଣ ମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ଅଟେ, ତାହା ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା। ମହାନଦୀ ବଞ୍ଚାଅ,ଜୀବିକା ବଞ୍ଚାଅ ଆନ୍ଦୋଳନ ମଧ୍ୟ ସରକାରଙ୍କ ନିକଟରେ ଦାବି ରଖିଛି। ଆନ୍ଦୋଳନର ଆବାହକ ସୁଦର୍ଶନ ଛୋଟରାୟ ସରକାରଙ୍କ ଉଦ୍ୟମକୁ ସ୍ୱାଗତ କରିଛନ୍ତି। ଟ୍ରିବ୍ୟୁନାଲରେ କୌଣସି ମାମାଲାର ସମାଧାନ ଅତ୍ୟନ୍ତ ଜଟିଳ ପ୍ରକ୍ରିୟା। ଆପୋସ ସମାଧାନ ସ୍ୱାଗତଯୋଗ୍ୟ ହେଲେ ହେଁ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସରକାର ସମସ୍ତ ଅଂଶୀଦାରଙ୍କୁ ତୁରନ୍ତ ଆଲୋଚନାକୁ ଡାକି ପରାମର୍ଶ କରନ୍ତୁ ବୋଲି ଶ୍ରୀ ଛୋଟରାୟ ଦାବି କରିଛନ୍ତି।

## ସ୍ତ୍ରୀ-ଶାଶୂଙ୍କୁ...

ଯୁକ୍ତି ବଢ଼ିବାରେ ଲାଗିଥିଲା। ପ୍ରିୟା ନିଜ ବାପଘର ସପକ୍ଷରେ ନେଇ ବେରୋଜଗାର ଥିବା ଯୋଗେଶଙ୍କୁ ଆକ୍ଷେପ କରି କହିଥିଲେ। ଫଳରେ ଯୋଗେଶ ରାଗିଯାଇଥିଲେ। ଯୋଗେଶ ଓ ପ୍ରିୟାଙ୍କର ଦୁଇଟି ପୁଅ ଅଛନ୍ତି। ଘଟଣା ସମୟରେ ଦୁଇ ପୁଅ ସ୍କୁଲ ଯାଇଥିଲେ। ଦୁଇ ପୁଅଙ୍କୁ ସ୍କୁଲକୁ ଆଣିବାକୁ ଯାଇ ଯୋଗେଶ ବୁଲୁଥିବା ବେଳେ ପୁଲିସ ତାଙ୍କୁ ଗିରଫ କରିଥିଲା।

## ୧୬ ନୂଆ ଏନ୍‌ଏସି...

ହେଲା ବୋଲି ଘୋଷଣା କରିଛନ୍ତି। ସହରର ଲୋକଙ୍କ ପାଇଁ ସରକାରୀ ଯୋଜନା ଗୁଡ଼ିକର ଲାଭ ସୁବିଧାରେ ପହଞ୍ଚାଇବା ପାଇଁ ମେ ମାସରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୪୪ଟି ପୌରାଞ୍ଚଳରେ ସହଯୋଗ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ଟାଟାଷ୍ଟିଲ ଫାଉଣ୍ଡେସନ ସହଯୋଗ ଯୋଗାଇ ଦେଉଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଟାଟାଷ୍ଟିଲକୁ ଧନ୍ୟବାଦ ଦେଇଛନ୍ତି। ଏହାସହିତ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ, ପ୍ରଶ୍ନ କିମ୍ବା ପ୍ରସ୍ତାବ ପାଇଁ ମୁଖ୍ୟମନ୍ତ୍ରୀ ଏକ ଟୋଲ୍ ଫ୍ରି ନମ୍ବର-୧୯୨୯ ର ଶୁଭାରମ୍ଭ କରିଛନ୍ତି ଓ ଏହି ନମ୍ବରକୁ "ସହର ସାଥୀ' ବୋଲି ନାମିତ କରାଯାଇଛି। ଏହାଦ୍ୱାରା ଲୋକମାନେ ଆଉ ପୌରପାଳିକା କାର୍ଯ୍ୟାଳୟକୁ ନ ଯାଇ, ଏହି ନମ୍ବରରେ ଫୋନ କଲେ ସମସ୍ୟାର ସମାଧାନ କରାଯିବ। ଏହି ସେବା ୨୪ ଘଣ୍ଟା ଉପଲବ୍ଧ ହେବ। "ସହର ସାଥୀ' କଲ୍ ସେଣ୍ଟରର ଶୁଭାରମ୍ଭ କରି ପୌରସଂସ୍ଥା କର୍ମଚାରୀଙ୍କ ପାଇଁ ସାଧାରଣ ଉପଭୋକ୍ତା ଗୋଷ୍ଠୀ ସିୟୁଜି ନମ୍ବର ବଣ୍ଟନ ମଧ୍ୟ କରାଯାଇଛି।

## ଆଜିଠୁ ବଢ଼ିବ...

ବିଶେଷକରି ମାଲକାନଗିରି ଓ ନବରଙ୍ଗପୁରରେ ଏହି ତିନିଦିନ ୧୫-୨୫ ମିମି ଲେଖାଏଁ ବର୍ଷା ହେବ। ସମ୍ବଲପୁରଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ସ୍ୱଳ୍ପ (୧୫ ମିମି ଲେଖାଏଁ) ଏବଂ ଅନ୍ୟାନ୍ୟ ସ୍ଥାନ ୧୦-୧୫ ମିମି ଲେଖାଏଁ ବର୍ଷା ହୋଇପାରେ। ସୁନ୍ଦରଗଡ଼, ମୟୂରଭଞ୍ଜ ଓ ବାଲେଶ୍ୱରରେ କାଁ ଭାଁ ହାଲୁକା ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇପାରେ। ୪ ତାରିଖରେ ବିକ୍ଷିପ୍ତ ବର୍ଷା ହେବା ସହ ୫ ତାରିଖରେ ଉପକୂଳ, ଢେଙ୍କାନାଳ, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ସ୍ୱଳ୍ପ ସ୍ଥାନେସ୍ଥାନେ ମଧ୍ୟମ ବର୍ଷା ହୋଇପାରେ। ୬ ତାରିଖରେ ସାରା ଓଡ଼ିଶାରେ ସ୍ଥାନେ ସ୍ଥାନେ ସ୍ୱଳ୍ପ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କଳାହାଣ୍ଡି, କନ୍ଧମାଳ ଓ କୋରାପୁଟରେ ସବୁଠୁ ଅଧିକ ବର୍ଷା ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ଗଜପତି, ବଲାଙ୍ଗିର ଓ ନୂଆପଡ଼ାରେ ମଧ୍ୟ ବର୍ଷାର ପ୍ରଭାବ ଭଲ ରହିବ। ଏହା ବ୍ୟତୀତ ବାକି ସବୁ ଅଞ୍ଚଳରେ ସ୍ୱଳ୍ପ ବର୍ଷା ଆକଳନ କରି ସାରା ଓଡ଼ିଶା ପାଇଁ ବର୍ଷା ଚେତାବନୀ ଜାରି ହୋଇଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ଉତ୍ତର ବଙ୍ଗୋପସାଗରର ଓଡ଼ିଶା ଉପକୂଳ ସମୁଦ୍ର ମଧ୍ୟରେ ୩୦-୪୦ ଓ ଝଟକା ପବନ ୫୦ କିମି ପହଞ୍ଚିବ। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବାର ଆଶଙ୍କା କରି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି। ଏହି ଲଘୁଚାପର ପ୍ରଭାବ ପରେ ପରେ ଅର୍ଥାତ ଆସନ୍ତା ୧୧-୧୨ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି।

## ପାଣିପାଗ କେନ୍ଦ୍ରରେ...

ସାଂସଦ ସୁଲତା ଦେଓଙ୍କ ସହ ଅନ୍ୟ ରାଜ୍ୟର ବହୁ ସାଂସଦ ଉପସ୍ଥିତ ଥିଲେ। ମାତ୍ର ରାଡାର ବସିବା ନେଇ ଅହେତୁକ ବିଳମ୍ବକୁ ନେଇ ସାଂସଦ ଶ୍ରୀମତୀ ଦେଓ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ। ଏହାପରେ ଡ଼ପଲାର ରାଡ଼ାର ସମ୍ବଲପୁରରେ ଖୁବ୍‌ଶୀଘ୍ର ବସିବ ବୋଲି ଆଇଏମ୍‌ଡି ସୂଚନା ଦେଇଛି।

୨୦୦୫ରେ ଓଡ଼ିଶାର ୪ଟି ସ୍ଥାନରେ ଡପ୍‌ଲର ରାଡାର ଲଗାଇବାକୁ ଆଇଏମ୍‌ଡି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ପାରାଦୀପ, ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ରାଡାର ବସାଇବାକୁ ନିଷ୍ପତ୍ତି ହୋଇଥିଲା। ଆଇଏମ୍‌ଡି ପାରାଦୀପରେ ନିଜସ୍ୱ ଖର୍ଚ୍ଚରେ ଡପଲାର ରାଡାର ଲଗାଇବାକୁ ନିଷ୍ପତ୍ତି ନେଇଥିବା ବେଳେ ରାଜ୍ୟ ସରକାର ଗୋପାଳପୁର, ବାଲେଶ୍ୱର ଓ ସମ୍ବଲପୁରରେ ମାଗଣାରେ ଜମି ଯୋଗାଇ ଦେବା ସହ ଏଥିପାଇଁ ଆବଶ୍ୟକ ୪ ମହଲା କୋଠା ନିର୍ମାଣ ଖର୍ଚ୍ଚ ବହନ କରିବା ନେଇ ଆଇଏମ୍‌ଡି ସହ ବୁଝାମଣା ହୋଇଥିଲା। ଏହାକୁ ଆଧାର କରି ରାଜ୍ୟ ସରକାର ୨୦୧୧ରୁ କୋଠା ନିର୍ମାଣ କାମ ଶେଷ କରିଥିଲେ। କେବଳ ପାରାଦୀପ ଓ ଗୋପାଳପୁରରେ ୨ଟି ରାଡାର ଲାଗିଥିବା ବେଳେ ଅନ୍ୟ ଦୁଇଟି ସ୍ଥାନରେ ଲାଗିବା ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁ ଏଭଳି ଅବସ୍ଥା ଭୋଗିବାକୁ ପଡୁଛି। ଦୀର୍ଘ ୨୦ ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରକଳ୍ପ ଏବେ ମଧ୍ୟ ଅଧାପନ୍ତରିଆ ହୋଇପଡିଛି। ଅନ୍ୟପଟେ ଗୋପାଳପୁର ରାଡାର ମଧ୍ୟ ପ୍ରାୟ ୮ ମାସ ହେବ ଅଚଳ ହୋଇପଡ଼ିଛି। ଯାହାଫଳରେ ଆଇଏମ୍‌ଡି ଏବେ କେବଳ ପାରାଦୀପ ରାଡାର ତଥ୍ୟ ଉପରେ ଭରସା କରି ରହିଛି। ବଜ୍ରପାତର ପୂର୍ବାନୁମାନ ପାଇଁ ବାଲେଶ୍ୱର ଓ ସମ୍ବଲପୁର ରାଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହାଦ୍ୱାରା ପଶ୍ଚିମ ଓଡ଼ିଶା ସମେତ ଛତିଶଗଡ଼ର କିଛି ଜିଲ୍ଲା ମଧ୍ୟ ଉପକୃତ ହୋଇପାରିବ। ହେଲେ ରାଡାର ପରିସର ମଧ୍ୟରେ ରାଜ୍ୟର ଏହି ଦୁଇ ପ୍ରମୁଖ ଅଞ୍ଚଳ ଆସିପାରୁ ନ ଥିବା ହେତୁ ପ୍ରତିବର୍ଷ ଏଠାରେ ଶତାଧିକ ଲୋକ ବଜ୍ରପାତ ଯୋଗୁଁ ପ୍ରାଣ ହରାଉଛନ୍ତି। ରାଡାର ସ୍ଥାପନ ପରେ ଅକାରଣରେ ଚାଲିଯାଉଥିବା ଜୀବନ ରୋକିବାରେ ଯଥେଷ୍ଟ ସହାୟକ ହେବ ବୋଲି ଆଶା ରହିଛି।

## ହତ୍ୟାକରି...

ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଘଟଣାସ୍ଥଳରୁ ପୁଲିସ ଏକ ଦିଆସିଲି, ଡିଜେଲ୍ ଡବା, ଚପଲ ଆଦି ଜବତ କରିଛି। ଦୁର୍ବୃତ୍ତମାନେ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଜଙ୍ଗଲ ଭିତରେ ଶବକୁ ପୋଡ଼ିଦେବାକୁ ଉଦ୍ୟମ କରିଥିବା ଅନୁମାନ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଉପରୁ ପରଦା ହଟିବ ବୋଲି ପୁଲିସ୍ କହିଛି।

## ମହିଳାଙ୍କୁ ହତ୍ୟା କରି...

ଛାନଭିନ୍ ଆରମ୍ଭ କରିଛନ୍ତି। ଅପରପକ୍ଷେ, ଉକ୍ତ କ୍ୟାବିନ୍‌ରେ ବ୍ୟବସାୟ କରୁଥିବା ଦୋକାନୀ ଯାଜପୁର ଜିଲ୍ଲା ବରୀ ଅଞ୍ଚଳର ସନ୍ତୋଷ ପରିଡ଼ା ଓରଫ୍ ବାୟା ଫେରାର୍ ଥିବାରୁ ତା' ପ୍ରତି ପୁଲିସର ସନ୍ଦେହ ଘନୀଭୂତ ହୋଇଛି। ଏନେଇ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତନାଘନା ଆରମ୍ଭ କରିଛି।

ସୂଚନାନୁଯାୟୀ, ବନିତା ଆଳି ଥାନା ଅଧୀନ ନରେନ୍ଦ୍ରପୁର ଗ୍ରାମର ଅତୁଲ କୁମାର ରାଉତଙ୍କୁ ୧୩ବର୍ଷ ତଳେ ବିବାହ କରିଥିଲେ। ଅତୁଲ କତର୍‌ରେ ରହୁଥିବା ବେଳେ ବନିତା ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ଗଳି ସାହିର ମାନସ ଭଦ୍ରଙ୍କ ଘରେ ପ୍ରାୟ ୮ବର୍ଷ ହେବ ଭଡ଼ା ନେଇ ରହି ଆସୁଥିଲେ। ତାଙ୍କର ୮ବର୍ଷର ଏକ ପୁଅ ସ୍ଥାନୀୟ ଶ୍ରୀମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପାଠ ପଢୁଛି। ସ୍ଥାନୀୟ ଲୋକଙ୍କ କହିବା କଥା, ବନିତା ସୁଧ ବେପାର କରନ୍ତି। ତେବେ ଏହାକୁ ନେଇ କିଛି ଲୋକଙ୍କ ସହ ତାଙ୍କ ପାଟିତୁଣ୍ଡ ହେବାର ନଜିର ରହିଛି। ପଟ୍ଟାମୁଣ୍ଡାଇ ଆହାର କେନ୍ଦ୍ର ନିକଟରେ ଥିବା ପୌର ପରିଷଦର ଭେଣ୍ଡିଂ ଜୋନ ୩୧ ନମ୍ବର କ୍ୟାବିନରେ ଅଣ୍ଡା ଆମଲେଟ ଓ ଚକୁଳି ତିଆରି କରି ବିକୁଥିବା ସନ୍ତୋଷ ମଧ୍ୟ ବନିତାଙ୍କଠାରୁ ଟଙ୍କା ଧାର ନେଇଥିଲେ। କିନ୍ତୁ କିସ୍ତି ଖିଲାପ କରିବାରୁ ବନିତାଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଗତ ୨୭ ତାରିଖ ଅପରାହ୍ଣରେ ବନିତାଙ୍କୁ ଏକ ଫୋନ୍ ଆସିଥିଲା। ପରେ ବନିତା ନିଜ ଭଡ଼ାଘରେ ଶିଶୁପୁତ୍ରକୁ ଛାଡ଼ି ମାର୍କେଟ୍‌କୁ ପରିବା କିଣିବାକୁ ଯାଉଛନ୍ତି ବୋଲି କହି ରୁମର ବାହାର ପଟୁ କବାଟ ତାଲା ପକାଇ ଚାଲିଯାଇଥିଲେ। କିନ୍ତୁ ଆଉ ଘରକୁ ଫେରିନଥିଲେ। ଏକୁଟିଆ ଥିବା ଶିଶୁପୁତ୍ର କାନ୍ଦବୋବାଳି କରିବାରୁ ଭଡ଼ାରେ ରହୁଥିବା ଅନ୍ୟ ଲୋକମାନଙ୍କ ଦୃଷ୍ଟିରେ ପଡ଼ିଥିଲା। ଘର ମାଲିକଙ୍କ ସମେତ ଭଡାଟିଆ ମାନେ ବନ୍ଦ କୋଠରିରୁ ଶିଶୁପୁତ୍ରକୁ ଉଦ୍ଧାର କରିଥିଲେ। ପରେଗତ ୨୮ ତାରିଖ ଦିନ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ବନିତାଙ୍କ ନିଖୋଜ ସମ୍ପର୍କରେ ଯାଆ ଭଗବତୀ ରାଉତ ଏତଲା ଦେଇଥିଲେ। ତେବେ ଦୀର୍ଘ ଦିନ ଧରି ବନ୍ଦ ରହିଥିବା ଭେଣ୍ଡିଂ ଜୋନର ଉକ୍ତ କ୍ୟାବିନରୁ ଆଜି ଦୁର୍ଗନ୍ଧ ବାହାରିବାରୁ ମଧ୍ୟାହ୍ନରେ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ଖବର ଦେଇଥିଲେ।


AFFIDAVIT

By virtue of an affidavit (CF No. 81) sworn before The Executive Magistrate, Karlamunda on dated-30/08/2025. I, **Kavita Rana,** W/o Rajat Kumar Rana, resident of At- Sanrengali, Po-Rinja, Ps- M.Rampur, Dist-Kalahandi, Odisha, Pin-766031 declare that I have changed my name from **Kavita Pande** (old name) to **Kavita Rana** (new name). Henceforth, I shall be known as **Kavita Rana** (new name) for all future purposes.

**Kavita Rana**

**ସର୍ବଭାରତୀୟ ସାୟତ ଶାସନ ଦିବସ-୨୦୨୫ ଉପଲକ୍ଷେ ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି**

ସହରର ଉନ୍ନତି ପାଇଁ

୧. ଆପଣଙ୍କର ପ୍ରଦତ ଟିକସ ହିଁ ସହରର ବିକାଶ ପାଇଁ ମୂଳ ପୁଞ୍ଜି । ଏଣୁ ଠିକ୍ ସମୟରେ ଘର ଏବଂ ଅଲୋକ ଟିକସ, ଦୋକାନଘର ଭଡା, ଲାଇସେନ୍ସ ଫି ୟୁଜର୍ସ ଫି ପୈଠ କରନ୍ତୁ।
୨. ଜନ୍ମ ମୃତ୍ୟୁ ପଞ୍ଜିକରଣ ଠିକ୍ ସମୟରେ କରାଇ ନିଅନ୍ତୁ।
୩. ରାସ୍ତାକଡ କିମ୍ବା ୱାର୍ଡ ମାନଙ୍କରେ ଲାଗିଥିବା ବିଜୁଳିବତୀ ଓ ପାଣିକଳକୁ ଭାଙ୍ଗନ୍ତୁ ନାହିଁ।
୪. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୫. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୬. ପଲିଥିନ ବ୍ୟବହାର ସର୍ବଦା ବର୍ଜନ କରନ୍ତୁ।
୭. ଦୈନନ୍ଦିନ ବର୍ଜ୍ୟବସ୍ତୁ ସଂଗୃହିତ ରଖି ପରିଷଦର କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ହସ୍ତାନ୍ତର କରନ୍ତୁ। ପଲିଥିନ ଜରି ଓ ବ୍ୟାଗ୍ ସର୍ବଦା ବର୍ଜନ କରନ୍ତୁ।
୮. ଗାଇଗୋରୁମାନଙ୍କୁ ରାସ୍ତା ଉପରେ ବାନ୍ଧି ଅବରୋଧ କରନ୍ତୁ ନାହିଁ ଓ ନିଜସ ଗୋଶାଳାରେ ବାନ୍ଧି ରଖନ୍ତୁ।
୯. ସର୍ବସାଧାରଣ ରାସ୍ତା ଉପରେ ପଥର, ଇଟା, ବାଲି, ଗୋଡି ଇତ୍ୟାଦି ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ । ଆପଣଙ୍କର ଅକୁଣ୍ଠ ସାହାଯ୍ୟ, ସଦିଚ୍ଛା ଓ ସହଯୋଗ ଆମର ଏକାନ୍ତ କାମ୍ୟ ।

ବଳୟ ଦେହୁରୀ
ନିର୍ବାହୀ ଅଧିକାରୀ

ସସ୍ମିତା ରାଉତ
ଅଧକ୍ଷା

ବି. ଶୁଭ୍ର ଶଙ୍କର ଜ୍ୟୋତି
ଉପାଧକ୍ଷ
ଏବଂ ସମସ୍ତ କାଉନସିଲ ବୃନ୍ଦ

ବିଜ୍ଞାପିତ ଅଂଚଳ ପରିଷଦ, ଆଠଗଡ଼


DSPL-233


**ଜଳେଶ୍ୱର ପୌର ପାଳିକା , ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସର୍ବ ଭାରତୀୟ ସ୍ୱାୟତ୍ତ ଶାସନ ଦିବ ସ -୨୦୨୫ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନ ଲିଖିତ କାର୍ଯ୍ୟ କ୍ରମରେ ଜନ ସାଧାରଣଙ୍କ ସହଯୋଗ କାମନା କରୁଅଛି । ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା ।
୧ ) ଆପଣଙ୍କ ପ୍ରଦତ୍ତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ । ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ ।
୨ ) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ ଓ ବର୍ଜ୍ୟବସ୍ତୁ ପରିଚାଳନା ଦେୟ ( User fee ) ସଠିକ ସମୟରେ ସ୍ୱଚ୍ଛ ସାଥୀଙ୍କୁ ପଇଠ କରି ଉତ୍ତମ ପରିମଳ ସେବା ଦାବି କରନ୍ତୁ ।
୩ ) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ ।
୪ ) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧା ସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସ୍ୱୀକୃତି ପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ cesspole ଦ୍ୱାରା ସଫା କରନ୍ତୁ ।
୫ ) ସର୍ବସାଧାରଣଙ୍କ ରାସ୍ତା ଉପରେ , ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ ।
୬ ) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ ।
୭) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ ।
୮ ) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କିଂ କରନ୍ତୁ ।
୯ ) ଡେଙ୍ଗୁ , ମ୍ୟାଲେରିଆ , ଡାଇରିଆ ଓ ସ୍ୱାଇନ ଫ୍ଲୋ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପାଇଁ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

ଆପଣଙ୍କ ସେବାରେ ଜଳେଶ୍ୱର ପୌରପାଳିକା ।


ଶ୍ରୀ ହେମନ୍ତ କୁମାର ସିଂ, ଓ.ରା.ସେ (DR-୨୦୨୦)
କାର୍ଯ୍ୟ ନିର୍ବାହୀ ଅଧିକାରୀ
ଜଳେଶ୍ୱର ପୌରପାଳିକା


ଶ୍ରୀମତୀ ପୁଷ୍ପପ୍ରିୟା କାମିଲା
ଉପ-ନଗରପାଳ
ଜଳେଶ୍ୱର ପୌରପାଳିକା


ଶ୍ରୀ ପ୍ରଦିପ କୁମାର ପ୍ରଧାନ
ନଗରପାଳ
ଜଳେଶ୍ୱର ପୌରପାଳିକା

ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା
ଜଳେଶ୍ୱର ପୌରପାଳିକା

OIPR-13126/13/0026/2526



# ଭୁବନେଶ୍ୱର ସିଟି

## 'ହୁଙ୍କାର ଓଡ଼ିଆଙ୍କର' ପକ୍ଷରୁ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା




ଭୁବନେଶ୍ୱର, ୩୧।୮ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହୁଙ୍କାର ଓଡ଼ିଆଙ୍କର' ପକ୍ଷରୁ କଳିଙ୍ଗ ବିହାରର ଏକ ଘରୋଇ ସ୍କୁଲରେ ଚିତ୍ରାଙ୍କନ, ବକ୍ତୃତା ଏବଂ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ୪ର୍ଥରୁ ୧୦ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବର୍ଗ ରଚନାରେ ପୂର୍ବୀ ଦାସ୍, ଚିତ୍ରାଙ୍କନରେ ସାଇଷ୍ଣୁ ସାହୁ, ବକ୍ତୃତାରେ ପୂର୍ବୀ ଦାସ। ସେହିପରି ବରିଷ୍ଠ ବର୍ଗ ରଚନାରେ ପ୍ରିୟଦର୍ଶିନୀ ସାହୁ ଚିତ୍ରାଙ୍କନରେ ନନ୍ଦିନି ରାଓ ଓ ବକ୍ତୃତାରେ ଲୁଭନିକ୍ ପତି ପ୍ରଥମ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଆଇବିର ଅତିରିକ୍ତ ନିର୍ଦ୍ଦେଶକ ରାଜେନ୍ଦ୍ର ନାରାୟଣ ମିଶ୍ର, ବିପିଏସ୍‌ପିଏ ରିଜର୍ଭ ଇନ୍‌ସ୍ପେକ୍ଟର ରଞ୍ଜନ ବିଶ୍ୱାଳ, ଶିକ୍ଷାବିତ୍ ବିଷ୍ଣୁପ୍ରିୟା ମହାନ୍ତି, ହୁଙ୍କାର ଓଡ଼ିଆଙ୍କର ଅଧ୍ୟକ୍ଷ ଶିଶିର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

■ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ

## ଜଗନ୍ନାଥ ଦାସ ଓଡ଼ିଆ ଅସ୍ମିତାର ମୂଳପିଣ୍ଡ




ଭୁବନେଶ୍ୱର,୩୧।୮ (ସମିସ): ଅତିବଡ଼ୀ ଜଗନ୍ନାଥ ଦାସ ଥିଲେ ଓଡ଼ିଆ ଜାତିର ଭାଷା, ସାହିତ୍ୟ ଓ ସଂସ୍କୃତିର ମୂଳ ପିଣ୍ଡ। ଓଡ଼ିଆ ଭାଷାରେ ଭାଗବତ ରଚନା କରି ସେ ଏକ ଆଧ୍ୟାତ୍ମିକ ଓ ସାମାଜିକ ସାରସ୍ୱତ ଆନ୍ଦୋଳନ ଏ ମାଟିରେ ଆରମ୍ଭ କରି ଦେଇଥିଲେ। ଭାଗବତ ଏ ଜାତିର ଜୀବନ ବେଦ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ରବିବାର ତାଙ୍କର ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଏଭଳି ମତବ୍ୟକ୍ତ କରିଥିଲେ। ଭଞ୍ଜକଳା ମଣ୍ଡପ ପରିସରରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଅତିବଡ଼ୀଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀମଦ୍ ଭାଗବତର ଏକାଦଶ ସ୍କନ୍ଧର ଅଷ୍ଟମ ଅଧ୍ୟାୟ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଂଯୋଜନା କରିଥିଲେ। ସୁବାସ ପରିଡ଼ା, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ପଙ୍କଜ ଶର୍ମା, ସୁକାନ୍ତ ସେଠୀ, ଦୀପ୍ତି ରଞ୍ଜନ ରାଉତ, କାହ୍ନୁ ଚରଣ ଶର୍ମା, ଫଣି ଭୂଷଣ ସ୍ୱାଇଁ, କାଳନ୍ଦୀ ନାୟକ ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



ବଡ଼ଟାଙ୍ଗୀ ସାହି ଶିଶୁପାଳଗଡ଼ ଗଣେଶ ପୂଜା ଭସାଣି ଉତ୍ସବ

# 'ଉତ୍କଳ'ରେ ପହଞ୍ଚୁନି ଉଚ୍ଚଶିକ୍ଷା ବିଭାଗର ଚିଠି

### ନିର୍ଦ୍ଦେଶନାମା ଅଣଦେଖା କରି 'ୟୁଏଲ୍‌ସି'ରେ ଅତିଥି ଅଧ୍ୟାପକ ନିଯୁକ୍ତି

### ପରିଚିତଙ୍କୁ ଥଇଥାନ ପାଇଁ ପ୍ରସ୍ତୁତ ହୋଇଛି ମାନଦଣ୍ଡ!



ଭୁବନେଶ୍ୱର, ୩୧।୮ (ସମିସ): ଅତିଥି ଅଧ୍ୟାପକ ନିଯୁକ୍ତି ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା 'ବିଶ୍ୱବିଦ୍ୟାଳୟ ଆଇନ୍ ମହାବିଦ୍ୟାଳୟ' (ୟୁଏଲ୍‌ସି) ହରଡ଼ ଘଣାରେ ପଡ଼ିଛି। ଚଳିତ ଶିକ୍ଷା ବର୍ଷରେ ନୂତନ ଅତିଥି ଅଧ୍ୟାପକ ନିଯୁକ୍ତି ନ କରିବା ସହ ପୂର୍ବରୁ କାର୍ଯ୍ୟରତ ଥିବା ଅତିଥି ଅଧ୍ୟାପକଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବଢ଼ାଇବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲା। ହେଲେ ଏହାକୁ ଅମାନ୍ୟ କରି ନୂତନ ଅତିଥି ଅଧ୍ୟାପକ ନିଯୁକ୍ତ କରାଯାଇଛି। ଏପରିକି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶନାମା ପହଞ୍ଚି ନ ଥିବା ସୂଚନା ଅଧିକାର ଆଇନ୍‌ରେ ଦେଇଥିବା ତଥ୍ୟରେ ଦର୍ଶାଇଛି। ଅପରପକ୍ଷରେ ସମ୍ପୃକ୍ତ ନିର୍ଦ୍ଦେଶନାମା ଉତ୍କଳ ବିଶ୍ୱବିଦ୍ୟାଳୟକୁ ମେଲ୍ ଆଇଡି ସହିତ ଅଫିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଓ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଅବଗତ କରାଯାଇଥିବା କୁହାଯାଇଛି। ଫଳରେ କିଏ ସତ କହୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ବିଭାଗୀୟ ନିର୍ଦ୍ଦେଶକୁ ଅଣଦେଖା କରି ଅତିଥି ଅଧ୍ୟାପକ ନିଯୁକ୍ତି କରିଥିବାରୁ ତଥ୍ୟ ଲୁଚାଇବାକୁ ପ୍ରୟାସ କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି।

ଜୁନ୍ ୧୧ ତାରିଖରେ ଉଚ୍ଚଶିକ୍ଷା ବିଭାଗର ଚିଠି ସଂଖ୍ୟା ୩୦୬୭୧ ଅନୁଯାୟୀ ଚଳିତ ଶିକ୍ଷାବର୍ଷରେ ନୂତନ ଭାବେ ଅତିଥି ଅଧ୍ୟାପକ ନିଯୁକ୍ତି ନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପୂର୍ବରୁ କାର୍ଯ୍ୟରତ ଅଧ୍ୟାପକଙ୍କ କାର୍ଯ୍ୟକାଳ ବର୍ଷେ ଲେଖାଏଁ ବଢ଼ାଇବାକୁ କୁହାଯାଇଛି। ସେମାନଙ୍କ କାର୍ଯ୍ୟକାଳ ପୁନଃ ବଢ଼ାଯିବ ନାହିଁ ବୋଲି ମଧ୍ୟ ସ୍ପଷ୍ଟ କରାଯାଇଛି। ବିଭାଗ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ବିଶ୍ୱବିଦ୍ୟାଳୟକୁ ଇମେଲ୍, ଅଫିସ୍ ଏଷ୍ଟାବ୍ଲିସ୍‌ମେଣ୍ଟ ଓ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଅବଗତ କରାଯାଇଛି। ହେଲେ ଏହି ନିର୍ଦ୍ଦେଶନାମା ଅଗଷ୍ଟ ୪ ତାରିଖ ସୁଦ୍ଧା ପହଞ୍ଚି ନ ଥିବା ସୂଚନା ଅଧିକାର ଆଇନ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ମଗାଯାଇଥିବା ତଥ୍ୟରେ ଆଇନ୍ ମହାବିଦ୍ୟାଳୟ ଉଲ୍ଲେଖ କରିଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଆହୁରି ଦର୍ଶାଇଛନ୍ତି ଯେ, ପୂର୍ବ ବର୍ଷ ଅର୍ଥାତ୍ ୨୦୨୪ ମସିହାରେ ନିଯୁକ୍ତ ହୋଇଥିବା ଅତିଥି ଅଧ୍ୟାପକଙ୍କ ନିଯୁକ୍ତି ସମ୍ପୂର୍ଣ୍ଣ ଅସ୍ଥାୟୀ ଥିଲା। ଏହାସହ କୌଣସି କାରଣ ନ ଦର୍ଶାଇ ସେମାନଙ୍କୁ ଯେ କୌଣସି ସମୟରେ ବାହାର କରିବାର ଅଧିକାର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏଣୁ ସେମାନଙ୍କୁ ବାହାର କରାଯାଇ ଉପଯୁକ୍ତ ମାନଦଣ୍ଡ ଆଧାରରେ ନୂତନ ନିଯୁକ୍ତି ଦିଆଯାଇଥିବା ସେ ଦର୍ଶାଇଛନ୍ତି।

ନୂତନ ଅତିଥି ଅଧ୍ୟାପକ ନିଯୁକ୍ତ କରିବାକୁ ଚଳିତବର୍ଷ ଯେଉଁ ମାନଦଣ୍ଡ ଧାର୍ଯ୍ୟ କରାଯାଇଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ପୂର୍ବରୁ କାର୍ଯ୍ୟରତ କିଛି ଅଧ୍ୟାପକ ଯେପରି ପୁନଃ ନିଯୁକ୍ତି ପାଇ ନ ପାରିବେ ସେନେଇ ଉଦ୍ଦେଶ୍ୟ ମୂଳକ ଭାବେ ମାନଦଣ୍ଡ ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। କାରଣ ୪୫ ବର୍ଷରୁ ଅଧିକ ହୋଇଥିଲେ ଆବେଦନ କରିପାରିବେ ନାହିଁ ବୋଲି ତହିଁରେ କୁହାଯାଇଛି। ସରକାରୀସ୍ତରରେ ଅବସର ବୟସସୀମା ୬୦ ହୋଇଥିବାବେଳେ ୪୫ ବର୍ଷ କିଏ ଓ କାହିଁକି ଧାର୍ଯ୍ୟ କରିଛନ୍ତି? ୪୫ରୁ ୬୦ ବର୍ଷ ମଧ୍ୟରେ ବହୁ ଅଭିଜ୍ଞ ଏବଂ ଅଭିଜ୍ଞତା ଥିବା ଅଧ୍ୟାପକ ପାଠ ପଢ଼ାଇବା ପାଇଁ ନିଯୁକ୍ତ ହୋଇଥାନ୍ତେ। ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାରୁ ବଞ୍ଚିତ କରିବା ସହ ନିଜର ପରିଚିତଙ୍କୁ ଥଇଥାନ କରିବା ପାଇଁ ଜାଣିଶୁଣି ଏପରି ମାନଦଣ୍ଡ ପ୍ରସ୍ତୁତ କରାଯାଇଥିବା ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମହାବିଦ୍ୟାଳୟର ଶୈକ୍ଷିକ ବାତବରଣ ବୃଦ୍ଧି ପାଇଁ ପାଠ୍ୟକ୍ରମ ଓ ନିଯୁକ୍ତି ମାନଦଣ୍ଡ ପ୍ରସ୍ତୁତ କରିବାକୁ ବୋର୍ଡ ଅଫ୍ ଷ୍ଟଡିଜ୍ ପ୍ରମୁଖ ଭୂମିକା ନେଇଥାଏ। ଚଳିତବର୍ଷ ବୋର୍ଡ ଅଫ୍ ଷ୍ଟଡିଜ୍‌ର କୌଣସି ବୈଠକ ହୋଇ ନଥିବା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସତ୍ୟନାରାୟଣ ମଲ୍ଲିକ କହିଛନ୍ତି। ତେବେ ନିଯୁକ୍ତି ସମ୍ପର୍କୀତ ମାନଦଣ୍ଡ କିଏ ପ୍ରସ୍ତୁତ କରିଛନ୍ତି, ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଅଡିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡିଓ ଉଦ୍‌ଘାଟିତ

ଭୁବନେଶ୍ୱର, ୩୧।୮ (ସମିସ): ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ରବିବାର ଏକ ନୂତନ ଅଡିଓ ଓ କ୍ରୋମା ରେକର୍ଡିଂ ଷ୍ଟୁଡିଓ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଅଡିଓ ଓ କ୍ରୋମା ରେକର୍ଡିଙ୍ଗ୍ ଷ୍ଟୁଡ଼ିଓକୁ ଉଦ୍‌ଘାଟନ କରିଥିଲେ। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ସ୍ଥାପିତ ହୋଇଥିବା ଏହି ନୂତନ ଅଡ଼ିଓ ଓ କ୍ରୋମା ରେକର୍ଡିଙ୍ଗ୍ ଷ୍ଟୁଡ଼ିଓ ଓଡ଼ିଶାର ନୃତ୍ୟ, ସଙ୍ଗୀତ ଓ ନାଟକ ଜଗତକୁ ସମର୍ପିତ ହେବା ସହ କଳାକାରମାନେ ବେଶ୍ ଉପକୃତ ହେବେ। ଓଡ଼ିଶାର ଐତିହ୍ୟ, ସାଂସ୍କୃତିକ ଗୌରବଗାଥାକୁ ବିଶ୍ୱବିଦିତ କରିବା ଏବଂ ଲୁପ୍ତପ୍ରାୟ ଲୋକକଳାକୁ ପୁନର୍ଜୀବିତ କରିବାରେ ଏହା ସହାୟକ ହେବ। ଆଗାମୀ ଦିନରେ ଏହି ନୂତନ କ୍ରୋମା ଓ ଅଡ଼ିଓ ରେକର୍ଡିଙ୍ଗ ଷ୍ଟୁଡ଼ିଓର ବ୍ୟବହାରକୁ ନେଇ ସଂସ୍କୃତି ବିଭାଗ ପକ୍ଷରୁ ଏକ ଏସଓପି ଜାରି କରାଯିବ। ସରକାରୀ କାର୍ଯ୍ୟକ୍ରମଗୁଡ଼ିକର ରେକର୍ଡିଙ୍ଗ କରାଯିବା ସହିତ ଘରୋଇ ସଂସ୍ଥାମାନେ ମଧ୍ୟ ଏହାକୁ ବ୍ୟବହାର କରିପାରିବେ। ଏହି ଷ୍ଟୁଡ଼ିଓରେ ରହିଥିବା ଅତ୍ୟାଧୁନିକ ବ୍ୟବସ୍ଥା ଓଡ଼ିଶାର ଲୋକକଳା ଓ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର କରିବା ସହିତ ଜନସାଧାରଣଙ୍କ ବ୍ୟବହାରରେ ଆସିବ ବୋଲି କହିଛନ୍ତି ସଂସ୍କୃତି ମନ୍ତ୍ରୀ ମତ ଦେଇଛନ୍ତି। ଏଥିସହିତ କ୍ରୋମା ଷ୍ଟୁଡ଼ିଓରେ ରେକର୍ଡିଙ୍ଗ ହେଉଥିବା ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମକୁ ଦେଖିବା ସହିତ ମହାବିଦ୍ୟାଳୟ ପରିସରରେ ରହିଥିବା ଶାସ୍ତ୍ରୀୟ ଓ ଲୋକ ବାଦ୍ୟଯନ୍ତ୍ର ସଂଗ୍ରହାଳୟକୁ ବୁଲି ଦେଖିଥିଲେ। ଏଥିସହିତ ଓଡ଼ିଶାର ସାହିତ୍ୟ, ସଙ୍ଗୀତ, ନୃତ୍ୟ ଓ ଲୋକକଳାର ସମୃଦ୍ଧି ନିମନ୍ତେ କାର୍ଯ୍ୟ କରିବାକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ପ୍ରେରିତ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ବିଜୟ କୁମାର ଜେନା, ଓଡ଼ିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ସୁଜାତା ମହାପାତ୍ର, ଇଲିଆନା ସିତାରିଷ୍ଟି, ଅଭିନେତା ଅଶ୍ରୁମୋଚନ ମହାନ୍ତି, ପ୍ରଜ୍ଞା ରଞ୍ଜନ ଖଟୁଆ ଏବଂ ନୃତ୍ୟ, ସଙ୍ଗୀତ ଓ ଲୋକକଳା ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ।

## ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ କରୁଛନ୍ତି ସୁପର ବାଇକ୍ ଚାଳକ

ଭୁବନେଶ୍ୱର,୩୧।୮ (ସମିସ): ରାଜଧାନୀରେ ଟ୍ରାଫିକ୍ ନିୟମର ଉଡ଼ିଛି ଧଜିଆ। ନିୟମ ଉଲ୍ଲଂଘନ କରି ରେସିଂ କରୁଛନ୍ତି ସୁପର ବାଇକ୍। ବିନା କୌଣସି ଅନୁମତିରେ ସୁପର୍ ବାଇକ୍ ନେଇ ଆୟୋଜନ ହେଉଛି ଇଭେଣ୍ଟ। ବାୟୁ ପ୍ରଦୂଷଣ ସହ ଶବ୍ଦ ପ୍ରଦୂଷଣ ହେଉଥିଲେ ବି ସେଥିପ୍ରତି କାହାରି ଖାତିର ନାହିଁ। ତା' ସାଙ୍ଗକୁ ଜୀବନକୁ ବାଜି ଲଗାଇ ବାଇକର ଦେଖାଉଛନ୍ତି ଷ୍ଟଣ୍ଟ। ଏଭଳି କିଛି ଆଶ୍ଚର୍ଯ୍ୟ କଲା ଭଳି ଦୃଶ୍ୟ ଏବେ ଦେଖିବାକୁ ମିଳିଛି ହଂସପାଳ ସିମ୍ଫୋନି ମଲ୍ ନିକଟରେ। ସୋସିଆଲ ମିଡିଆରେ ଏଭଳି ଭିଜୁଆଲ ଭାଇରାଲ ହେବା ପରେ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ପରିବହନ ବିଭାଗ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। କାହା ଅନୁମତିରେ ଏଭଳି ଇଭେଣ୍ଟ କରାଯାଇଛି ତାହାର ଖୋଳତାଡ଼ କରାଯାଉ ବୋଲି ଦାବି ହେଉଛି।

## ସୋଆ କୃଷିବିଜ୍ଞାନ କଲେଜର ଚାଷୀଙ୍କୁ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୧।୮ (ସମିସ): ସୋଆ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କୃଷି ମହାବିଦ୍ୟାଳୟର ୪ର୍ଥ ବର୍ଷ ଛାତ୍ରୀମାନେ ଚାଷୀମାନଙ୍କୁ ଜୈବିକ ପ୍ରଣାଳୀରେ ଚାଷ ପଦ୍ଧତି ପ୍ରଶିକ୍ଷଣ ଦେଇଛନ୍ତି। ବାଲିଅନ୍ତା ବ୍ଲକ ଶିଙ୍ଗିରିଶାସନ ଗ୍ରାମଠାରେ ଧାନଚାଷ ସମେତ ଅନ୍ୟାନ୍ୟ ଫସଲ ଚାଷରେ ପୋକ, କୀଟ-ପତଙ୍ଗ ଲାଗିଲେ ଜୈବିକ ପଦ୍ଧତିରେ ଫସଲ ସୁରକ୍ଷିତ ରଖିବା କୌଶଳ ନେଇ ଚାଷୀମାନଙ୍କ ସହ ଆଲୋଚନା ହୋଇଥିଲା। ଚାଷୀମାନଙ୍କ ସହ କୃଷିବିଜ୍ଞାନ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ କୁମାର ସମ୍ଭବ ଓ ଡଃ ଶୁଭଶ୍ରୀ ସରକାର ଆଲୋଚନା କରି ତାଙ୍କୁ ବୁଝାଇଥିଲେ। କ୍ଷେତ୍ର ପ୍ରଦର୍ଶନ ସହ ଚାଷୀଙ୍କୁ ବିଭିନ୍ନ କୌଶଳ ଶିଖାଇବାଥିଲେ ଛାତ୍ରୀ ସିମରନ ସ୍ୱାଇଁ, ରାଜଶ୍ରୀ ସ୍ୱାଇଁ, ସ୍ନେହାଶୀଷ ସାମଲ, ଅନୀଷା ସେଠୀ, ଆସ୍ଥା ତ୍ରିପାଠୀ, ସୁହାସିନୀ ସିଂ, ଶ୍ୱେତାମେଘା ବାର୍ଷିନୀ, ଲୋପାମୁଦ୍ର ପ୍ରଧାନ, ଅଭିପ୍ସା ଶତପଥୀ, ସ୍ମୃତିଶ୍ରୀ ତ୍ରିପାଠୀ, ନିହାରିକା ସ୍ୱାଇଁ, କୀର୍ତ୍ତିପୂର୍ଣ୍ଣା ତରାଇ, ଶାସ୍ୱତୀ ସେନାପତି, ନୀଲାଞ୍ଜନା ସନ୍ତୋଷ, ଯଶସ୍ୱୀ ସିଂ, ସାଗରିକା ନାୟକ, ସାଇ ତମନ୍ନା, ସୌମ୍ୟାଶ୍ରୀ ମାଇତି, ଦେବାଂଶୀ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଜୀବନର କେତେ ରଙ୍ଗ

## ବଞ୍ଚିବାର ରାହା ଦେଇଛି ସଙ୍ଗୀତ କଳା

ଭୁବନେଶ୍ୱର, ୩୧।୮ (ସମିସ): ଜୀବନଟା ମୌଳିକ ସ୍ୱପ୍ନ କେତୋଟି ରାତି ପାଇଁ, ପ୍ରବୃତ୍ତି ପାଖେ ବନ୍ଧା ହୋଇଛି ଜନମ ଜନମ ପାଇଁ..। ଏପରି ଶୁଣିବାକୁ ମିଳୁଛି ବିଭିନ୍ନ ଛକ ଛକରେ। ଏହି ଭଜନ ଶୁଣି କ୍ଷଣିକ ପାଇଁ ଅଟକି ଯାଉଛନ୍ତି ଲୋକ। କିଛି ଦୃଷ୍ଟିବାଧିତ ଯୁବଗୋଷ୍ଠୀଙ୍କ ଦ୍ୱାରା ଆୟୋଜିତ ଏପରି ଭଜନ ସମାରୋହ ଗଣେଶ ପୂଜା ଅବସରରେ ଖଣ୍ଡଗିରି ପରି ଆଉ କିଛି ସ୍ଥାନରେ ମଧ୍ୟ ଦେଖିବାକୁ ମିଳିଛି। ମା' ତାରିଣୀ ଦୃଷ୍ଟିହୀନ ଭଜନ ସମାରୋହ, ଭରତପୁର ନାମରେ ଗଠିତ ଏହି ଗ୍ରୁପଟି ବିଭିନ୍ନ ଜାଗାକୁ ଯାଇ ଭଜନ ସମାରୋହ କରିବା ସହ ବିଭିନ୍ନ ଛକରେ ମଧ୍ୟ ଏହି ମଞ୍ଚ କାର୍ଯ୍ୟକ୍ରମ କରି ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି। ଶାରୀରିକ ଅକ୍ଷମତା କେବେ ମନୋବଳକୁ ଭାଙ୍ଗିପାରେନା। ଏହି ପ୍ରେରଣା ମାଧ୍ୟମରେ ସେ ଲୋକଙ୍କୁ ଦେଉଛନ୍ତି ମନୋରଞ୍ଜନର ଖୋରାକ। ମଞ୍ଚରେ ଯେଉଁ ବ୍ୟାନର ଲଗାଯାଇଛି ସେଥିରେ ଏହି ଗ୍ରୁପର ନମ୍ବର ରହିଛି। ଯାହା ମାଧ୍ୟମରେ ଲୋକ ନିଜ ନିଜ ଭଜନ ସମାରୋହରେ ଏମାନଙ୍କୁ ସାମିଲ୍ କରୁଛନ୍ତି। ଅନେକ ଦୃଷ୍ଟିବାଧିତ ଯୁବକଙ୍କୁ ସ୍ୱବଲମ୍ବୀ କରିବା ଓ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଏହି ଗ୍ରୁପଟି ଗଠନ କରାଯାଇଛି। ଯେଉଁ ପିଲାମନଙ୍କର ଘର ପରିବାର ତଥା ନିଜ ଲୋକ କେହି ନାହାନ୍ତି ସେମାନଙ୍କୁ ନିଜ ସହ ସାମିଲ କରୁଛି ଏହି ଗୋଷ୍ଠୀ। ଅନେକ ପିଲା ପାଠ ପଢ଼ିବାରେ ସକ୍ଷମ ହୋଇପାରୁଛନ୍ତି।




ତା ସହ କିଛି ଅର୍ଥ ରୋଜଗାର କରି ସ୍ୱାଭିମାନର ସହ ବଞ୍ଚୁଛନ୍ତି। ଏ ନେଇ ଗ୍ରୁପର ପ୍ରତିଷ୍ଠାତା ସଞ୍ଜୟ ପାତ୍ର କୁହନ୍ତି ନିଜ ହାତରେ ସେ ଏହି ଗ୍ରୁପ ଗଢ଼ିଥିଲେ। ଯାହାର ଉଦ୍ଦେଶ୍ୟ ଥିଲା ଦୃଷ୍ଟି ବାଧିତ ପିଲାମାନଙ୍କୁ ସଂଗୀତ କଳା ଶିଖେଇ ବଞ୍ଚିବାର ରାହା ଦେଖାଇବା। ଫଳରେ ସେମାନେ ଭଲ ରୋଜଗାର ବି କରିପାରିବେ। ସେଥିପାଇଁ ପିଲାମାନଙ୍କୁ ପରିଚୟ ଦେବାକୁ ସେ ପରିଶ୍ରମ ଜାରି ରଖିଛନ୍ତି। ଯେଉଁ ସ୍ଥାନକୁ ସେ ଭଜନ ସନ୍ଧ୍ୟା କରିବାକୁ ଯାଆନ୍ତି ସେଠାରେ ପ୍ରତି ମଞ୍ଚ କାର୍ଯ୍ୟକ୍ରମ ପିଛା ୭ ହଜାରରୁ ୮ ହଜାର ଆୟ କରନ୍ତି। ସେମାନଙ୍କ ଦ୍ୱାରା ବିଭିନ୍ନ ହିନ୍ଦୀ, ଓଡ଼ିଆ ଓ ସମ୍ବଲପୁରୀ ଭଜନ ପରିବେଷଣ କରିଥାନ୍ତି। ଶାରୀରିକ ଅକ୍ଷମ ହେଲେ ମଧ୍ୟ ସମାଜରେ ସେମାନଙ୍କ ପରିଚୟ ସୃଷ୍ଟି କରିବାହିଁ ଏହି ଗ୍ରୁପର ଉଦ୍ଦେଶ୍ୟ ରହିଛି।

ଝାରପଡ଼ା ବିବାଦ

# ସମାଧାନର ବାଟ ବାହାରିବା ପରେ ବି ହୀନ ଚକ୍ରାନ୍ତ

ଭୁବନେଶ୍ୱର, ୩୧।୮ (ସମିସ):

ଝାରପଡ଼ା ଦୁର୍ଗାପୂଜା ବିବାଦ ଥମିବାରେ ନାଁ ଧରୁନି। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ କ୍ଷମତାକେନ୍ଦ୍ର ବଦଳିଲା। ଏହାର ପ୍ରଭାବ ଏଭଳି ପଡ଼ିଲା ଯେ ରାତାରାତି ନୂଆ ପୁରୁଣା ପୂଜା କମିଟି ତିଆରି ହେଲା। ଆଉ ଏହି ଖେଳରେ ସାମିଲ ହେଲା ପୁଲିସ। ପୁଲିସ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି କୋର୍ଟଙ୍କୁ ନୂଆ ପୁରୁଣା ପୂଜା କମିଟିର ରିପୋର୍ଟ ଧରାଇ ଦେଲା। କିଛି ସମୟ ପାଇଁ ଲାଗିଲା ଝାରପଡ଼ାରେ ଦୁର୍ଗାପୂଜା ହୋଇପାରିବ ନାହିଁ। କୋର୍ଟଙ୍କ ହସ୍ତକ୍ଷେପରେ ପରେ ଏବେ ଝାରପଡ଼ାର ଦୁଇ ଅନୁଷ୍ଠାନ ଝାରପଡ଼ା ଦୁର୍ଗାପୂଜା ସମିତି ଓ ଝାରପଡ଼ା ୱେଲଫେୟାର ଆସୋସିଏସନ୍ ଅଲଗା ଅଲଗା ପୂଜା କରିବେ ବୋଲି ଅତିରିକ୍ତ ଡିସିପିଙ୍କ କୋର୍ଟ ନିର୍ଦ୍ଦେଶ ଦେଲେ।

ଏହା ପରେ ବି ଝାରପଡ଼ା ୱେଲଫେୟାର ଆସୋସିଏସନ୍‌ର କର୍ମକର୍ତ୍ତାମାନେ ଝାରପଡ଼ା ଦୁର୍ଗାପୂଜା ସମିତିର ନାମକୁ ବ୍ୟବହାର କରୁଛନ୍ତି। ଏହି ନାମରେ ରସିଦ୍ କାଟି ଚାନ୍ଦା ଆଦାୟ କରୁଛନ୍ତି ବୋଲି ଝାରପଡ଼ା ଦୁର୍ଗାପୂଜା ସମିତିର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଥାନାରେ ଏ ନେଇ ଏତଲା ଦେବା ସହ ଡିଜିଙ୍କ ପର୍ଯ୍ୟନ୍ତ ଅଭିଯୋଗ ଜଣାଇଥିଲେ ମଧ୍ୟ ପୁଲିସ ଚୁପ୍ ବସିଛି। କୋର୍ଟଙ୍କ ନିୟମ ଅବମାନନା କରାଯାଉଥିଲେ ମଧ୍ୟ ପୁଲିସ କାହା ଚାପେରେ ନିରବଦ୍ରଷ୍ଟା ପାଲଟିଛି ଏହାକୁ ଏକ ପ୍ରେସ୍‌ମିଟ୍‌ରେ ଝାରପଡ଼ା ଦୁର୍ଗାପୂଜା ସମିତି ପକ୍ଷରୁ ପ୍ରଶ୍ନ କରାଯାଇଛି। ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।




ସମିତିର ଅଭିଯୋଗ ଅନୁଯାୟୀ, ୨୦୧୧ ମସିହାରୁ ଝାରପଡ଼ା ଦୁର୍ଗାପୂଜା ସମିତି ନାମରେ ଏଠାରେ ପୂଜା କରାଯାଉଥିଲା। ୧୪ ବର୍ଷ ହେବ ମହା ଆଡ଼ମ୍ବରରେ ଶାନ୍ତିପୂର୍ଣ୍ଣ ଭାବେ ପୂଜା କରାଯାଉଥିଲା। ଅଚାନକ ସମିତିର ସମ୍ପାଦକ ଏବଂ ସଭାପତିଙ୍କ ନାମରେ ୨୩ ଜୁନ୍‌ରେ ଆର୍ଥିକ ଅନିୟମିତତା ଅଭିଯୋଗ ଆସିଲା। ଆଉ ଅତିରିକ୍ତ ଜିଲ୍ଲାପାଳଙ୍କ ପାଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଗଲା। ସମିତି ସଦସ୍ୟମାନେ ସମସ୍ତ ତଥ୍ୟ ଦେବା ପରେ ଅତିରିକ୍ତ ଜିଲ୍ଲାପାଳ ସମିତି ସଦସ୍ୟଙ୍କୁ ୧୨ଅଗଷ୍ଟରେ ଅନିୟମିତତା ଅଭିଯୋଗରୁ କ୍ଲିନ୍‌ଚିଟ୍ ଦେଲେ।

ବିଜେପି ନେତା ଜଗନ୍ନାଥ ପ୍ରଧାନ ୨୦୧୪ ମସିହାରେ ଇସ୍ତଫା ଦେଇଥିଲେ। ତାଙ୍କୁ ବାରମ୍ବାର ଡାକାଯାଇଥିଲେ ମଧ୍ୟ ସେ ମୌଖିକ ଭାବେ ରାଜନୈତିକ କାର୍ଯ୍ୟକ୍ରମରେ ବ୍ୟସ୍ତଥିବା ଦର୍ଶାଇ ଆସି ନଥିଲେ। କିମ୍ବା ସଭ୍ୟ ଚାନ୍ଦା ଦେଇ ନଥିଲେ। ଏଣୁ ୨୦୧୮ ମସିହାରେ ସମିତିର ବାଇ ଲ ଅନୁଯାୟୀ ଜଗନ୍ନାଥ ପ୍ରଧାନଙ୍କୁ ବହିଷ୍କାର କରାଯାଇଥିଲା। ଉପ ଜିଲ୍ଲାପାଳଙ୍କ ରିପୋର୍ଟ ଆସିବା ପରେ ଗତ ୧୯ ତାରିଖରେ ଗ୍ରାମବାସୀ ମିଶି ପୂଜା ସ୍ଥାନକୁ ସଫା କଲେ। ଏହି ସମୟରେ ପୁଲିସ ଏଠାରେ ବିଏନ୍‌ଏସ୍ ଧାରା ୧୬୩ ଲଗାଇ ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଥିଲା। ପୁରୁଣା ନୂଆ କମିଟି ଦର୍ଶାଇ ପୁଲିସ ରିପୋର୍ଟ ପ୍ରସ୍ତୁତ କଲା। ଏହି ରିପୋର୍ଟ ଆଧାରରେ କୋର୍ଟରେ ମାମଲାର ଶୁଣାଣି ହେଲା। କୋର୍ଟ ଦୁଇ କମିଟି ଝାରପଡ଼ା ଦୁର୍ଗାପୂଜା ସମିତି ଓ ଝାରପଡ଼ା ୱେଲଫେୟାର ଆସୋସିଏସନ୍‌କୁ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ପୂଜା କରିବାକୁ ନିର୍ଦ୍ଦେଶ ଦେଲେ। ଏହା ସତ୍ତ୍ୱେ ମଧ୍ୟ ଝାରପଡ଼ା ୱେଲଫେୟାର ଆସୋସିଏସନ୍ ଏହାର ପ୍ରତିଦ୍ୱନ୍ଦ୍ୱୀ ଝାରପଡ଼ା ଦୁର୍ଗାପୂଜା ସମିତି ନାମକୁ ବ୍ୟବହାର କରି ଚାନ୍ଦା ମାଗିବା ଭଳି ବିଭିନ୍ନ ବେଆଇନ୍ କାର୍ଯ୍ୟ କରୁଥିବା ଅଭିଯୋଗ କରିଛି। ଏହାସହ ଏଭଳି ନାମ ବ୍ୟବହାର କରି କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିଲେ ମଧ୍ୟ ପୁଲିସ କାର୍ଯ୍ୟାନୁଷ୍ଠାନ ନ ନେବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ସମାଧାନର ବାଟ ବାହାରିବା ପରେ ବି ଏହା ହୀନ ଚକ୍ରାନ୍ତ ବୋଲି ଝାରପଡ଼ା ଦୁର୍ଗାପୂଜା ସମିତିର ସମ୍ପାଦକ ଧରଣୀଧର ଜେନା, ଆବାହକ ଶ୍ରୀଧର ଜେନା, ସଭାପତି ଶିଖର ଚନ୍ଦ୍ର ଜେନା ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

### କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା

### ଝାରପଡ଼ା ଦୁର୍ଗାପୂଜା ସମିତି ନାମ ବ୍ୟବହାର କରି ଚାନ୍ଦା ଆଦାୟ କରୁଛନ୍ତି ଅନ୍ୟ ଗୋଷ୍ଠି

## ଗୌରାଙ୍ଗ ସେବା ଫାଉଣ୍ଡେସନ୍ ପକ୍ଷରୁ ଶ୍ରୀରାଧାଷ୍ଟମୀ



ଭୁବନେଶ୍ୱର, ୩୧।୮ (ସମିସ): ଗୌରାଙ୍ଗ ସେବା ଫାଉଣ୍ଡେସନର ହରେକୃଷ୍ଣ ଭକ୍ତମାନେ ୩୧ ଅଗଷ୍ଟ ୨୦୨୫ରେ ରାଉରକେଲାସ୍ଥିତ ମେଫେୟାର ୱାର୍ଲ୍ଡ କପ୍ ଭିଲେଜ ଠାରେ ଏକ ଭବ୍ୟ ରାଧାଷ୍ଟମୀ ଉତ୍ସବ ଆୟୋଜନ କରିଥିଲେ। ଶ୍ରୀମତୀ ରାଧାରାଣୀଙ୍କ ଜନ୍ମ ଉପଲକ୍ଷେ ଏହି କାର୍ଯ୍ୟକ୍ରମରେ ବହୁ ଭକ୍ତଙ୍କ ସମାବେଶ ହୋଇଥିଲା ଯେଉଁମାନେ ଅତ୍ୟନ୍ତ ଉତ୍ସାହ ଏବଂ ଭକ୍ତିର ସହିତ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଏହି ଉତ୍ସବ ଆଧ୍ୟାତ୍ମିକ କୀର୍ତ୍ତନ ଏବଂ ଭଜନ ସହିତ ଆରମ୍ଭ ହୋଇଥିଲା ଯାହା ପରିବେଶକୁ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ କରିଥିଲା। ସହରର ଅନେକ ଅଞ୍ଚଳରୁ ଭକ୍ତମାନେ ଶ୍ରୀରାଧାକୃଷ୍ଣଙ୍କ ସ୍ତୁତି ଗାନ କରିବାକୁ ଏକତ୍ରିତ ହୋଇଥିଲେ, ଶ୍ରୀରାଧାକୃଷ୍ଣଙ୍କର ଦିବ୍ୟ ଲୀଳା ଏବଂ ଶିକ୍ଷାକୁ ମନେ ପକାଇଥିଲେ। ଶ୍ରୀକୃଷ୍ଣଙ୍କର କରୁଣାମୟ ସ୍ୱଭାବ - ଶ୍ରୀମତୀ ରାଧାରାଣୀଙ୍କ ମାଧ୍ୟମରେ କିପରି କୃଷ୍ଣଙ୍କ ନିକଟ ରେ ପହଞ୍ଚିବେ ଏବଂ ଶ୍ରୀ ରାଧାଷ୍ଟମୀର ମହତ୍ତ୍ୱ ବିଷୟରେ ଜ୍ଞାନପୂର୍ଣ୍ଣ ପ୍ରବଚନ ଦିଆଯାଇଥିଲା। ଫୁଲର ଏକ କୋମଳ ଶଯ୍ୟାରେ ଆଚ୍ଛାଦିତ ହେବା ପର୍ଯ୍ୟନ୍ତ, ଭଗବାନଙ୍କ ଉପରେ ବିଭିନ୍ନ ପ୍ରକାରର ପୁଷ୍ପ ବୃଷ୍ଟି କରାଯାଇଥିଲା। ଶ୍ରୀ ରାଧା କୃଷ୍ଣଙ୍କ ନିକଟରେ ମହାମଙ୍ଗଳ ଆରତୀ ଏବଂ ଛପନ ଭୋଗ (୫୬ଟି ବିଶେଷ ଭୋଗ) ଅର୍ପଣ କରାଯାଇଥିଲା। ରାଧାଷ୍ଟମୀର ମହା ସମାରୋହରେ ସମସ୍ତ ଭକ୍ତ ଅଂଶଗ୍ରହଣ କରିଥିଲେ।



# ‘ପରିକ୍ରମା ପ୍ରକଳ୍ପ ମିନି ମଡେଲ’ ଶ୍ରୀହୀନ

ଭୁବନେଶ୍ୱର, ୩୧।୮ (ସମିସ):

ପୁରୀର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସମ୍ପୂର୍ଣ୍ଣ ମଡେଲ ଦେଖିବାର ସୁଯୋଗ ସମସ୍ତେ ପାଇପାରିନାହାନ୍ତି। ଏଥିପାଇଁ ରାଜଧାନୀବାସୀଙ୍କୁ ପ୍ରକଳ୍ପ ଉନ୍ମୋଚନ ସମୟରେ ଏହି ସୁଯୋଗ ଦେବା ପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ମିନି ପରିକ୍ରମା ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ଖଣ୍ଡାଲାଇଟ୍ ପଥରରେ ସୁସଜ୍ଜିତ ପରିକ୍ରମା ମାର୍ଗ, ନୂଆରୂପ ନେଇଥିବା ମଠ, ମନ୍ଦିର, ରାସ୍ତା ଆଦିକୁ ଅପରୂପ ଓ ଅବିକଳ ବିଭବ ଏଥିରେ ଦୃଶ୍ୟମାନ ହୋଇଥିଲା। ମୁମ୍ବାଇରୁ ଆସିଥିବା ଶିଳ୍ପୀମାନେ କାର୍ଡବୋର୍ଡରେ ଏହି ମିନି ପ୍ରକଳ୍ପକୁ ପ୍ରସ୍ତୁତ କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିରକୁ ଭକ୍ତଙ୍କୁ ଆହୁରି ନିକଟତର କରିବା ପାଇଁ ପ୍ରାୟ ୧୮ ଫୁଟ ବ୍ୟାସାର୍ଦ୍ଧର ଏକ ମଣ୍ଡପରେ ପ୍ରକଳ୍ପ ପ୍ରସ୍ତୁତ କରାଯାଇ ଜନଗହଳି ସ୍ଥାନ ରାମମନ୍ଦିର, ମାର୍କେଟ ବିଲଡିଂ, ଆଇଜିପାର୍କ, ଉତ୍କଳମଣ୍ଡପ, ବିଏମ୍‌ସି କାର୍ଯ୍ୟାଳୟ ଆଦି ସ୍ଥାନରେ ଏହାକୁ ସ୍ଥାପନ କରାଯାଇଥିଲା। ଏହି ପ୍ରକଳ୍ପକୁ ଏକ ବିଶାଳ କାଚର ଘୋଡ଼ଣୀରେ ଏହାକୁ ସଂଗୃହିତ କରି ରଖାଯାଇଥିଲା। ଯିଏ ବି ଏହି ପ୍ରକଳ୍ପ କୁ ଦେଖି ପୁରୀ ଜିବା ପାଇଁ ମନ ବଳାଉଥିଲେ। କିନ୍ତୁ ଦୁଖର ପରିତାପର ବିଷୟ କି ବର୍ତ୍ତମାନ ପରିଚାଳନା ଅଭାବରୁ ଏହି ମିନି ପ୍ରକଳ୍ପ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି।

ଆଇଜି ପାର୍କରେ କାଚଘୋଡ଼ଣି ଆଉ ନାହିଁ। କାର୍ଡବୋର୍ଡ ଗୁଡ଼ିକ ସ୍ଥାନେ ସ୍ଥାନେ ଭାଙ୍ଗିଗଲାଣି। ଏପରିକି ପାଣି ପଡ଼ି କିଛି ସ୍ଥାନରେ ଶିଉଳି ହୋଇଗଲାଣି। ଠିକ୍ ଏହିପରି ରାମ ମନ୍ଦିର ପାଖେ ଥିବା ମିନି ପ୍ରକଳ୍ପର ଅବସ୍ଥା। ଏହାଠାରୁ ମାର୍କେଟ ବିଲଡିଂରେ ମଧ୍ୟ ବୋର୍ଡର ଅବସ୍ଥା ନକହିବା ଭଲ। ପ୍ରକଳ୍ପର ବିଭିନ୍ନ ସ୍ଥାନରୁ ଭାଙ୍ଗିଯାଇ ପାଣି ଜମି ରହୁଛି। ଏଥିସହିତ କିଛି କିଛି ସ୍ଥାନରୁ ଉଇ ଖାଇଯାଇଛନ୍ତି। ମାର୍କେଟକୁ ପ୍ରତିଦିନ ଶହ ଶହ ଲୋକଙ୍କ ସୁଅ ଛୁଟିଥିବା ବେଳେ ରାଜ୍ୟ ବାହାରୁ ତଥା ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ଆସୁଛନ୍ତି। ମାର୍କେଟ ମଝିରେ ଥୁଆ ହୋଇଥିବା ଏହି ପ୍ରକଳ୍ପର ଅବସ୍ଥା ଦେଖି ମୁହଁ ଫେରାଇ ନେଉଛନ୍ତି।

ଏତେ ସୁନ୍ଦର ମଡେଲ ଦେଖିଲେ ଲୋଭ ଆସିଯାଉଥିଲା, ହେଲେ ରକ୍ଷଣାବେକ୍ଷଣ ଅଭାବରୁ ଆଜି ଅବସ୍ଥା ଶୋଚନୀୟ ହୋଇଛି ବୋଲି ଆଇଜି ପାର୍କକୁ ଆସିଥିବା ଜଣେ ବରିଷ୍ଠ ନାଗରିକ କହିଛନ୍ତି।



## ଓଡ଼ିଶା ସଂସ୍କୃତି ଓ ଇତିହାସରେ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଅବଦାନ



ଭୁବନେଶ୍ୱର,୩୧।୮ (ସମିସ): ଓଡ଼ିଶାର ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ତଥା ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପ୍ରାକ୍ତନ ଅଧୀକ୍ଷକ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କର ଓଡ଼ିଶାର ସଂସ୍କୃତି ଏବଂ ଓଡ଼ିଶାର ଇତିହାସ ପାଇଁ ଅବଦାନ ସମ୍ବନ୍ଧରେ ଏକ ଆଲୋଚନାଚକ୍ର ରାଜ୍ୟ ସଂଗ୍ରହାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ତାଙ୍କର ବିଭିନ୍ନ କୃତି ଓ କୀର୍ତ୍ତି ସମ୍ବନ୍ଧରେ ଏବଂ ଓଡ଼ିଶା ଇତିହାସରର ଦିଗ୍‌ଦର୍ଶକ ଭାବେ ପରିଚୟ ଲାଭ କରିଥିବା କଥା ଆଲୋଚିତ ହୋଇଥିଲା। ଏଥିରେ ବରେଣ୍ୟ ଅତିଥି ଭାବେ ମଧୁସୂଦନ ଦାଶ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଡ. ଜୟନ୍ତୀ ରଥ ଓଡ଼ିଶାର ଇତିହାସ ପ୍ରତି ତାଙ୍କର ଅବଦାନ ଅତୁଳନୀୟ ବୋଲି କହିଥିଲେ। ତାଙ୍କ ନାମ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିବ ବୋଲି ଡ.ସତ୍ୟନାରାୟଣ ମିଶ୍ର ନିଜର ଅଭିଭାଷଣରେ କହିଥିଲେ। ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାରତୀ ପାଲ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ବିଶ୍ୱ ପାକଶାଳା ଉଦ୍ୟାନ ଦିବସ



ଭୁବନେଶ୍ୱର,୩୧।୮ (ସମିସ): ରାଜ୍ୟ ମାନ ନିୟନ୍ତ୍ରଣ ପରୀକ୍ଷାଗାରଠାରେ ବିଶ୍ୱ ପାକଶାଳା ଉଦ୍ୟାନ ଦିବସ ପାକଶାଳା ବଗିଚା ସଂଘ ତରଫରୁ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ମାନବାଧିକାର କମିସନର ସଭ୍ୟ ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର, ପଦ୍ମଶ୍ରୀ ସାବରମତୀ, ଓଡ଼ିଶା ସରକାର କୃଷି ବିଭାଗର ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଯୋଗଦେଇ ଜୈବିକ ତଥା ପ୍ରାକୃତିକ କୃଷି ଏବଂ ବିଷମୁକ୍ତ ଖାଦ୍ୟର ଆବଶ୍ୟକତା ବିଷୟରେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ମହାପାତ୍ର ଅତ୍ୟଧିକ ଲୁଣ, ମସଲା, ତେଲ ତଥା ଚିନିର ବ୍ୟବହାର ଆମ ରାଜ୍ୟରେ ଅନେକ ରୋଗର କାରଣ ବୋଲି ଦର୍ଶାଇଛନ୍ତି। ସେହିଭଳି ଡ. ସାବରମତୀ ଜୈବିକ ଅବା ପ୍ରାକୃତିକ କୃଷି ବର୍ତ୍ତମାନର ବହୁତ ବଡ ଆବଶ୍ୟକତା ରହିଛି। ଦେଶୀ ବିହନର ଉପାଦେୟତା ଉପରେ ବିଶ୍ଳେଷଣ କରି ଦେଶୀ ବିହନ ସଂରକ୍ଷଣ ପାଇଁ ଯୁବ ପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥିଙ୍କ ଦ୍ୱାରା ପାରମ୍ପରିକ ଉଦ୍ୟାନ କୃଷି ମୁଖପତ୍ର ‘ଅମୃତ ବାଟିକା’ ଏବଂ ଚୌଧୁରୀ ବରଦା ପ୍ରସନ୍ନ ଦାସ ତଥା ଏକାଦଶୀ ନନ୍ଦୀଙ୍କ ସଂକଳିତ ପ୍ରାକୃତିକ କୃଷି ସମ୍ବନ୍ଧୀୟ ପୁସ୍ତକ “କୃଷି ସାହିତ୍ୟରେ ଆଦିପୁରୁଷ ଗଙ୍ଗାଧର’ ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ପଞ୍ଚାନନ କାନୁନଗୋ, ଅଶୋକ ଦାସ, ମହେଶ୍ୱର ଖିଲାର, ଭୁବନ ମୋହନ ପଟ୍ଟନାୟକ, ଏକାଦଶୀ ନନ୍ଦୀ ପ୍ରମୁଖ ପରିଚାଳନା କରିଥିଲେ।

## ଡୁଡୁନ୍ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକୋତ୍ସବ



ଭୁବନେଶ୍ୱର,୩୧।୮ (ସମିସ): ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା ପ୍ରତିଷ୍ଠାନର ଅଡିଟୋରିୟମଠାରେ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ସମ୍ମାନ ଏବଂ ୯୦ ପ୍ରତିଶତ ମାନସିକ ଅନଗ୍ରସର ୨୦ ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, କବି ରକ୍ଷକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପାଞ୍ଚଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଡୁଡ୍‌ନୁ ସମ୍ମାନ - ୨୦୨୫ରେ ସମ୍ମାନିତ କରାଯାଇଥିଲା। ସେହିପରି ୧୧ଟି ସାମାଜିକ ଅନୁଷ୍ଠାନମାନଙ୍କୁ ‘ଡୁଡନୁ ପ୍ରେରଣା ସମ୍ମାନ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ସାଂସଦ ସୁଲତା ଦେଓ, ସମ୍ମାନିତ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ସାମାଜିକ କର୍ମୀ ଅରୁନ୍ଧତୀ ଦେବୀ, ଏମ୍‌ସିଏଲ୍‌ର ନୋଡାଲ ଅଫିସର ଶିଶିର କୁମାର ନାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡୁଡ୍‌ନୁ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷା ଡ. ବନ୍ଦନା ହରିଚନ୍ଦନ ପରିଚାଳନା କରିଥିଲେ।

## ‘ଯାଆଁଳା ଓଡ଼ିଆ ଅସ୍ମିତାର ଚିତ୍ର ଓ ଚରିତ୍ର’ ଲୋକାର୍ପିତ



ଭୁବନେଶ୍ୱର, ୩୧।୮ (ସମିସ): କାଳନ୍ଦୀ ସାମଲଙ୍କ ‘ଯାଆଁଳା ତୋଟାରେ ଓଡ଼ିଆ ଅସ୍ମିତାର ଚିତ୍ର ଓ ଚରିତ୍ର’ ପୁସ୍ତକ ବୁଦ୍ଧ ମନ୍ଦିର ସଭାକକ୍ଷରେ ଲୋକାର୍ପିତ ହୋଇଯାଇଛି। ଉତ୍ସବରେ ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ବିନୋଦ ମହାରଣା, ମୁଖ୍ୟ ଅତିଥି ଭାବେ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ଭାବେ ସମୀର ମହାନ୍ତି ଏବଂ ଚନ୍ଦ୍ରେଶଖର ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଲୋକାପର୍ଣ କାର୍ଯ୍ୟକ୍ରମରେ ଉପେରାକ୍ତ ଗବେଷଣା ପୁସ୍ତକର ୧୬ଜଣ ଗବେଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗବେଷକଙ୍କ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭରେ ପରିପୃଷ୍ଟ ହୋଇ ସଙ୍କଳିତ ପୁସ୍ତକ ଗ୍ରାମ୍ୟ ଜଳ ଯୋଜନା, ବିକଶିତ ଓଡ଼ିଶା, ବିକଶିତ ଗ୍ରାମ ପରି ସରକାରଙ୍କ ଆଭିମୁଖ୍ୟକୁ ଅଗ୍ରସର କରାଇବ ଏଥିରେ ସନ୍ଦେହର ଅବକାଶ ନାହିଁ ବୋଲି ବିଶିଷ୍ଟ ଅତିଥି ସମୀର ମହାନ୍ତି ସ୍ପଷ୍ଟୋକ୍ତି କରିଥିଲେ। ବିଶିଷ୍ଟ ଗୀତିକାର ତଥା ଉଦଘୋଷକ ବିଜୟ ମଲ୍ଲ ସଭା ସଂଚାଳନ କରିବା ସହ ପଞ୍ଚାନନ ନାୟକ ଓ ଅଜିତ ଦାସ ସୁପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ

ଭୁବନେଶ୍ୱର,୩୧।୮ (ସମିସ): ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତ ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଦ୍ୱିତୀୟ ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ନୃତ୍ୟ ମହୋତ୍ସବରେ ୨୦ଟି ନୃତ୍ୟଦଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ପଦ୍ମଶ୍ରୀ ପ୍ରିୟମ୍ବଦା ହେଜମାଦୀ, ନୃତ୍ୟଶିଳ୍ପୀ ସିକତା ଦାସ, ଗବେଷକ କୀର୍ତ୍ତନ ନାରାୟଣ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ “ଗୋଟିପୁଅର ଉଦଗମ ଓ ବିକାଶ’ ଶୀର୍ଷକକୁ ନେଇ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଗୋଟିପୁଅ ନୃତ୍ୟ ମାଧ୍ୟମରେ “ଗୁରୁ ବନ୍ଦନା’, “ମଙ୍ଗଳାଚରଣ’, “ଦଶାବତାର’, “ବନ୍ଧନୃତ୍ୟ’, “ପଞ୍ଚଦେବ ସ୍ତୁତି’ ଆଦିର ପ୍ରଦର୍ଶନ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ରହିଥିଲା। ଆରାଧନା ଡ୍ୟାନ୍ସ ଏକାଡେମୀ, ଗୁରୁ ମାଗୁଣୀ ଜେନା ଗୋଟିପୁଅ ନୃତ୍ୟ ପରିଷଦ, ଜୟଦେବ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପ୍ରତିଷ୍ଠାନ, ଶିବ ପାର୍ବତୀ ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ, ଜୟ ମା ସିଂହ ବାହିନୀ, ସୃଷ୍ଟି ଫାଉଣ୍ଡେସନ ଟ୍ରଷ୍ଟ, ନାରାୟଣୀ ଗୋଟିପୁଅ କଳାପରିଷଦର ନୃତ୍ୟଶିଳ୍ପୀମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ତଥା ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପରିଚାଳନା କରିଥିଲେ।



## ବରିଷ୍ଠ ନାଗରିକଙ୍କ ଜରାଶ୍ରମ ପରିଦର୍ଶନ

ଧଉଳି,୩୧।୮ (ସମିସ): ଭୁବନେଶ୍ୱର ବ୍ଲକ୍ ଲିଙ୍ଗିପୁରସ୍ଥିତ ନୀଳକଣ୍ଠେଶ୍ୱର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗୌରାଙ୍ଗ ଚରଣ ତ୍ରିପାଠୀ ଓ ସମ୍ପାଦକ ରମା ଶଙ୍କର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମଞ୍ଚର ସଦସ୍ୟ ମାନେ ଆଜି ରଘୁନାଥପୁର ଓ ନନ୍ଦନକାନନ ସ୍ଥିତ ଶିରିଡିସାଇ ଜରାଶ୍ରମ ପରିଦର୍ଶନ କରିଥିଲେ। ସେଠାରେ ଅନ୍ତେବାସୀଙ୍କ ସହ ଭାବର ଆଦାନପ୍ରଦାନ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜୀବନର ପ୍ରତିଟି ମୁହୂର୍ତ୍ତ କାହାଣୀର ଅନୁଭୂତିକୁ ବଖାଣି ଥିଲେ। ବାପା, ମା’ ଓ ଗୁରୁଜନ ସ୍ୱର୍ଗଠାରୁ ବଡ ସେମାନଙ୍କ ସ୍ନେହାଶୀର୍ବାଦ ପ୍ରତ୍ୟୋକ ପିଲାମାନଙ୍କ ପାଇଁ ଅତ୍ୟନ୍ତ କଲ୍ୟାଣକାରୀ ଓ ଶୁଭଦାୟକ। ସମାଜରେ ସେମାନଙ୍କ ସ୍ଥାନ ସର୍ବଦା ଉଚ୍ଚରେ। ସେମାନଙ୍କର ଜୀବନର ପ୍ରତିଟି ଅନୁଭୂତି ଅନୁକରଣୀୟ ଓ ଶିକ୍ଷଣୀୟ। ଯାହାକି ଆଜିର ଯୁବପିଢ଼ିଙ୍କ ନିମନ୍ତେ ନିହାତି ଜରୁରୀ ବୋଲି ଅନ୍ତେବାସୀମାନେ କହିଥିଲେ। ଉକ୍ତ ଜରାନିବାସର ସକ୍ରିୟ ସଭ୍ୟ ବିଜୟ କୁମାର ପାତ୍ରଙ୍କ ସହଯୋଗରେ ପାଇଁ ନାଗରୀକ ମଞ୍ଚର ସଦସ୍ୟ ମାନେ ସାଧୁବାଦ ଜଣାଇଥିଲେ। ନାଗରୀକ ମଞ୍ଚର ଏହି ପରିଦର୍ଶକ ବେଶ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ସ୍ନେହ ଓ ଭଲପାଇବା ଭିତରେ ଆତ୍ମୀୟତା ସୃଷ୍ଟି ହୋଇଥିଲା।





ଚକେଇସିଆଣୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

## ବରିଷ୍ଠ କୃଷି ବୈଜ୍ଞାନିକ ସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩୧।୮ (ସମିସ): ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ବରିଷ୍ଠ କୃଷି ବୈଜ୍ଞାନିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ମନୋରଞ୍ଜନ ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡ. ଅଶୋକ ମହାପାତ୍ର ଉଦ୍‌ବୋଧନ ଦେଇଥିଲେ। ଆସନ୍ତା ବର୍ଷ ପାଇଁ ପ୍ରଫେସର ନିରୋଦ ଧଳ, ଡଂ ଜ୍ଞାନେନ୍ଦ୍ର ନାଥ ମହାନ୍ତି ଉପ ସଭାପତି, ପ୍ରଫେସର ପ୍ରଭୁ ଚରଣ ଲେଙ୍କା, ସମ୍ପାଦକ ଡ ପାଲଟା ସିଂହ, ଯୁଗ୍ମ ସମ୍ପାଦକ ଓ ଡ. ଦେବଦତ୍ତ ମିଶ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସମ୍ପାଦକ ଡ. ନଟବର ଖୁଣ୍ଟିଆ, ପ୍ରଫୁଲ୍ଲ ସେନାପତି, ସୁଦର୍ଶନ ସାହୁ, ସଚିଦାନନ୍ଦ ପଣ୍ଡା, ପ୍ରଭାତ ଷଡ଼ଙ୍ଗୀଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ନେଇ ଉପଦେଷ୍ଟା ରଖାଇଯାଇଛି ବୋଲି ବୈଜ୍ଞାନିକ ଦେବ ପ୍ରସାଦ ମଲ୍ଲିକ ସୂଚନା ଦେଇଥିଲେ।

## ‘ପ୍ରତି ପାଠକ ଜଣେ ଅବିକଶିତ ଲେଖକ’

**ଗଳ୍ପବହି ‘ବାପା ଓ ସୋଫା’ ଉନ୍ମୋଚିତ**

ଭୁବନେଶ୍ୱର,୩୧।୮ (ସମିସ): ଆଜୀବନୀ ଓ ବିବରଣୀ ତଥା ଆବେଗ ବ୍ୟତୀତ ସମକାଳୀନ ଓଡ଼ିଆ ଗଳ୍ପ ଅଧିକ ଉପରକୁ ଯିବା ଦରକାର ବୋଲି ବିଶିଷ୍ଟ କଥାଶିଳ୍ପୀ ଜ୍ୟୋତି ନନ୍ଦ ମତ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ “ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମରେ ଯୋଗ ଦେଇ ଗଳ୍ପକାରୀତାରେ ମଧ୍ୟ ସୂଚନା ଓ କୃତ୍ରିମତା ରହିବା ଆବଶ୍ୟକ। ଲେଖକମାନେ ମନେ ରଖିବା ଉଚିତ ଯେ ପ୍ରତି ପାଠକ ଜଣେ ଅବିକଶିତ ଲେଖକ। ପ୍ରତି କାହାଣୀର ଗଠନ ଶୈଳୀ ଓ ଦ୍ୱନ୍ଦ୍ୱ ନିର୍ମାଣ ଉପରେ ଲେଖକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଶ୍ରୀ ନନ୍ଦ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ କଥାକାର ପ୍ରଦ୍ୟୁମ୍ନ ପଟ୍ଟନାୟକଙ୍କ ଗଳ୍ପ ପୁସ୍ତକ ‘ବାପା ଓ ସୋଫା’ ପାଠକାର୍ପିତ ହୋଇଥିଲା। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। କଥାକାର ପ୍ରଦୀପ୍ତ କୁମାର ମିଶ୍ର ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। “ଏ ମାସର କବି’ ଭାବରେ ତରୁଣ କବି ଜିତୁ ପ୍ରଧାନ ସ୍ୱରଚିତ କବିତା ପାଠ କରିଥିଲେ। ରାଧାରାଣୀ ସରକାର ଓ ସ୍ନେହ ଦାସ ଲେଙ୍କାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଜୟ ମହାପାତ୍ର, ମନୋରଞ୍ଜନ ପାଣିଗ୍ରାହୀ, ଅଲେଖ ଚରଣ ରାଉତ ପ୍ରମୁଖ ଲେଖା ପାଠ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ପ୍ରାରମ୍ଭିକ ସୂଚନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପରଲୋକ ଗତ ବିନୋଦ ପଶାୟତ ଓ ବିପିନ ଆଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।



## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ବାର୍ଷିକୋତ୍ସବ

ଭୁବନେଶ୍ୱର,୩୧।୮ (ସମିସ): ସାହିତ୍ୟ ସଙ୍ଗଠନ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା ପକ୍ଷରୁ ମହାପୁରୁଷ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଅବସରରେ ପରିଷଦର ବାର୍ଷିକ ଉତ୍ସବ ଓ ଯୁବ ସାହିତ୍ୟିକ ସମ୍ମିଳନୀ ସ୍ଥାନୀୟ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବ ସାହିତ୍ୟିକ ପୂଜ୍ୟ ସନ୍ଥ ଶ୍ରୀମଦ୍ ସନତ ସୁଜାତାନନ୍ଦ ଦାସ ମହାରାଜଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମରେ ପରିଷଦର ଅଧ୍ୟକ୍ଷ ଡ. ଅଭୟ କୁମାର ନାୟକ, ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ସଂଗଠନ ସମ୍ପାଦକ ନାରାୟଣ ନାୟକ, ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ସତ୍ୟ ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଓଡ଼ିଆ ଭାଗବତ, ଅତିବଡ଼ି ଜଗନ୍ନାଥ ଦାସଙ୍କ ସାହିତ୍ୟ ତଥା ରାଷ୍ଟ୍ର ନିର୍ମାଣରେ ଯୁବସାହିତ୍ୟିକଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଡ. ନିରୋଦ କୁମାର ମନ୍ତ୍ରୀଙ୍କୁ ଯୁବ ପ୍ରତିଭା ସମ୍ମାନ ଓ ଅଧ୍ୟାପିକା ଝରଣା ନାଥଙ୍କୁ ଯୁବ ସୌରଭ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ପରିଷଦର ମୁଖପତ୍ର ଦିଗ ଦିଗନ୍ତ, ଗୋପୀନାଥ ଷଡ଼ଙ୍ଗୀଙ୍କ ଚିକିତ୍ସା ମଞ୍ଜରୀ ଓ ଡ. ନିରୋଦ କୁମାର ମନ୍ତ୍ରୀଙ୍କ ରଚିତ ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ, କବି ବିପିନ ବିହାରୀ ରାଉତଙ୍କ କାନ୍ଧ ଓ ଅନ୍ୟାନ୍ୟ କବିତା ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ଭୁବନେଶ୍ୱର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୩୧।୮ (ସମିସ): ଭୁବନେଶ୍ୱର କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ପକ୍ଷରୁ ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏସନର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ଅଟଳ ବିହାରୀ ପଟ୍ଟନାୟକ ସ୍ମୃତିରେ ଅଟଳ ଭବନ, ୟୁନିଟ୍-୪ ରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ୟାପିଟାଲ ହସ୍ପିଟାଲ ବ୍ଲଡ୍ ବ୍ୟାଙ୍କ ଡିଭିଜନ ଏବଂ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କର ସହାୟତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରୁ ୨୦୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ଏବଂ ୟୁନିଟ୍ ୪ କର୍ପୋରେଟର ଅଲିଅଳ ମଲ୍ଲିକ ଯୋଗଦେଇଥିଲେ। ୟୁସିଡିଏ ସଭାପତି ପି. ସତ୍ୟନାରାୟଣ, ୟୁସିଡିଏ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, କେଡିସିଡିଏ ସଭାପତି ଗିରିଜା ପ୍ରସାଦ ରଥ, କେଡିସିଡିଏ ସମ୍ପାଦକ ପ୍ରଶାନ୍ତ କୁମାର ଜେନା ରକ୍ତଦାନ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ପ୍ରେରଣା ଦେଇଥିଲେ। ଆୟୋଜକ କମିଟି ସଦସ୍ୟ ବିସିଡିଏ ଭୁବନେଶ୍ୱରର ସଭାପତି ବିଭୁ ପ୍ରସାଦ ପ୍ରଧାନ ଏବଂ ବିସିଡିଏ ଭୁବନେଶ୍ୱରର ସମ୍ପାଦକ ସଚିନ୍ଦ୍ର କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଓଡ଼ିଆ ଜାତିକୁ ସଂସ୍କୃତିସଂପନ୍ନ କରିବାରେ ଅତିବଡ଼ୀଙ୍କ ପ୍ରଚେଷ୍ଟା ଅବିସ୍ମରଣୀୟ

ଭୁବନେଶ୍ୱର,୩୧।୮ (ସମିସ):

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭଞ୍ଜ କଳାମଣ୍ଡପ ଠାରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଜାତିକୁ ସଂସ୍କୃତିସମ୍ପନ୍ନ କରିବାରେ ଅତିବଡ଼ୀଙ୍କ ପ୍ରଚେଷ୍ଟା ଅବିସ୍ମରଣୀୟ ବୋଲି ମତପ୍ରକାଶ ପାଇଥିଲା। ଏହା ପରେ ସାରସ୍ୱତ ସଭା ଅତିବଡ଼ୀଙ୍କ ଜନ୍ମପୀଠ କପିଳେଶ୍ୱରପୁର ଶାସନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ମଧ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଘାଟକ ଭାବେ ସାଂସଦ ଡା. ସମ୍ବିତ୍ ପାତ୍ର, ମୁଖ୍ୟଅତିଥି ଭାବେ ବିଧାୟିକା ଉପାସନା ମହାପାତ୍ର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ବବିତା ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା. ଅଂଶୁମାନ କର, ଅନ୍ୟତମ ଗବେଷକ ଡ. ହେମନ୍ତ କୁମାର ଛୋଟରାୟ ଅତିବଡ଼ୀଙ୍କ ଅବଦାନ ଉପସ୍ଥାପନ କରିଥିଲେ। ସେହିପରି ରବୀନ୍ଦ୍ର ମଣ୍ଡପଠାରେ ଶ୍ରୀଜଗନ୍ନାଥ ସଂସ୍କୃତି ଭାଷ୍ୟକାର ପ୍ରଫେସର ଡା. ଜୟକୃଷ୍ଣ ଦାସଙ୍କ ସଭାମୁଖ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନିରଞ୍ଜନ ସାହୁ ଯୋଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଅତିବଡ଼ୀଙ୍କ ସମ୍ପର୍କରେ କହିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୫ • ପାଉଣ୍ଡ ୧୧୯.୮୨
- ୟୁରୋ ୧୦୩.୦୨ • ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୯୩,୬୮୭ (ନୂଆଦିଲ୍ଲୀ)
- ରୁପା : ୧,୧୭,୫୭୨ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୯,୮୦୯.୦୦
- ନିଫ୍ଟି ୨୪,୪୨୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଟ୍ରମ୍ପ-ଟାରିଫ୍-ଟେରର୍

# କଡ଼ା ଜବାବ୍ ଦେବେ ଭାରତ-ଚୀନ୍-ରୁଷ !

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି)

ରବିବାର ଚୀନ୍‌ର ତିଆନଜିନ୍ ସହରରେ ଦୁଇ ଦିନିଆ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ଆରମ୍ଭ ହୋଇଛି । ଚୀନ୍, ଭାରତ ଏବଂ ରୁଷ ସହିତ ୨୦ ଦେଶର ନେତା ଏଥିରେ ଯୋଗଦେବେ । ବୈଠକରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି । ଚୀନ୍ ରାଷ୍ଟ୍ରପତି ବୈଠକ ସମୟରେ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଭାରତ ଏବଂ ଚୀନ୍ ପାଇଁ ସଠିକ୍ ବିକଳ୍ପ ହେଉଛି ଯେ ଉଭୟ ବନ୍ଧୁ ଏବଂ ଅଂଶୀଦାର ହୁଅନ୍ତୁ । ସେହି ସମୟରେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଚୀନ୍ ପହଞ୍ଚିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଲାଗୁ ପରେ, ଏହି ତିନୋଟି ଦେଶ (ଭାରତ, ରୁଷ ଏବଂ ଚୀନ୍) ଏବେ ପରସ୍ପରର ବହୁତ ନିକଟତର ହେଉଛନ୍ତି । ଏବେ ପ୍ରଶ୍ନ ଉଠୁଛି କି ଏହି ତିନି ଦେଶ ଏକାଠି ଆମେରିକାର ଶୁଳ୍କର ସମାଧାନ ବାଟ ଖୋଜିପାରିବେ କି? ଚୀନ୍‌ରେ ଏପରି ସମୟରେ ଏସ୍‌ସିଓ ଶିଖର ସମ୍ମିଳନୀ ଅନୁଷ୍ଠିତ ହେଉଛି, ଯେତେବେଳେ ଟ୍ରମ୍ପ ଭାରତୀୟ ସାମଗ୍ରୀ ଉପରେ ୫୦% ଶୁଳ୍କ ଲଗାଇଛନ୍ତି । ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଟ୍ରମ୍ପଙ୍କ ଶୁଳ୍କ ବିବାଦ ମଧ୍ୟରେ ଏହି ଶିଖର ସମ୍ମିଳନୀ ନିବେଶକମାନଙ୍କ ପାଇଁ ଭଲ ଖବର ।



### ● ଭାରତକୁ କ'ଣ ଲାଭ ଦେବ

ଏହି ସମ୍ମିଳନୀ ଭାରତ, ଚୀନ୍, ରୁଷ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀ ଦେଶଗୁଡ଼ିକୁ ଗୋଟିଏ ମଞ୍ଚରେ ଏକତ୍ର କରେ । ଏହା ଆମେରିକାର ଶୁଳ୍କ ବିରୁଦ୍ଧରେ ଏକତା ଏବଂ ସାମୂହିକ ଶକ୍ତି ପ୍ରଦର୍ଶନ କରେ । ଫିନୋକ୍ରେଟ୍ ଟେକ୍ନୋଲୋଜିର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ଗୌରବ ଗୋୟଲ କହିଛନ୍ତି ଯେ ଭାରତ ଆଉ ଆମେରିକା ଉପରେ ନିର୍ଭରଶୀଳ ହେବାକୁ ଚାହୁଁନାହିଁ, ବରଂ ଏହାର ଚାରିପାଖରେ ଥିବା ଦେଶମାନଙ୍କ ସହିତ ମିଶି କାମ କରିବାକୁ ଚାହୁଁଛି । ଚୀନ୍ ଏବଂ ରୁଷ ଉଭୟ ଏବେ ଭାରତ ପାଇଁ ସେମାନଙ୍କର ଅର୍ଥନୀତିକୁ ଆହୁରି ଖୋଲିଦେଉଛନ୍ତି, ବାଣିଜ୍ୟ ବୃଦ୍ଧି କରିବାରେ ଏବଂ ଆମେରିକାର ଶୁଳ୍କର ପ୍ରଭାବକୁ ହ୍ରାସ କରିବାରେ ସାହାଯ୍ୟ କରୁଛନ୍ତି । ଭାରତ ବାଣିଜ୍ୟରୁ ଲାଭ ପାଇବା ପାଇଁ ଚୀନ୍ ସହିତ ତାର ସମ୍ପର୍କ ଉନ୍ନତ କରୁଛି । ଏହି ସମ୍ମିଳନୀ ଶକ୍ତି, ଭିତ୍ତିଭୂମି ଏବଂ ପେମେଣ୍ଟ କ୍ଷେତ୍ରରେ ମଧ୍ୟ ବ୍ୟାପକ ସହଯୋଗକୁ ପ୍ରୋତ୍ସାହିତ କରେ ।

### ● ତିନୋଟି ଦେଶର ଜିଡିପି କେତେ ?

ରିପୋର୍ଟ ଅନୁଯାୟୀ, ଭାରତ, ଚୀନ୍ ଏବଂ ରୁଷ ମିଳିତ ଭାବରେ ବିଶ୍ୱ ଜିଡିପିରେ ୫୩.୯ ଟ୍ରିଲିୟନ ଡଲାର ଯୋଗଦାନ କରନ୍ତି, ଯାହା ବିଶ୍ୱର ମୋଟ ଉତ୍ପାଦନର ପ୍ରାୟ ଏକ ତୃତୀୟାଂଶ । ସେମାନଙ୍କର ରପ୍ତାନି ୫ ଟ୍ରିଲିୟନ ଡଲାରରୁ ଅଧିକ । ସେମାନଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ୪.୭ ଟ୍ରିଲିୟନ ଡଲାର, ଯାହା ବିଶ୍ୱର ମୋଟ ମୁଦ୍ରା ଭଣ୍ଡାରର ୩୮% । ଏହି ତିନି ରାଷ୍ଟ୍ରଙ୍କ ମିଳିତ ଜନସଂଖ୍ୟା ୩.୧ ବିଲିୟନ, ଯାହା ବିଶ୍ୱର ମୋଟ ଜନସଂଖ୍ୟାର ପ୍ରାୟ ୩୮% । ତିନୋଟି ଦେଶର ମିଳିତ ସାମରିକ ଖର୍ଚ୍ଚ ୫୪୯ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ବିଶ୍ୱର ପ୍ରତିରକ୍ଷା ବଜେଟର ଏକ ପଞ୍ଚମାଂଶ । ଏହି ତିନି ଦେଶ ବିଶ୍ୱର ୩୫% ଶକ୍ତି ବ୍ୟବହାର କରନ୍ତି । ପ୍ରତ୍ୟେକ ଦେଶର ନିଜସ୍ୱ ଶକ୍ତି ଅଛି । ଯଦି ଏହି ତିନୋଟି ଦେଶ ଏକତ୍ରିତ ହୁଅନ୍ତି, ତେବେ ଏହା ପଶ୍ଚିମ ଦ୍ୱାରା ପ୍ରାଧାନ୍ୟିତ ଏକ ଧ୍ରୁବୀୟ ବିଶ୍ୱରୁ ଏକ ବହୁଧ୍ରୁବୀୟ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିପାରିବ । ଏହି ବ୍ୟବସ୍ଥାରେ, ୟୁରେସିଆନ୍ ବାଣିଜ୍ୟ କରିଡର ଏବଂ ସ୍ଥାନୀୟ ମୁଦ୍ରା ଆମେରିକୀୟ ଡଲାରର ପ୍ରାଧାନ୍ୟକୁ ଚ୍ୟାଲେଞ୍ଜ କରିବ ।

### ● ଭାରତ ପାଇଁ ଆମେରିକା କେତେ ଗୁରୁତ୍ୱପୂର୍ଣ୍ଣ?

କିନ୍ତୁ ଆମେରିକା ଏବେ ବି ଅପରିବର୍ତ୍ତନୀୟ । ଆର୍ଥିକ ଦୃଷ୍ଟିରୁ, ଆମେରିକା ଭାରତର ସର୍ବବୃହତ ରପ୍ତାନି ବଜାର । ବ୍ୟାଙ୍କ ଅଫ୍ ବରୋଦାର ରିପୋର୍ଟ ଅନୁଯାୟୀ, ଆମେରିକାର ଗ୍ରାହକମାନେ ୨୦୨୪ରେ ୭୭.୫ ବିଲିୟନ ଡଲାର ମୂଲ୍ୟର ଭାରତୀୟ ସାମଗ୍ରୀ କିଣିଥିଲେ । ଯୁକ୍ତରାଷ୍ଟ୍ର ବାଣିଜ୍ୟ ପ୍ରତିନିଧି (ୟୁଏସ୍‌ଟିଆର୍) ରୁ ମିଳିଥିବା ତଥ୍ୟ ଦର୍ଶାଉଛି ଯେ ୨୦୨୪ରେ ସାମଗ୍ରୀ ଏବଂ ସେବା କ୍ଷେତ୍ରରେ ଆମେରିକା-ଭାରତ ମୋଟ ବାଣିଜ୍ୟ ଆନୁମାନିକ ୨୧୨.୩ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ୨୦୨୩ ତୁଳନାରେ ୮.୩ ପ୍ରତିଶତ (୧୬.୩ ବିଲିୟନ ଡଲାର) ଅଧିକ ।

### ● ଭାରତ ପାଇଁ ଏହି ମେଣ୍ଟ କେତେ ଭଲ ?

ଭାରତ ପାଇଁ, ରୁଷ ଏବଂ ଚୀନ୍ ସହିତ ଏକାଠି ହେବା ଉଭୟ ସୁବିଧା ଏବଂ ଅସୁବିଧାର ଏକ ଚୁକ୍ତି । ଏହା ଆମେରିକାର ଚାପ ବିରୁଦ୍ଧରେ ଏକ ମଞ୍ଚ ପ୍ରଦାନ କରେ, କିନ୍ତୁ ଏହା ସହିତ ଅନେକ ବିପଦ ଜଡିତ । ଚୀନ୍ ସହିତ ବିଶ୍ୱାସର ଅଭାବ ଏବଂ ପାକିସ୍ତାନ ସହିତ ଜଡିତ ସୁରକ୍ଷା ଚିନ୍ତା ଏହାକୁ ଅଧିକ କଷ୍ଟକର କରିଦେଇଛି । ଏତାଛଡା ଆମେରିକା ଉପରେ ଭାରତର ନିର୍ଭରଶୀଳତା ମଧ୍ୟ ଏକ ବଡ଼ କାରଣ ।

### ଉଚ୍ଚ ଟାରିଫ୍‌କୁ ଆମେରିକୀୟ ସାମ୍ବାଦିକଙ୍କ ସମାଲୋଚନା

# 'ଭାରତ ସହ ସ୍କୁଲ ପିଲାଙ୍କ ପରି ବ୍ୟବହାର କରୁଛନ୍ତି ଟ୍ରମ୍ପ୍'

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି): ରୁଷରୁ ତେଲ କିଣିବାକୁ ନେଇ ଭାରତ ଉପରେ ଶୁଳ୍କ ଲଗାଇବା ଟ୍ରମ୍ପ୍ ପ୍ରଶାସନର ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି ଆମେରିକୀୟ ସାମ୍ବାଦିକ ରିକ୍ ସାଞ୍ଚେଜ୍ । କେବଳ ରୁଷଠାରୁ ତେଲ କିଣିବା ନେଇ ରୁଷ୍ ଠାରୁ ଅଶୋଧିତ ତୈଳ କ୍ରୟ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ୨୫% ଅତିରିକ୍ତ ଶୁଳ୍କ ଲଗାଇବା ପଦକ୍ଷେପ ଏକ ଅପମାନଜନକ ଏବଂ ଅଜ୍ଞତାପୂର୍ଣ୍ଣ ନୀତିକୁ ଦର୍ଶାଉଛି । 'ଏହା ଏକ ଅତ୍ୟନ୍ତ ଅହଂକାରୀ ନୀତି । ଟ୍ରମ୍ପ ପ୍ରଶାସନ ଭାରତକୁ ସ୍କୁଲ ପିଲା ପରି ବ୍ୟବହାର କରୁଛି । କିନ୍ତୁ ଭାରତ ସ୍କୁଲ ପିଲା ନୁହେଁ ବରଂ ଏକ ବଡ଼ ଶକ୍ତି । ଭାରତର ଏକ ଇତିହାସ ଅଛି, ଏହାର ସମ୍ବଳ ଏବଂ ବହୁତ କ୍ଷମତା ଅଛି । ଭାରତ ବିଶ୍ୱ ପାଇଁ ଯାହା କରିଛି ତାହା ବହୁତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱ ଇତିହାସରେ ଭାରତର ଅବଦାନ ୟୁରୋପ ଏବଂ ମେସୋପୋଟାମିଆ ଠାରୁ କମ୍ ନୁହେଁ । କିନ୍ତୁ ଯେତେବେଳେ ଆପଣ ଏହାକୁ ସ୍କୁଲ ପିଲା ବୋଲି ବିବେଚନା କରନ୍ତି, ଭାରତ ଆମେରିକାକୁ କୁହେ ଯେ ଆପଣ ଆମକୁ କ'ଣ କରିବାକୁ ହେବ ତାହା କହିବେ ନାହିଁ । ଏହା ଏକ ପରିବର୍ତ୍ତନକାରୀ ସମୟ । ଯେତେବେଳେ ଇତିହାସକାରମାନେ ପଛକୁ ଫେରି ଚାହିଁବେ, ଏହା ସେହି ମୁହୂର୍ତ୍ତ ହେବ ଯେତେବେଳେ ବିଶ୍ୱର ମହାଶକ୍ତି ଆମେରିକାର ପ୍ରାଧାନ୍ୟ ହ୍ରାସ ପାଇବା ଆରମ୍ଭ କରିବ । ବର୍ତ୍ତମାନ ବିଶ୍ୱ ଶକ୍ତି ଦକ୍ଷିଣ ଆଡକୁ ଗତି କରୁଛି, ଯେଉଁଥିରେ ଭାରତ, ଚୀନ୍, ରୁଷ, ଦକ୍ଷିଣ ଆଫ୍ରିକା ଏବଂ ବ୍ରାଜିଲ୍ ଭଳି ଦେଶ ଅନ୍ତର୍ଭୁକ୍ତ ବୋଲି ସାଞ୍ଚେଜ୍ କହିଛନ୍ତି ।

ସାଞ୍ଚେଜ୍ କହିଛନ୍ତି ଯେ 'ଗ୍ଲୋବାଲ୍ ସାଉଥ୍ ବିଷୟରେ ମୋ ଦେଶର ବୁଝାମଣା ବହୁତ ସୀମିତ । ସେମାନେ ଭାରତର ଇତିହାସ, ଭାରତ-ଚୀନ୍ ସମ୍ପର୍କ ଏବଂ ରୁଷ-ୟୁକ୍ରେନ ସମ୍ପର୍କ ବିଷୟରେ କିଛି ଜାଣନ୍ତି ନାହିଁ । ସେଥିପାଇଁ ସେମାନେ ମୂର୍ଖତାପୂର୍ଣ୍ଣ ବୟାନ ଦିଅନ୍ତି । ଯେତେବେଳେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରୋ ୟୁକ୍ରେନ୍ ଯୁଦ୍ଧକୁ ମୋଦିଙ୍କ ଯୁଦ୍ଧ ବୋଲି କହିଥିଲେ, ସେ କହିଥିଲେ ଯେ 'ତାଙ୍କ ବକ୍ତବ୍ୟକୁ କେବଳ ହସିହେବ । ସେ ଜଣେ ବହୁତ ବୁଦ୍ଧିମାନ ବ୍ୟକ୍ତି ନୁହଁନ୍ତି କିମ୍ବା ସେ ଜଣେ ମହାନ ଚିନ୍ତାନାୟକ ନୁହଁନ୍ତି । ନବ-ରକ୍ଷଣଶୀଳ, ଅସ୍ତ୍ରଶସ୍ତ୍ର ଶିଳ୍ପ ସହିତ ଜଡିତ ଲୋକମାନେ ଟ୍ରମ୍ପଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ କୌଣସି ସ୍ଥାନରେ ଟ୍ରମ୍ପ ଅନୁଭବ କରିଛନ୍ତି ଯେ ସେ ଏକ ଭୁଲ ମୋଡ଼ ନେଇଛନ୍ତି ଏବଂ ସେଥିପାଇଁ ଟ୍ରମ୍ପ ଏବେ ଗ୍ଲୋବାଲ୍ ସାଉଥ୍ ଏବଂ ୟୁରୋପୀୟ ୟୁନିଅନକୁ ସମାନ ଗୁରୁତ୍ୱ ଦେଉଛନ୍ତି ଏବଂ ଏକ ସନ୍ତୁଳନ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ।

# ଅନୁଗୋଳରେ ଖୋଲିଲା ଖିମ୍‌ଜୀ ଜୁଏଲର୍ସର ନୂଆ ଶୋ' ରୁମ୍



ଅନୁଗୋଳ,୩୧।୮ (ସମିସ)

ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଅନୁଗୋଳ ସହରରେ ୬୦୦୦ ବର୍ଗଫୁଟ୍‌ର ଅଳଙ୍କାର ଶୋ' ରୁମ୍ ରବିବାର ଶଙ୍କର ସିନେମା ରୋଡ଼ଠାରେ ଖୋଲିଛି । ଏହି ଶୋ'ରୁମ୍ ଅନୁଗୋଳର ସବୁଠାରୁ ବଡ଼ ଅଳଙ୍କାର ଶୋ'ରୁମ ତଥା ରାଜ୍ୟରେ ୧୦ମ ଖିମ୍‌ଜୀ ଶୋ'ରୁମ୍ ବୋଲି ସୂଚନା ଦିଆଯାଇଛି । ଏଠାରେ ସୁନା, ହୀରା, ପ୍ଲାଟିନମ୍ ଏବଂ ରୂପା ଅଳଙ୍କାରର ବ୍ୟାପକ ସଂଗ୍ରହ ସହ ଫ୍ୟାଶନ ଜୁଏଲାରୀ ଏବଂ କର୍ପୋରେଟ୍ ଉପହାରର ବ୍ୟାପକ ସମ୍ଭାର ଉପଲବ୍ଧ । ଉଦ୍‌ଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ସୁମିତ୍ ଖିମ୍‌ଜୀ, ପରିବାରର ସଦସ୍ୟଙ୍କ ସହିତ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବିଶେଷ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ଶୋ ରୁମ୍‌କୁ ଉଦ୍‌ଘାଟନ କରିଥିଲେ । ସୁନା ଅଳଙ୍କାର ଗଢ଼ା ମଜୁରି ଉପରେ ଅଫର ୫୦% ରିଆତି, ହୀରାରେ ୨୦% ପର୍ଯ୍ୟନ୍ତ ରିଆତି, ରୁପା ସାମଗ୍ରୀ ଗଢ଼ା ମଜୁରିରେ ୨୫% ରିଆତି, ରୁପା ଏବଂ ଫେସନ ଜୁଏଲାରି ମୂଲ୍ୟରେ ୧୫% ରିଆତି ଓ କଳାକୃତି ଉପରେ ୧୦% ରିଆତି ରହିଥିବା ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ପ୍ରକାଶ କରିଛନ୍ତି । ଖିମ୍‌ଜୀରେ ଲାଟେଷ୍ଟ ଭେରାଇଟିର କଲେକ୍ସନ ମିଳିଥାଏ । ଏଥିପାଇଁ ଗ୍ରାହକଙ୍କୁ ଭୁବନେଶ୍ୱର ଯିବାକୁ ପଡିଥାଏ । ଅନୁଗୋଳ ସହରରେ ଏହି ନୂତନ ଶୋ ରୁମ ଗ୍ରାହକ ଚାହିଦା ପୂରଣ କରିପାରିବ ବୋଲି ଆଜି ପ୍ରଥମ ଦିନରେ ଗ୍ରାହକମାନେ ଆଶାବାଦୀ ଥିବା ଜଣାପଡିଛି ।

### ଟାରିଫ୍ ଟେନ୍‌ସନ୍‌ରେ ଭାରତର ବଡ଼ ନିଷ୍ପତ୍ତି

# ଆମେରିକାକୁ ସବୁ ଡାକ ସେବା ବନ୍ଦ

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି)

ଆମେରିକାର ନୂତନ ସୀମା ଶୁଳ୍କ ନିୟମରେ ଅସ୍ପଷ୍ଟତା ଯୋଗୁଁ, ଇଣ୍ଡିଆ ପୋଷ୍ଟ ଆମେରିକାକୁ ଯାଉଥିବା ସମସ୍ତ ଡାକ ସେବାର ବୁକିଂ ଅସ୍ଥାୟୀ ଭାବରେ ବନ୍ଦ କରିଦେଇଛି । ଡାକ ବିଭାଗ ରବିବାର ଏକ ସରକାରୀ ବିବୃତ୍ତି ଜାରି କରି କହିଛି ଯେ ଏବେ ଆମେରିକାକୁ ଚିଠି, ଡକ୍ୟୁମେଣ୍ଟ କିମ୍ବା ଉପହାର ସାମଗ୍ରୀ ପଠାଯାଇପାରିବନାହିଁ । ପୂର୍ବରୁ, ଇଣ୍ଡିଆ ପୋଷ୍ଟ କେବଳ ୧୦୦ ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟର ଉପହାର ସାମଗ୍ରୀ ବୁକିଂ ଉପରେ ପ୍ରତିବନ୍ଧକ ଲଗାଇଥିଲା । କିନ୍ତୁ ବର୍ତ୍ତମାନ ପରିସ୍ଥିତି ଅଧିକ ଗମ୍ଭୀର ହୋଇଯାଇଛି କାରଣ ଆମେରିକାର ସୀମା ଶୁଳ୍କ ବିଭାଗର ନୂତନ ପ୍ରକ୍ରିୟା ସମ୍ପର୍କରେ ସ୍ପଷ୍ଟ ନିୟମ ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ । ଏହି କାରଣରୁ ବିମାନ କମ୍ପାନୀଗୁଡ଼ିକ ମଧ୍ୟ ଆମେରିକାକୁ ପାର୍ସଲ ନେବାକୁ ପ୍ରସ୍ତୁତ ନୁହଁନ୍ତି ।




ଇଣ୍ଡିଆ ପୋଷ୍ଟ ତା'ର ବିବୃତ୍ତିରେ କହିଛି ଯେ ଅଗଷ୍ଟ ୨୨ରେ ଜାରି କରାଯାଇଥିବା ନୋଟିସ୍‌ର ସମୀକ୍ଷା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଯେହେତୁ ଆମେରିକାକୁ ଯାଉଥିବା ଡାକ ପରିବହନରେ ନିରନ୍ତର ସମସ୍ୟା ରହିଛି ଏବଂ ନିୟମ ସ୍ପଷ୍ଟ ନୁହେଁ, ବର୍ତ୍ତମାନ ପାଇଁ ସମସ୍ତ ବର୍ଗର ଡାକ ସେବା ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଆଯାଇଛି । ଡାକ ବିଭାଗ ଗ୍ରାହକମାନଙ୍କୁ ଆଶ୍ୱାସନା ଦେଇଛି ଯେ ଯେଉଁମାନଙ୍କର ସାମଗ୍ରୀ ବୁକ୍ କରାଯାଇଛି କିନ୍ତୁ ପଠାଯାଇପାରିଲା ନାହିଁ, ସେମାନଙ୍କୁ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ । ବିଭାଗ କହିଛି ଯେ ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ସମସ୍ୟାର ସମାଧାନ ହେବା ମାତ୍ରେ ସେବା ପୁନର୍ବାର ଆରମ୍ଭ କରାଯିବ ।

ସୂଚନାଯୋଗ୍ୟ ଯେ ଜୁଲାଇ ୩୦ରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଏକ କାର୍ଯ୍ୟକାରୀ ନିର୍ଦ୍ଦେଶ ଅନୁଯାୟୀ, ଅଗଷ୍ଟ ୨୯ରୁ ୧୦୦ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ ଆମେରିକାରେ ସୀମା ଶୁଳ୍କ ବାଧ୍ୟତାମୂଳକ କରାଯାଇଥିଲା । ଏହାସହିତ, ବାହକ ଏବଂ ଯୋଗ୍ୟ ପକ୍ଷମାନଙ୍କୁ ଶୁଳ୍କ ସଂଗ୍ରହ କରି ଆମେରିକା କଷ୍ଟମ ବିଭାଗରେ ଜମା କରିବାକୁ ଦାୟିତ୍ୱ ଦିଆଯାଇଥିଲା । ଅଗଷ୍ଟ ୧୫ରେ ଆମେରିକାର ସୀମା ଏବଂ ସୀମା ସୁରକ୍ଷା ବିଭାଗ ଏ ବିଷୟରେ କିଛି ନିର୍ଦ୍ଦେଶାବଳୀ ଜାରି କରିଥିଲା । ଏଥିରେ ଯୋଗ୍ୟ ପକ୍ଷଙ୍କ ନିଯୁକ୍ତି ଏବଂ ଡ୍ୟୁଟି ସଂଗ୍ରହ ପାଇଁ ବୈଷୟିକ ବ୍ୟବସ୍ଥା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟା ସ୍ପଷ୍ଟ କରାଯାଇ ନ ଥିଲା । ଏହି କାରଣରୁ ଏୟାରଲାଇନ୍ସ ଅଗଷ୍ଟ ୨୫ ରୁ ପାର୍ସଲ ନେବାକୁ ମନା କରିଦେଇଥିଲା ।

**ସପ୍ତାହକରେ ସୁନା ୩୩୦୦ ଟଙ୍କା ମହଙ୍ଗା**

# ଭୁବନେଶ୍ୱରରେ ତନିସ୍କର ପ୍ରାକୃତିକ ହୀରାର ସ୍ୱତନ୍ତ୍ର ପ୍ରଦର୍ଶନୀ




ଭୁବନେଶ୍ୱର,୩୧।୮: ଗହଣା ରିଟେଲ୍ ବ୍ରାଣ୍ଡ ତନିସ୍କ ପକ୍ଷରୁ ଭୁବନେଶ୍ୱରରେ ଏହାର ସର୍ବୋତ୍ତମ ପ୍ରାକୃତିକ ହୀରା ସମ୍ଭାରର ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଅଗଷ୍ଟ ୩୧ରେ ଭୁବନେଶ୍ୱରସ୍ଥିତ ମେ' ଫେୟାର ଲାଗୁନ୍ କନଭେସନ ସେଣ୍ଟରରେ ଆୟୋଜିତ ଏହି ପ୍ରଦର୍ଶନୀ ଗ୍ରାହକଙ୍କୁ ଅସାଧାରଣ କାରିଗରୀ ଏବଂ କାଳଜୟୀ ଡିଜାଇନ୍ ସହିତ ପ୍ରାକୃତିକ ହୀରା ଜଗତର ଏକ ନିବିଡ଼ ଯାତ୍ରାକୁ ନେଇଯାଇଥିଲା । ଅନନ୍ୟ କାରିଗରୀର ପ୍ରଦର୍ଶନ ସହିତ ଏହି ଅବସରରେ ଏକ ବ୍ୟାପକ ହୀରା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଥିରେ ଲାଇଟ୍ ସ୍କୋପ୍ ଏବଂ ସିନ୍ଥ ଡିଟେକ୍ଟର ଭଳି ହାଇଟେକ୍ ହୀରା ମାନ ଚିହ୍ନଟ ମେଶିନଗୁଡ଼ିକୁ ବ୍ୟବହାର କରାଯାଇଥିଲା । ଏହି ମେଶିନ୍‌ଗୁଡ଼ିକ ଡିବିୟର୍ସ ସହଯୋଗିତାରେ ବିକଶିତ ହୋଇଛି । ଲାଇଟ ହୋପ ଏକ ହୀରାର ଲାଇଟ୍ ପ୍ରଦର୍ଶନକୁ ମାପିଥାଏ । ଅନ୍ୟପକ୍ଷରେ, ସିନ୍ଥ ଡିଟେକ୍ଟର କୃତ୍ରିମ ବିକଳ୍ପଗୁଡ଼ିକରୁ ପ୍ରାକୃତିକ ହୀରାକୁ ପୃଥକ କରିଥାଏ । ଏହା ମାଧ୍ୟମରେ ସମସ୍ତ ଗ୍ରାହକ ବ୍ୟକ୍ତିଗତ ଭାବେ ପ୍ରାକୃତିକ ହୀରାର ପ୍ରାମାଣିକତା ଏବଂ ଗୁଣବତ୍ତାକୁ ଅନୁଭବ ଓ ପରଖିପାରିବେ ବୋଲି ଏହି ଅବସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ତନିସ୍କର ସର୍କଲ ବିଜ୍‌ନେସ୍ ମ୍ୟାନେଜର(ଓଡ଼ିଶା ଏବଂ ଉତ୍ତର-ପୂର୍ବାଞ୍ଚଳ) ଅରିନ୍ଦମ ପ୍ରାମାଣିକ କହିଛନ୍ତି । ଏଥିରେ ବିଜ୍‌ନେସ୍ ଆସୋସିଏଟ୍ସ ଯୋଗେନ୍ଦ୍ର ହଂସ କହିଲେ, ଏହି ପ୍ରଦର୍ଶନୀ ଅନନ୍ୟ କାରିଗରୀ, ନବସୃଜନ ଏବଂ କାଳଜୟୀ ଡିଜାଇନ୍‌ର ପ୍ରକୃତ ସେଲିବ୍ରେଶନ୍ । ଭୁବନେଶ୍ୱର ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ଏବଂ ଆମର ବହୁ ମୂଲ୍ୟବାନ ଗ୍ରାହକଙ୍କଠାରୁ ଏତେ ମାତ୍ରାରେ ରେସ୍‌ପନ୍ସ ପାଇ ଆମେ ଅତ୍ୟନ୍ତ ଉତ୍ସାହିତ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏବିଏମ୍ କୌଶିକ୍ ବାନାର୍ଜୀ ଉପସ୍ଥିତ ଥିଲେ ।

### କଳା ଟଙ୍କା ଆଇନରେ ବଡ଼ ସଂଶୋଧନ

# ଚାଲିବନି ମାମଲା, ଲାଗିବନି ଜୋରିମାନା

ନୂଆଦିଲ୍ଲୀ,୩୧।୮ (ଏଜେନ୍ସି)

ଏଣିକି କଳାଧନ ରଖୁଥିବା ଲୋକଙ୍କ ଉପରେ କୌଣସି ଦଣ୍ଡବିଧାନ ହେବ ନାହିଁ । ଏପରିକି ସେମାନଙ୍କ ବିରୁଦ୍ଧରେ କୌଣସି ପ୍ରକାରର ମାମଲା ରୁଜୁ କରାଯିବନାହିଁ ।




### ସରକାର ବଦଳାଇଲେ ନିୟମ

କାରଣ କେନ୍ଦ୍ର ସରକାର କଳାଧନ ସହିତ ଜଡିତ କିଛି ନିୟମ ପରିବର୍ତ୍ତନ କରିଛନ୍ତି । ତଥାପି, ଏହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ । କିଛି ସର୍ତ୍ତ ସହ ସରକାର 'କଳାଧନ' ରଖିବା ପାଇଁ କେତେକାଂଶରେ ଛାଡ ଦେଇଛନ୍ତି ।

କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) କଳା ଟଙ୍କା ଆଇନ୍, ୨୦୧୫ ସହିତ ଜଡିତ ଏହାର ନିୟମରେ କିଛି ପରିବର୍ତ୍ତନ କରିଛି । ଏହି ପରିବର୍ତ୍ତନ ଅଗଷ୍ଟ ୧୮ରେ ଏକ ଆଭ୍ୟନ୍ତରୀଣ ନିର୍ଦ୍ଦେନାମାଶରେ କରାଯାଇଛି । ନୂତନ ନିୟମଅନୁଯାୟୀ, ଧାରା ୪୯/୫୦ ଅନୁଯାୟୀ ମାମଲା ରୁଜୁ କରାଯିବନାହିଁ । ଏହା ସେହି କ୍ଷେତ୍ରରେ ଲାଗୁ ହେବ ଯେଉଁଠାରେ ଧାରା ୪୨/୪୩ ଅନୁଯାୟୀ ଦଣ୍ଡ ଲାଗୁ କରାଯାଇ ନାହିଁ କିମ୍ବା 'ଲାଗୁ କରାଯାଇପାରେ' । ଏହି ପରିବର୍ତ୍ତନ ୨୦୨୪ ଅକ୍ଟୋବର ପହିଲାରୁ କାର୍ଯ୍ୟକାରୀ ହୋଇଛି । ପୂର୍ବରୁ, ଯଦି କାହାର ବିଦେଶରେ ଏକ ବ୍ୟାଙ୍କ ଆକାଉଣ୍ଟ ଥାଏ ଏବଂ ସେଥିରେ ଥିବା ଜମା ରାଶି ୫ ଲକ୍ଷ ଟଙ୍କାରୁ କମ୍ ଥାଏ, ତେବେ ସେ ବିଷୟରେ ସୂଚନା ନ ଦେବା ପାଇଁ ତାଙ୍କୁ ଜରିମାନା କରାଯାଉ ନ ଥିଲା । କିନ୍ତୁ, ବର୍ତ୍ତମାନ ଏହି ନିୟମ ପରିବର୍ତ୍ତନ ହୋଇଛି । ଏବେ, ଯଦି ଆପଣଙ୍କର ବିଦେଶରେ କୌଣସି ଚଳନ୍ତି ସମ୍ପତ୍ତି (ଯେପରିକି ଏକ ବ୍ୟାଙ୍କ ଆକାଉଣ୍ଟ, ସେୟାର କିମ୍ବା ଅନ୍ୟ କିଛି) ଅଛି ଏବଂ ଏହାର ମୂଲ୍ୟ ୨୦ଲକ୍ଷ ଟଙ୍କାରୁ କମ୍, ତେବେ ଆପଣଙ୍କୁ ଏହା ବିଷୟରେ ଚିନ୍ତା କରିବାକୁ ପଡ଼ିବନାହିଁ । ଯଦି ଆପଣ ଆୟକର ବିଭାଗକୁ ସୂଚନା ନ ଦିଅନ୍ତି, ତେବେ ଆପଣଙ୍କୁ ଧାରା ୪୨ ଏବଂ ୪୩ଅନୁଯାୟୀ ଜରିମାନା ଦେବାକୁ ପଡ଼ିବନାହିଁ । ଏହା ସହିତ, ଆପଣଙ୍କ ବିରୁଦ୍ଧରେ ଧାରା ୪୯ ଏବଂ ୫୦ ଅନୁଯାୟୀ ମାମଲା ମଧ୍ୟ ରୁଜୁ ହେବନାହିଁ । ଏହି ନିୟମ ବିଦେଶରେ କମ୍ ମୂଲ୍ୟର ସମ୍ପତ୍ତି ଥିବା ଲୋକଙ୍କ ପାଇଁ ବହୁତ ଲାଭଦାୟକ । ଏହା ସେମାନଙ୍କୁ ଅଯଥା ହଇରାଣରୁ ରକ୍ଷା କରିବ । ଏହି ନିୟମ ଅସ୍ଥାବର ସମ୍ପତ୍ତି (ଯେପରିକି ଜମି କିମ୍ବା ଘର) ପାଇଁ ପ୍ରଯୁଜ୍ୟ ହେବନାହିଁ ।

ଆୟକର ବିଭାଗ ନିୟମରେ ଏହି ପରିବର୍ତ୍ତନ କରିଛି, ଯାହା ଦ୍ୱାରା ଛୋଟ ମାମଲା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ବଡ଼ ମାମଲା ଉପରେ ଧ୍ୟାନ ଦିଆଯାଇପାରିବ । ଏହାସହିତ, ଏହି ସଂଶୋଧନର ଉଦ୍ଦେଶ୍ୟ ହେଉଛି ସେହି ବ୍ୟକ୍ତିମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଯେଉଁମାନେ ଅସାବଧାନତାବଶତଃ ଛୋଟ ବିଦେଶୀ ସମ୍ପତ୍ତି ପ୍ରକାଶ କରିବାରେ ବିଫଳ ହୋଇଛନ୍ତି । ଏପରି ପରିସ୍ଥିତିରେ, ଏବେ କୌଣସି ବର୍ଷରେ ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଅଘୋଷିତ ବିଦେଶୀ ସ୍ଥାବର ସମ୍ପତ୍ତି (ଯେପରିକି ବ୍ୟାଙ୍କ ଆକାଉଣ୍ଟ, ସେୟାର କିମ୍ବା ସିକ୍ୟୁରିଟି) ଧାରକଙ୍କୁ ଜରିମାନା କରାଯିବନାହିଁ କିମ୍ବା ସେମାନଙ୍କ ବିରୋଧରେ କୌଣସି ମାମଲା ଚଳାଯିବନାହିଁ ।

# ଟାଟା ଷ୍ଟିଲ୍ ଫାଉଣ୍ଡେସନ -ଓଡ଼ିଶା ସରକାର ଏମ୍‌ଓୟୁ

ଭୁବନେଶ୍ୱର, ୩୧।୮ (ସମିସ): ଅନୌପଚାରିକ ବସ୍ତିରେ ଅନ୍ତର୍ଭୁକ୍ତୀକରଣ ଓ ବାସୋପଯୋଗୀ ସହରାଞ୍ଚଳ ବସତି ସ୍ଥାପନ ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ (ଏଚଆଣ୍ଡୟୁଡିଡି) ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ସାର୍ବଜନୀନ ଅଧିକାରକୁ ସୁନିଶ୍ଚିତ କରିବା ଏବଂ ଅନ୍ତର୍ଭୁକ୍ତୀକରଣ ସମାଜ ବିକାଶ ପାଇଁ ବ୍ୟାପକ ମଡେଲ ଗଠନ କରି ସହରାଞ୍ଚଳ ଅସମାନତା ହ୍ରାସ କରିବା ଉଦ୍ଦେଶ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ରେଳ ଅଡିଟୋରିଅମରେ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ, ମ୍ୟୁନିସିପାଲିଟି ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଏବଂ ଅନ୍ୟାନ୍ୟ ବରିଷ୍ଠ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ । ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟ ବୁଝଣାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ଶ୍ରୀ ରାୟ କହିଛନ୍ତି, ଟାଟା ଷ୍ଟିଲ ଫାଉଣ୍ଡେସନ୍ ରାଜ୍ୟବ୍ୟାପୀ ଜନବସତି ଉପରେ ରୂପାନ୍ତରିତ ପ୍ରଭାବ ଆଣିବା ପାଇଁ ଓଡ଼ିଶା ସରକାରଙ୍କ ସହିତ ଲଗାତାର କାର୍ଯ୍ୟ କରୁଛି । ଆଜିର ଏହି ଏମଓୟୁ ଏ ଦିଗରେ ଆଉ ଏକ ନୂଆ ପଦକ୍ଷେପ ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୯୪୨- ଇଣ୍ଡିଆନ ନେସନାଲ ଆର୍ମି ଗଠନ ହେଲା।
- ୧୯୫୬- ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ସ୍ଥାପନା।
- ୧୯୭୪- ଇଣ୍ଡିଆନ୍ ଅଏଲ୍ ରିଫାଇନାରି ଓ ଇଣ୍ଡିଆନ୍ ଅଏଲ୍ କମ୍ପାନିକୁ ମିଶାଇ ଦିଆଯାଇ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ କରିଦିଆଗଲା।
- ୧୯୯୭- ପରିବେଶବିତ୍ ଏମ୍.ସି ମେହେତାଙ୍କୁ ରମଣ ମାଗାସେସ୍ ପୁରସ୍କାର ଦିଆଗଲା।

## ତାନ୍ତ୍ରିକ ଭୂମିକାରେ ଶିଳ୍ପା



ଖୁବ୍ ଶୀଘ୍ର ସୁପର୍ ନାଚ୍ୟୁରାଲ ଥ୍ରିଲର୍ ଫିଲ୍ମ 'ଜଟାଧାରା' ରିଲିଜ୍ ହେବାକୁ ଯାଉଛି। ଏଥିରେ ସୋନାକ୍ଷୀ ସିହ୍ନା ଓ ସୁଧୀର ବାବୁ ମୁଖ୍ୟ ଚରିତ୍ରରେ ନଜର ଆସିବେ। ନିକଟରେ ଏହାର ଟିଜର୍ ଜାରି କରାଯାଇଥିଲା। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏବେ ଏହି ଫିଲ୍ମର ଅନ୍ୟ ଜଣେ ଅଭିନେତ୍ରୀଙ୍କ ଲୁକ୍‌କୁ ସେୟାର୍ କରାଯାଇଛି। ଫିଲ୍ମରେ ଶିଳ୍ପା ଶିରୋଦକର ମଧ୍ୟ ନଜର ଆସିବେ। ଶିଳ୍ପାଙ୍କୁ ତାନ୍ତ୍ରିକ ଭୂମିକାରେ ଦେଖିବାକୁ ମିଳିବ। ପୋଷ୍ଟର୍‌ରେ ଶିଳ୍ପା ଯଜ୍ଞକୁଣ୍ଡ ସମ୍ମୁଖରେ କଳା ରଙ୍ଗର ଶାଢ଼ି ପିନ୍ଧି ତନ୍ତ୍ର ମନ୍ତ୍ର କରୁଥିବାର ଦେଖାଯାଇଛନ୍ତି। ତାଙ୍କ ପଛରେ ଅନେକଗୁଡ଼ିଏ ଦୀପ ରହିଛି। ଏଥିରେ ତାଙ୍କ ଚରିତ୍ରର ନାମ ଶୋଭା ରହିଛି। ତେବେ ଶିଳ୍ପାଙ୍କ ଏହି ଲୁକ୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ଏଯାଏଁ ଫିଲ୍ମର ରିଲିଜ୍ ଡେଟ୍ ଘୋଷଣା କରାଯାଇ ନାହିଁ। ପ୍ରେରଣା ଅରୋରା ଓ ଜି ଷ୍ଟୁଡିଓ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। ଭେଙ୍କଟ କଲ୍ୟାଣ ଓ ଅଭିଷେକ ଜୟସୱାଲ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



## ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡି କ୍ଷତିକାରକ



ଶରୀରକୁ ସୁସ୍ଥ ରଖିବା ପାଇଁ ଅନ୍ୟ ଭିଟାମିନ୍ ଭଳି ଭିଟାମିନ୍ ଡି ମଧ୍ୟ ଖୁବ୍ ଜରୁରି। ହେଲେ ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡି ଶରୀର ପାଇଁ କ୍ଷତିକାରକ। ୨୦୨୪ ମସିହାରେ ଆବଶ୍ୟକତାଠୁ ଅଧିକ ଭିଟାମିନ୍ ଡିର ସେବନ ଯୋଗୁଁ ବ୍ରିଟେନର ୮୯ ବର୍ଷୀୟ ଜଣେ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଭିଟାମିନ୍ ଡି'ର ଓଭରଡୋଜ୍ ଯୋଗୁଁ ତାଙ୍କ ହାର୍ଟ ଏବଂ କିଡ୍‌ନୀ ଫେଲ୍ ହୋଇଯାଇଥିଲା ବୋଲି ସେତେବେଳେ ଡାକ୍ତର କହିଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ୧୯ରୁ ୭୦ ବର୍ଷୀୟ ବୟସ୍କ ବ୍ୟକ୍ତିବିଶେଷଙ୍କୁ ପ୍ରତିଦିନ ୧୫ ମାଇକ୍ରୋଗ୍ରାମ୍ ଏବଂ ୭୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ୨୦ ମାଇକ୍ରୋଗାମ୍ ଭିଟାମିନ୍ ଡି ସେବନ କରିବା ଉଚିତ। ସେହିପରି ଜଣେ ବୟସ୍କ ବ୍ୟକ୍ତି ଅତି ବେଶୀରେ ପ୍ରତିଦିନ ୧୦୦ ମାଇକ୍ରୋଗାମ୍ ଭିଟାମିନ୍ ଡି ନେଇପାରିବେ। ପ୍ରତିଦିନ ଏହାଠୁ ଅଧିକ ଭିଟାମିନ୍ ଡି ସେବନ କରିବା ବିଷ ତୁଲ୍ୟ ହୋଇଥାଏ। ତେବେ କ୍ଲିଭ୍‌ଲ୍ୟାଣ୍ଡ କ୍ଲିନିକ୍ ଅନୁସାରେ, କିଛି ଲୋକଙ୍କ ପାଇଁ ୧୦୦ ମାଇକ୍ରୋଗାମ୍ ଭିଟାମିନ୍ ଡି ବି କ୍ଷତିକାରକ ହୋଇପାରେ। ଭିଟାମିନ୍ ଡି ଶରୀରରେ ଅଧିକ ହେବା ଦ୍ୱାରା ରକ୍ତରେ କ୍ୟାଲସିୟମ୍ ସ୍ତର ବଢ଼ିଯାଏ। ପ୍ରାରମ୍ଭିକ ଲକ୍ଷଣ ଭାବେ ବାନ୍ତି, କୋଷ୍ଠକାଠିନ୍ୟ, ପେଟ ଯନ୍ତ୍ରଣା ଏବଂ ଭୋକ କମ୍ ଲାଗେ। ସେହିପରି ଏହି ସ୍ଥିତି ଅଧିକ ଉତ୍କଟ ହେଲେ ମଣିଷ ଚେତାଶୂନ୍ୟ ହେବା ଆଶଙ୍କା ରହିଛି। କେବଳ ସେତିକି ନୁହେଁ, କିଡ୍‌ନି ଜନିତ ସମସ୍ୟା, ମାଂସପେଶୀ ଯନ୍ତ୍ରଣା ଓ ଦୁର୍ବଳ ଲାଗିବା ଏବଂ ହୃଦ୍ ସ୍ପନ୍ଦନ ସହ ଜଡ଼ିତ ସମସ୍ୟା ମଧ୍ୟ ଦେଖା ଦେଇପାରେ। ତେବେ ଏହାର ଅତ୍ୟଧିକ ପ୍ରଭାବ ପ୍ରଥମେ କିଡ୍‌ନି ଉପରେ ପଡ଼ିଥାଏ। ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ଅନୁସାରେ, ଏହାଦ୍ୱାରା କିଡ୍‌ନିରେ ଷ୍ଟୋନ, କ୍ୟାଲସିୟମ ଜମିବା ଏବଂ ଅଚାନକ ଏହା ଖରାପ ହେବା ସମସ୍ୟା ଦେଖା ଦିଏ। ଏହାପରେ ଏହାର ଅଧିକ ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ଫଳରେ ହୃଦ୍‌ଘାତ ହେବା ଆଶଙ୍କା ଥାଏ। ଭିଟାମିନ୍ ଡି ସ୍ୱାସ୍ଥ୍ୟ ଲାଗି ଜରୁରି। ହେଲେ ସବୁବେଳେ ଠିକ୍ ମାତ୍ରାରେ ଏବଂ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଏହାକୁ ନେବା ଉଚିତ।

## ଆଠମାସ ପାଣିରେ ବୁଡ଼ିରୁହେ ମନ୍ଦିର

ଭାରତର କୋଣ ଅନୁକୋଣରେ ଅନେକ ମନ୍ଦିର ଅଛି। କିଛି ମନ୍ଦିର ତା'ର ସ୍ଥାପତ୍ୟ ଓ କଳାକୃତି ପାଇଁ ଜଣାଯାଉଥିବାବେଳେ ଆଉ କିଛି ତା'ର ରହସ୍ୟମୟ ଇତିହାସ ପାଇଁ ଚର୍ଚ୍ଚିତ। ଏହିକ୍ରମରେ ହିମାଚଳ ପ୍ରଦେଶରେ ଥିବା ବାଥୁ କି ଲଡ଼ି ଶୈବପୀଠ ବର୍ଷକୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଥାଏ। କେବଳ ଚାରି ମାସ ଶ୍ରଦ୍ଧାଳୁ ଭଗବାନଙ୍କୁ ଦର୍ଶନ କରିପାରନ୍ତି। ବାଥୁ କି ଲଡ଼ି ମନ୍ଦିର ପଞ୍ଜାବର ଜଳନ୍ଧରଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ମହାରାଣା ପ୍ରତାପ ସାଗର ହ୍ରଦର ଏକ ଟାପୁରେ ରହିଛି। ଏଠାରେ ମୁଖ୍ୟ ମନ୍ଦିର ବ୍ୟତୀତ ଆହୁରି ପାଞ୍ଚୋଟି ଛୋଟ ମନ୍ଦିର ଅଛି, ଯାହାକୁ ଦୂରରୁ ଦେଖିଲେ ଏକ ମାଳାରେ ଗୁନ୍ଥା ହୋଇଥିବା ପରି ମନେହୁଏ, ତେଣୁ ଏହି ମନ୍ଦିରକୁ ବାଥୁ କି ଲଡ଼ି (ମାଳା) କୁହାଯାଏ। ଏହି ମନ୍ଦିରର ସମ୍ପର୍କ ମହାଭାରତ କାଳରୁ ଥିବା କଥା ସ୍ଥାନୀୟ ଲୋକେ କୁହନ୍ତି। ସେହିଭଳି ଆଉ କିଛି ଲୋକ ସ୍ଥାନୀୟ ଅଞ୍ଚଳର ରାଜା ଏହାକୁ ନିର୍ମାଣ କରିଥିବା କଥା କୁହନ୍ତି। ଏହି ମନ୍ଦିର ଜୁଲାଇରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ପାଣି ଭିତରେ ବୁଡ଼ି ରୁହେ। ହ୍ରଦରୁ ପାଣି କମିବା ପରେ ମାର୍ଚ୍ଚରୁ ଜୁନ୍ ମାସ ଯାଏଁ ଏହା ଦୃଶ୍ୟମାନ ହୁଏ। ଏଠାରେ ଥିବା ଛଅଟି ମନ୍ଦିରରୁ ପାଞ୍ଚୋଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତ ହୋଇଥିବାବେଳେ ଗର୍ଭଗୃହରେ ଭଗବାନ ଶିବ ବିରାଜିତ। ଏହି ମନ୍ଦିରକୁ ଦର୍ଶନ କରିବା ପାଇଁ ଲୋକେ ଡଙ୍ଗାରେ ଯାଇଥାନ୍ତି। ଅନ୍ୟପଟେ ବାଥୁ ନାମକ ଶକ୍ତିଶାଳୀ ପଥରରୁ ଏହି ମନ୍ଦିର ନିର୍ମାଣ କରାଯାଇଥିବାରୁ ଆଠ ମାସ ପାଣି ଭିତରେ ବୁଡ଼ି ରହିଲେ ବି ଏହାର ସଂରଚନାରେ କୌଣସି ପରିବର୍ତ୍ତନ ଆସେ ନାହିଁ ବୋଲି କୁହାଯାଏ।



## ସୁନିଆ ଓ ବାମନ ଜନ୍ମ



ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥୀରେ ସୁନିଆ ପର୍ବ ଓ ବାମନ ଉତ୍ସବ ପାଳନ କରାଯାଏ। ଏଥର ଏହି ପର୍ବ ସେପ୍ଟେମ୍ବର ୪ ତାରିଖରେ ପାଳନ ହେବ। ଏହିଦିନ ବାମନ ଅବତାରରେ ବିଷ୍ଣୁ ଅଦିତିଙ୍କ ଗର୍ଭରୁ ଜନ୍ମ ହୋଇଥିଲେ। ଏହି ପବିତ୍ର ତିଥିକୁ 'ବାମନ ଦ୍ୱାଦଶୀ' ବି କୁହାଯାଏ। ଅନ୍ୟପକ୍ଷରେ ଏହି ଦିନ ଗଜପତିଙ୍କ ନୂଆ ଅଙ୍କ ଆରମ୍ଭ ହୁଏ। ତେଣୁ ଏହାକୁ ଉତ୍କଳୀୟ ନବବର୍ଷ ବୋଲି କୁହାଯାଏ। ଓଡ଼ିଆ ଜାତକରେ ବର୍ଷ, ମାସ, ତାରିଖ ଓ ନକ୍ଷତ୍ର ଲେଖା ଥାଏ। ସୁନିଆ ଦିନଠାରୁ ଗଜପତି ମହାରାଜାଙ୍କ ଗାଦିଆସନ ବର୍ଷର ଗଣନା ହୋଇଥାଏ। ଏହିଦିନ ବ୍ରାହ୍ମଣମାନେ ଶ୍ରୀନଅରକୁ ଆସି ଗୋଟିଏ ଲେଖାଏଁ ନଡ଼ିଆ ଗଜପତିଙ୍କୁ ଭେଟି ଦେଇ ମହାରାଜାଙ୍କୁ ଆଶୀର୍ବାଦ କରିଥାନ୍ତି। ସମସ୍ତଙ୍କୁ ଶ୍ରୀନଅରରେ ମହାପ୍ରସାଦ ମଧ୍ୟ ବଣ୍ଟାଯାଏ। ତେବେ ସୁନିଆରେ ଗଜପତି ମହାରାଜା ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି କନକ ଭେଟି ଅର୍ପଣ କରିବାର ପ୍ରଥା ଅଛି। ଏହିଦିନ ସ୍ୱର୍ଣ୍ଣମୁଦ୍ରାରେ ଗଜପତି ମହାରାଜାଙ୍କ ନୂତନ ଅଙ୍କ କଟାଯାଇ ନୂତନ ଅଙ୍କର ଗଣନା ଆରମ୍ଭ ହୁଏ। ଏବେ ରାଜତନ୍ତ୍ର ନ ଥିଲେ ମଧ୍ୟ ରାଜ ପରିବାରମାନଙ୍କରେ ଏହିପର୍ବ ଯଥାବିଧି ପାଳିତ ହୋଇ ଆସୁଛି।

## ଗୃହ ପ୍ରବେଶର ଉପହାର

ନୂଆ ଘର କିଣିଲେ କିମ୍ବା ତିଆରି କଲେ ଗୃହ ପ୍ରବେଶ ପୂଜା କରାଯାଏ। ଏହି ଅବସରରେ ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଏ। ତେବେ ଗୃହ ପ୍ରବେଶ ପୂଜାରେ କେଉଁ ଉପହାର ଦେବା ଶୁଭ ହୋଇଥାଏ, ସେ ସମ୍ପର୍କରେ ଜାଣିବା।



- ଗଣେଶଙ୍କ ଏକ ସୁନ୍ଦର ମୂର୍ତ୍ତି ଗୃହ ପ୍ରବେଶ ଲାଗି ଏକ ସୁନ୍ଦର ଉପହାର ହୋଇପାରେ।
- ରୁପାକୁ ଶୁଭ ବୋଲି କୁହାଯାଏ। ତେଣୁ ରୁପା ମୁଦ୍ରା, ପ୍ଲେଟ୍ ଏବଂ ରୁପାର ଗଣେଶ- ଲକ୍ଷ୍ମୀଙ୍କ ମୂର୍ତ୍ତି ବି ଦେଇପାରିବେ। ଏହାକୁ ରଖିଲେ ଘରେ ସୁଖ-ସମୃଦ୍ଧି ବୃଦ୍ଧି ପାଏ।
- ତୁଳସୀଙ୍କୁ ଦେବୀ ଲକ୍ଷ୍ମୀଙ୍କ ରୂପ ବୋଲି ବିବେଚନା କରାଯାଏ। ଏହାକୁ ଘରେ ରଖିବା ଶୁଭ। ଏହା ଘରର ବାତାବରଣକୁ ଶୁଦ୍ଧ କରିଥାଏ। ତେଣୁ ତୁଳସୀ ଗଛ ଉପହାରରେ ଦେବା ଭଲ।
- ପୂଜା ପାଇଁ ଦୀପ, ଘିଅ ତଥା ପୂଜା ସାମଗ୍ରୀ ଦେଇପାରିବେ।
- ରୋଷେଇ ଲାଗି ନୂଆ ବାସନ ମଧ୍ୟ ଖୁବ୍ ଉପଯୋଗୀ ଉପହାର ହୋଇପାରେ।

## ସ୍ମୃତି

## ଭାଗବତ ଜନ୍ମ

ଶ୍ରୀମଦ୍ ଭାଗବତ ହେଉଛି ଭଗବାନଙ୍କ ବାଙ୍ମୟ ରୂପ। ଭାଦ୍ରବ ପୂର୍ଣ୍ଣିମା ଦିନ ଭାଗବତ ଜନ୍ମ ପାଳନ କରାଯାଏ। ମହର୍ଷି ବ୍ୟାସଦେବ ଏହିଦିନ ଶ୍ରୀମଦ୍ ଭାଗବତର ରଚନା କରିଥିଲେ ବୋଲି କୁହାଯାଏ। ମୂଳ ସଂସ୍କୃତ ଭାଗବତକୁ ଅତିବଡ଼ି ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦରେ ଓଡ଼ିଆରେ ରଚନା କରିଛନ୍ତି। ତେଣୁ ଏହିଦିନ ଜଗନ୍ନାଥ ଦାସଙ୍କ ରଚିତ 'ଓଡ଼ିଆ ଭାଗବତ' ପାଇଁ ଉତ୍ସର୍ଗୀକୃତ।



ଭାଗବତ ଜନ୍ମକୁ 'ଭାଗବତ ବଡ଼ା' ମଧ୍ୟ କୁହାଯାଏ। ଭାଦ୍ରବ ଶୁକ୍ଳ ନବମୀଠାରୁ ଆରମ୍ଭ ହେଉଥିବା ଭାଗବତ ପାରାୟଣ ଏହିଦିନ ସମାପନ ହୁଏ। ତେବେ ଭାଗବତ ପାରାୟଣର ଯେଉଁ ବିଧି ଅଛି, ତାହାକୁ 'ଭାଗବତ ସପ୍ତା' କୁହାଯାଏ। ଏହାର ଅର୍ଥ ସାତଦିନ ପର୍ଯ୍ୟନ୍ତ ବା ସପ୍ତାହବ୍ୟାପୀ ଭାଗବତ ପାଠ।

ଏହିଦିନ ଭାଗବତ ପୋଥି ନିକଟରେ ନୈବେଦ୍ୟ ଅର୍ପଣ କରାଯାଏ। ପୂର୍ବରୁ ଗାଁ ଗାଁରେ ଭାଗବତ ଟୁଙ୍ଗି ଥିଲା। ଏଠାରେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାଠ କରାଯାଉଥିଲା। ଗାଁର ବୟସ୍କ, ମହିଳା, ପୁରୁଷ, ଛୋଟ ପିଲା ସମସ୍ତେ ଏହି ଗୋଟିଏ ସ୍ଥାନରେ ବସି ଭାଗବତର ଅମୃତ ବାଣୀ ଶୁଣନ୍ତି। ସେଥିପାଇଁ ଭାଗବତ ଘରେ ଘରେ ପୂଜା ପାଏ। ପରମ ଶାସ୍ତ୍ର ଭାଗବତ ପାଠ ତଥା ଏହାର ଶ୍ରବଣ ଦ୍ୱାରା ଉଭୟ ଶ୍ରୋତା, ବକ୍ତା ଓ ପ୍ରଶ୍ନକର୍ତ୍ତା ସମସ୍ତେ ମୋକ୍ଷ ତଥା ପରମାତ୍ମାଙ୍କ ସାନ୍ନିଧ ଲାଭ କରନ୍ତି। ମହାପୁରାଣ ଭାଗବତ ବାରଖଣ୍ଡରେ ବିଭକ୍ତ। ପ୍ରତିଖଣ୍ଡରେ ୧୦-୩୦ଟି ଅଧ୍ୟାୟ ଥିବା ବେଳେ ପ୍ରତି ଅଧ୍ୟାୟରେ ୫୦-୩୦୦ ପଦ ଅଛି। ସେହିପରି ଏହାକୁ ଏଭଳି ଭାବେ ରଚନା କରାଯାଇଛି ଯେ, ପ୍ରତିଦିନ ଗୋଟିଏ ଗୋଟିଏ ଅଂଶକୁ ୩୬୫ ଦିନ ପର୍ଯ୍ୟନ୍ତ ପାଠ କରାଯାଇପାରିବ। ଏ ଦୃଷ୍ଟିରୁ ଭାଗବତ ହେଉଛି ବ୍ୟାପକତାର ପରିଚୟ। ଅନ୍ୟ ଏକ ମତରେ, ଶୁକମୁନି ରାଜ ପରୀକ୍ଷିତଙ୍କୁ ଉଦ୍ଧାର କରିବା ପାଇଁ ତାଙ୍କୁ ମହର୍ଷି ବ୍ୟାସକୃତ ଶ୍ରୀମଦ୍‌ଭାଗବତ ଶୁଣାଇ ଥିଲେ। ଭାଦ୍ରବ ପୂର୍ଣ୍ଣିମାରେ ତାହା ସମାପନ ହୋଇଥିଲା। ତେବେ ଯାହା ହେଉ, ଭାଗବତରେ ଅମୂଲ୍ୟ ଉପଦେଶ ରହିଛି। ମଣିଷକୁ ସତ୍‌ମାର୍ଗରେ ଯିବା ପାଇଁ ସେଥିପାଇଁ ଭାଦ୍ରବ ପୂର୍ଣ୍ଣମୀ ଭାଗବତ ଜନ୍ମର ପୁଣ୍ୟ ତିଥି ଭାବେ ପାଳନ କରାଯାଉଛି। ସେଥିପାଇଁ କୁହାଯାଇଛି- 'ପରମ ଶାସ୍ତ୍ର ଭାଗବତ। ଅଭ୍ୟାସ କରୁଥିବା ନିତ୍ୟ।' ଚଳିତବର୍ଷ ସେପ୍ଟେମ୍ବର ୭ ତାରିଖରେ ଏହା ପଡ଼ୁଛି।

## ସ୍ୱପ୍ନରେ ମୂଷା ଦେଖୁଥିଲେ

ହିନ୍ଦୁ ଧର୍ମରେ ମୂଷାକୁ ଗଣେଶଙ୍କ ବାହନ ବୋଲି କୁହାଯାଏ। ସ୍ୱପ୍ନରେ ବାରମ୍ବାର ମୂଷା ଦେଖିବା ଶୁଭ କି ଅଶୁଭ ସେସମ୍ପର୍କରେ ସ୍ୱପ୍ନ ଶାସ୍ତ୍ରରେ କୁହାଯାଇଛି। ତେବେ ଅଲଗା ଅଲଗା ମୂଷା ସ୍ୱପ୍ନରେ ଦେଖିବା କି ସଙ୍କେତ ଦିଏ, ସେ ସମ୍ପର୍କରେ, ଜାଣିବା।

- ସ୍ୱପ୍ନରେ କଳା ମୂଷା ଭୟଭୀତ ହେଇ ଦୌଡ଼ି ଯିବାକୁ ଅଶୁଭ ବୋଲି କୁହାଯାଇଛି। ଏହା ନକାରାତ୍ମକ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ୟାର ସଙ୍କେତ ଦିଏ।
- ସ୍ୱପ୍ନରେ ମୂଷା ଧରିବା ଦେଖିବାର ଅର୍ଥ ହେଉଛି କୌଣସି ସମସ୍ୟାର ସମାଧାନ ମିଳିପାରେ।
- ସେହିପରି ସ୍ୱପ୍ନରେ ମୃତ ମୂଷାକୁ ଦେଖିବା ଶୁଭ। ଏଭଳି ସ୍ୱପ୍ନ ଭବିଷ୍ୟତରେ ସମସ୍ୟାରେ ଜିତ୍ ହାସଲ କରିପାରିବେ।
- ମୂଷା ଛୁଆକୁ ସ୍ୱପ୍ନରେ ଦେଖିବା ଅତ୍ୟନ୍ତ ଶୁଭ। ଏଭଳି ସ୍ୱପ୍ନ ଜୀବନରେ ସୁଧାର ଆଣି ଧନଲାଭର ସଙ୍କେତ ଦିଏ। ଗଣେଶଙ୍କ ବିଶେଷ କୃପା ପ୍ରାପ୍ତି ହୁଏ।
- ତେବେ ସ୍ୱପ୍ନରେ ବଡ଼ ମୂଷା ଦେଖିବା ଅଶୁଭ ବୋଲି କୁହାଯାଇଛି। କୌଣସି ଅନ୍ତରଙ୍ଗ ବ୍ୟକ୍ତି ଧୋକା ଦେବାକୁ ଏହା ସୂଚାଏ।
- ମୂଷା ପଲଙ୍କୁ ସ୍ୱପ୍ନରେ ଦେଖିବା ଅଶୁଭ। ସମ୍ପର୍କରେ ଚିନ୍ତା ଓ କ୍ୟାରିୟରରେ ସମସ୍ୟା ଦେଖାଦେବାକୁ ଏହା ଇଙ୍ଗିତ କରେ।



## ସାତ୍ତ୍ୱିକ-ଚିରାଗ ପୁଣି କାଂସ୍ୟରେ ସନ୍ତୁଷ୍ଟ

ପ୍ୟାରିସ, ୩୧।୮ (ଏଜେନ୍ସି): ଭାରତୀୟ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପ୍ୟାରିସରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଶନିବାର ରାତିରେ ଖେଳାଯାଇଥିବା ପୁରୁଷ ଡବଲ୍ସ ସେମିଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୧୯-୨୧, ୨୧-୧୮, ୧୨-୨୧ ଗେମରେ ଚୀନର ଚେନ୍ ବୋ ୟାଙ୍ଗ ଓ ଲିଉ ୟି ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ। ଚୀନ ଯୋଡ଼ିଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ଏକ ଘଣ୍ଟା ୭ ମିନିଟ୍ ସମୟ ଲାଗିଥିଲା। ଫାଇନାଲରେ ପ୍ରବେଶ କରିପାରି ନ ଥିଲେ ମଧ୍ୟ ବ୍ୟାଡ୍‌ମିଣ୍ଟନର ନିୟମ ଅନୁଯାୟୀ ଉଭୟ ସାତ୍ତ୍ୱିକ-ଚିରାଗ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ସାତ୍ତ୍ୱିକ-ଚିରାଗ ଯୋଡ଼ିଙ୍କ ଏହା ଦ୍ୱିତୀୟ କାଂସ୍ୟ ପଦକ। ଏଥିପୂର୍ବରୁ ୨୦୨୨ ସଂସ୍କରଣରେ ଏହି ଭାରତୀୟ ଯୋଡ଼ି ସମାନ ସଫଳତା ପାଇଥିଲେ। ସେହିଭଳି ୨୦୧୧ରୁ ଏହି ମେଗା ଇଭେଣ୍ଟର ପ୍ରତ୍ୟେକ ସଂସ୍କରଣରେ ଭାରତ ଅତିକମ୍‌ରେ ଗୋଟିଏ ପଦକ ଜିତିବାର ଧାରାକୁ ବଜାୟ ରଖିବାରେ ସଫଳ ହୋଇଛି। ବିଶ୍ୱ ବ୍ୟାଡ୍‌ମିଣ୍ଟନ ଇତିହାସରେ ୧୧ଜଣ ଭାରତୀୟ ୧୫ଟି ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ପିଭି ସିନ୍ଧୁ ୨୦୧୯ରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଏହି ସମ୍ମାନଜନକ ପ୍ରତିଯୋଗିତାର ପରବର୍ତ୍ତୀ ସଂସ୍କରଣ ୨୦୨୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ।

## ଦୁଲୀପ୍ ଟ୍ରଫି: ପୂର୍ବାଞ୍ଚଳ ନିରାଶ; ସେମିରେ ଉତ୍ତରାଞ୍ଚଳ

ବେଙ୍ଗାଲୁରୁ, ୩୧।୮ (ଏଜେନ୍ସି): ବିସିସିଆଇର ୨୦୨୫-୨୬ ସିଜନର ପ୍ରଥମ ଘରୋଇ ଟୁର୍ଣ୍ଣାମେଣ୍ଟ ଦୁଲୀପ୍ ଟ୍ରଫିର ସେମିଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ଦକ୍ଷିଣାଞ୍ଚଳ ଓ ଉତ୍ତରାଞ୍ଚଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ପଶ୍ଚିମାଞ୍ଚଳ ଓ କେନ୍ଦ୍ରାଞ୍ଚଳ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ। ଉଭୟ ସେମିଫାଇନାଲ ସେପ୍ଟେମ୍ବର ୪ରୁ ସ୍ଥାନୀୟ ସେଣ୍ଟର ଅଫ୍ ଏକ୍ସଲେନ୍ସି ଗ୍ରାଉଣ୍ଡରେ ଆରମ୍ଭ ହେବ। ଅଗଷ୍ଟ ୨୮ ରୁ ଏଠାରେ ଚାଲିଥିବା ଦୁଇଟିଯାକ କ୍ୱାର୍ଟର ଫାଇନାଲ ରବିବାର ଅମୀମାଂସିତ ଭାବେ ଶେଷ ହୋଇଛି। ପୂର୍ବାଞ୍ଚଳ ବିପକ୍ଷରେ ଉତ୍ତରାଞ୍ଚଳ ଏବଂ ଉତ୍ତର-ପୂର୍ବାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀଭିତ୍ତିରେ ସେମିଫାଇନାଲ ଟିକଟ୍ ହାସଲ କରିଛନ୍ତି। ସେହିଭଳି ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳକୁ ସିଧାସଳଖ ସେମିଫାଇନାଲ ଟିକଟ୍ ମିଳିଥିଲା। କ୍ୱାର୍ଟର ଫାଇନାଲରେ ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ଦୁଇ ଖେଳାଳି ସନ୍ଦୀପ ପଟ୍ଟନାୟକ ଓ ଆଶୀର୍ବାଦ ସ୍ୱାଇଁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ନ ପାଇ ନିରାଶ ହୋଇଛନ୍ତି।

## ରାଜ୍ୟ ଓପନ୍ ଚେସ୍ ଜିତିଲେ ସଞ୍ଜୀବ



ଭୁବନେଶ୍ୱର, ୩୧।୮ (ସମିସ): ପଞ୍ଚମ ରାକେଶ କୁମାର ସାହୁ ମେମୋରିଆଲ୍ ରାଜ୍ୟ ଓପନ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଓ ରୟାଲ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଏକଦିବସୀୟ ପ୍ରତିଯୋଗିତାରେ ଭୁବନେଶ୍ୱରର ସଞ୍ଜୀବ ନାୟକ ଚାମ୍ପିଅନ ହୋଇଛନ୍ତି। ସେ ସର୍ବାଧିକ ୫ ପଏଣ୍ଟ ରଖିଥିଲେ। ଓମ୍ ଆଦିତ୍ୟ ଖାଡ଼ଙ୍ଗ, ସ୍ୱପ୍ନିଳ ପ୍ରିୟଦର୍ଶୀ, ସୌମ୍ୟରଞ୍ଜନ ମିଶ୍ର ଓ ଶୁଭେନ୍ଦୁ ପାତ୍ର ଯଥାକ୍ରମେ ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି। ସେହିଭଳି ବିଭିନ୍ନ ବୟସବର୍ଗରେ ଲୋକିତ ଲୁଭ୍ୟାଂଶ, ପ୍ରତ୍ୟୁଷ ରଞ୍ଜନ ସାହୁ, ବିନୀତ ନାୟକ, ଓ ବାଳିକାରେ ଅମୃତା ପ୍ରିୟଲକ୍ଷ୍ମୀ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ରାଜେଶ କୁମାର ସାହୁ, ଦେବାଶିଷ ପାଣିଗ୍ରାହୀ, ରବୀନ୍ଦ୍ର ସାହୁ, ଆୟୋଜକ ସ୍କୁଲର ଅଧ୍ୟକ୍ଷ ସର୍ବେଶ୍ୱର ସାମଲ ଅତିଥିଭାବେ ଯୋଗଦେଇଥିଲେ।

## ଏସିଆ କପ୍ ହକି
# କ୍ରମାଗତ ୨ୟ ବିଜୟ ସହ ସୁପର୍-୪ରେ ଭାରତ

ରାଜଗିର, ୩୧।୮ (ଏଜେନ୍ସି)

ବିହାରରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ଟୁର୍ଣ୍ଣାମେଣ୍ଟର ଦ୍ୱାଦଶ ସଂସ୍କରଣରେ ଘରୋଇ ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ତୃତୀୟ ଦିବସରେ ଖେଳାଯାଇଥିବା ଏକ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୩-୨ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଅଧିନାୟକ ହରମନପ୍ରୀତ୍ ସିଂହ ଡବଲ୍ ଗୋଲ୍ ଦେଇଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ଭାରତ ୪-୩ ଗୋଲରେ ଚାଇନାକୁ ମାତ୍ ଦେଇଥିଲା। ଫଳରେ ପୁଲ୍-'ଏ'ରେ ସ୍ଥାନ ପାଇଥିବା ଭାରତ ୨ ମ୍ୟାଚରୁ ୬ ପଏଣ୍ଟ ପାଇ ସୁପର୍-୪ରେ ସ୍ଥାନ ପକ୍କା କରିଛି। ରବିବାର ଜାପାନ ବିପକ୍ଷ ଦ୍ୱିତୀୟ ପୁଲ୍ ମ୍ୟାଚରେ ଭାରତୀୟ ଦଳ ଦମ୍‌ଦାର ଆରମ୍ଭ କରିଥିଲା। ପ୍ରଥମ କ୍ୱାର୍ଟରର ପ୍ରଥମ ୫ ମିନିଟ୍ ମଧ୍ୟରେ ୨ଟି ଗୋଲ୍ ଦେଇ ହରମନପ୍ରୀତ୍‌ଙ୍କ ଦଳ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା। ମ୍ୟାଚର ୪ର୍ଥ ମିନିଟ୍‌ରେ ମନଦୀପ୍ ସିଂହ ଏକ ସୁନ୍ଦର ଫିଲ୍ଡ ଗୋଲ୍ ଦେଇ ଭାରତର ଖାତା ଖୋଲିଥିଲେ।



ଏହାର ଠିକ୍ ପରବର୍ତ୍ତୀ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର ସୁଯୋଗ ମିଳିଥିଲା। ଅଭିଜ୍ଞ ଡ୍ରାଗଫ୍ଲିକର ହରମନପ୍ରୀତ୍ ଏହାର ଭରପୂର ଫାଇଦା ଉଠାଇ ଅଗ୍ରଣୀକୁ ୨-୦କୁ ବୃଦ୍ଧି କରାଇଥିଲେ। ପ୍ରଥମ କ୍ୱାର୍ଟର ତଥା ୧୫ ମିନିଟ୍‌ରେ ଭାରତ ଏହି ଅଗ୍ରଣୀକୁ ବଜାୟ ରଖିଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ

**ତୃତୀୟ ଦିନର ଫଳାଫଳ**

ଭାରତ- ୩ : ଜାପାନ- ୨
ଚାଇନା- ୧୩ : କାଜାଖସ୍ତାନ- ୧

ଜାପାନ ଲଢ଼ୁଆ ପ୍ରଦର୍ଶନ କରିବାରୁ ଭାରତ ଗୋଟିଏ ହେଲେ ଗୋଲ୍ ସ୍କୋର କରିପାରି ନ ଥିଲା। ଫଳରେ ଏହି କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଜାପାନ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟର ତଥା ମ୍ୟାଚର ୩୮ତମ ମିନିଟ୍‌ରେ ହୟୋତା ୟାମାଦା ଭାରତୀୟ ଡିଫେଣ୍ଡରଙ୍କୁ ଚକ୍‌ମା ଦେଖାଇ ବଲ୍‌କୁ ନେଟ୍ସ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ଜାପାନ ମ୍ୟାଚକୁ ୧-୨ ସ୍ଥିତିକୁ ଆଣିଥିଲା। କିନ୍ତୁ ୪ର୍ଥ କ୍ୱାର୍ଟର ଆରମ୍ଭରୁ ଭାରତ ଆଉ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲା। ଏଥର ମଧ୍ୟ ଅଧିନାୟକ ହରମନପ୍ରୀତ୍ କୌଣସି ତ୍ରୁଟି ନ କରି ଭାରତ ପାଇଁ ୩ୟ ଗୋଲ୍ ଦେଇଥିଲେ। ଫଳରେ ଭାରତ ୩-୧ରେ ଆଗୁଆ ରହିଥିଲା। ଏହାପରେ ଜାପାନ କିନ୍ତୁ ସହଜରେ ଭାରତକୁ ଛାଡ଼ିବା ସ୍ଥିତିରେ ନ ଥିଲା। ମ୍ୟାଚ ଶେଷ ହେବାକୁ ଆଉ ୨ ମିନିଟ୍ ଥିବାବେଳେ କୋଶେଇ କାୱାବେଙ୍କ ଗୋଲ୍ ମ୍ୟାଚରେ ରୋମାଞ୍ଚ ଭରିଦେଇଥିଲା। ଏହାସତ୍ତ୍ୱେ ଭାରତ ୩-୨ ଗୋଲ୍‌ରେ ଶେଷରେ ବିଜୟୀ ହୋଇ ୩ ପଏଣ୍ଟ ଅର୍ଜନ କରିଥିଲା। ଭାରତର ଗୋଲ ରକ୍ଷକ କ୍ରିଷନ ବାହାଦୂର ପାଠକଙ୍କ ପାଇଁ ଏହା ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଥିଲା।

## ହକି ଇଣ୍ଡିଆ ଲିଗ୍
# ଓହରିଲା ଟିମ୍ ଗୋନାସିକା, ଓଡ଼ିଶା ୱାରିୟର୍ସ

ରାଜଗିରି, ୩୧।୮ (ଏଜେନ୍ସି): ହକି ଇଣ୍ଡିଆ ଲିଗ(ଏଚ୍‌ଆଇଏଲ)ର ଆଗାମୀ ସଂସ୍କରଣରୁ ଟିମ୍ ଗୋନାସିକା ଓହରିଯାଇଛି। ସେହିଭଳି ମହିଳା ହକି ଇଣ୍ଡିଆ ଲିଗ୍ (ଡବ୍ଲ୍ୟୁଏଚଆଇଏଲ)ରୁ ମଧ୍ୟ ଓଡ଼ିଶା ୱାରିୟର୍ସ ଓହରିଯିବାକୁ ନିଷ୍ପତ୍ତି ନେଇଛି। ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ରବିବାର ଏହି ସୂଚନା ଦେଇଛନ୍ତି। ବିହାରରେ ଚାଲିଥିବା ଏସିଆ କପ୍ ଅବସରରେ ଦିଲୀପ ଗଣମାଧ୍ୟମକୁ କହିଛନ୍ତି, 'ଟିମ୍ ଗୋନାସିକା ଏଚ୍‌ଆଇଏଲ୍‌ରେ ଆଉ ଭାଗନେବ ନାହିଁ। ଫ୍ରାଞ୍ଚାଇଜର ମାଲିକ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି। ସମସ୍ତ ଖେଳାଳି ସେମାନଙ୍କ ବାକି ଥିବା ଦେୟ ଫ୍ରାଞ୍ଚାଇଜ ନିକଟରୁ ପାଇସାରିଛନ୍ତି। ଓଡ଼ିଶା ୱାରିୟର୍ସ ପକ୍ଷରୁ ଦେୟ ପ୍ରଦାନରେ ବିଳମ୍ବ ହୋଇଥିଲା। ଆମେ ସେମାନଙ୍କ ପୁରସ୍କାର ରାଶିରୁ କାଟି ଖେଳାଳିଙ୍କୁ ବକେୟା ଥିବା ପାଉଣା ପ୍ରଦାନ କରିଥିଲୁ। ୱାରିୟର୍ସ ମଧ୍ୟ ଆଗାମୀ ଡବ୍ଲ୍ୟୁଏଚ୍‌ଆଇଏଲ୍‌ରେ ଭାଗନେବ ନାହିଁ।' ହକି ଇଣ୍ଡିଆ ସଭାପତି ଆହୁରି ମଧ୍ୟ କହିଛନ୍ତି, ଖୁବ ଶୀଘ୍ର ଦୁଇ ଫ୍ରାଞ୍ଚାଇଜର ବଦଳ ଦଳ ଘୋଷଣା କରାଯିବ। ପୂର୍ବଭଳି ମହିଳା ଲିଗ୍‌ରେ ୪ଟି ଓ ପୁରୁଷରେ ୮ଟି ଦଳ ଅଂଶଗ୍ରହଣ କରିବେ। ସେହିଭଳି ଓହରି ଯାଇଥିବା ଦୁଇ ଦଳର ଖେଳାଳିମାନେ ବଦଳ ଫ୍ରାଞ୍ଚାଇଜକୁ ସିଧାସଳଖ ଯିବେ ନାହିଁ। ସେମାନେ ଏବେ ମୁକ୍ତ ହୋଇଛନ୍ତି। ଆଗାମୀ ନିଲାମୀରେ ସାମିଲ ହେବାପରେ କେଉଁ ଦଳରୁ ଖେଳିବେ ତାହା ସ୍ପଷ୍ଟ ହେବ। ଏହା ଏକ ପୂର୍ଣ୍ଣାଙ୍ଗ ନିଲାମୀ ହେବ ନାହିଁ। ଏହା କ୍ଷୁଦ୍ର ନିଲାମୀ ସଦୃଶ ହେବ।

ଉଲ୍ଲେଖଯୋଗ୍ୟ, ଏଚ୍‌ଆଇଏଲ୍‌ର ଗତ ସଂସ୍କରଣରେ ଟିମ୍ ଗୋନାସିକା ଭାଇଜାଗରୁ ପ୍ରତିନିଧିତ୍ୱ କରୁଥିଲା। କିନ୍ତୁ ଏହାର ମାଲିକ ଓଡ଼ିଶାର ଥିଲେ। କେଉଁଝରର ବିଶିଷ୍ଟ ଶିଳ୍ପପତି ତାରିଣୀ ପ୍ରସାଦ ମହାନ୍ତି ଦଳର ମାଲିକ ରହିଥିଲେ। ଗୋନାସିକା ଦଳ ଗତ ସଂସ୍କରଣରେ ୧୦ ମ୍ୟାଚ୍ ଖେଳି ମାତ୍ର ୩ଟି ଜିତିଥିବାବେଳେ ୫ଟି ହାରିଥିଲା। ଦଳ ୮ ଦଳୀୟ ଟେବଲ ତାଲିକାର ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ସେହିଭଳି ଓଡ଼ିଶା ୱାରିୟର୍ସ ଦଳକୁ ନଭୋୟାମ ସ୍ପୋର୍ଟ୍ସ ଭେଞ୍ଚର୍ସ କିଣିଥିଲା। ସଞ୍ଜୀବ ଶ୍ରୀବାସ୍ତବ ଏହାର ନିର୍ଦ୍ଦେଶକ ରହିଥିଲେ। ମହିଳା ହକି ଲିଗ୍‌ର ପ୍ରଥମ ସଂସ୍କରଣରେ ନେହା ଗୋୟଲ ଓଡ଼ିଶା ୱାରିୟର୍ସ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଓଡ଼ିଶା ୱାରିୟର୍ସ ମଧ୍ୟ ଚାମ୍ପିଅନ ହୋଇଥିଲା।



ଗତ ସଂସ୍କରଣରେ ମହିଳା ହକି ଲିଗ୍ ଜିତିଥିବା ଓଡ଼ିଶା ୱାରିଅର୍ସ ଦଳ

## କିଟ୍‌ରେ ଭଲିବଲ୍ ଉତ୍କର୍ଷତା କେନ୍ଦ୍ର ପ୍ରତିଷ୍ଠା କରିବ ଫିଭା



ଭୁବନେଶ୍ୱର, ୩୧।୮ (ସମିସ): ବିଶ୍ୱ ଭଲିବଲ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା 'ଫିଭା'ର ଏକ ପ୍ରତିନିଧିମଣ୍ଡଳୀ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଭାରତରେ ଭଲିବଲ୍‌କୁ ଆଗକୁ ବଢ଼ାଇବା ଲାଗି ଏକ ବିଶ୍ୱସ୍ତରୀୟ ଭଲିବଲ୍ ଏବଂ ବିଚ୍ ଭଲିବଲ୍ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ଏହି ପ୍ରତିନିଧିମଣ୍ଡଳୀର ମୁଖ୍ୟ ଲକ୍ଷ୍ୟ ରହିଛି। ଯେଉଁଥି ପାଇଁ ସେମାନେ କିଟ୍ କ୍ୟାମ୍ପସ ଭିତ୍ତିଭୂମି ବୁଲି ଦେଖିଥିଲେ। କିମ୍ସ ସୁପର ସ୍ପେଶାଲିଷ୍ଟ କମ୍ପ୍ଲେକ୍ସରେ ଥିବା ଫିଜିଓଥେରାପି ୟୁନିଟ୍, କ୍ରୀଡ଼ା ଗବେଷଣା ଓ ବ୍ୟାୟାମ ପରୀକ୍ଷଣ ସୁବିଧାକୁ ଏହି ପ୍ରତିନିଧିମଣ୍ଡଳୀ ବେଶ୍ ପ୍ରଶଂସା କରିଥିଲେ। ଏହାପରେ ସେମାନେ କିଟ୍ କ୍ୟାମ୍ପସରେ ଥିବା ଇଣ୍ଡୋର ଓ ଆଉଟଡୋର ଭଲିବଲ୍ କୋର୍ଟ, ଖେଳାଳିଙ୍କ ହଷ୍ଟେଲ ଆଦି ପରିଦର୍ଶନ କରିଥିଲେ। ଶେଷରେ ସେମାନେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ଭେଟି ଦୀର୍ଘ ସମୟ ଆଲୋଚନା କରିଥିଲେ। କିଟ୍ ଓ କିସ୍‌ର ଭିତ୍ତିଭୂମିରେ ପ୍ରଭାବିତ ହୋଇଥିବା ଏହି ଫିଭା ପ୍ରତିନିଧିମଣ୍ଡଳୀ ଏଠାରେ ବିଚ୍ ଭଲିବଲ୍ ଉପରେ ବିଶେଷ ଗୁରୁତ୍ୱ ଦେଇ ଭଲିବଲ୍ ପାଇଁ ଏକ ଉତ୍କର୍ଷତା କେନ୍ଦ୍ର ପ୍ରତିଷ୍ଠା ପାଇଁ ଚୁକ୍ତି କରିବାକୁ ସମ୍ମତି ଜଣାଇଛନ୍ତି। ଏହି ଅବସରରେ ପ୍ରତିନିଧି ଦଳ ଉପହାର ଆକାରରେ ପ୍ୟାରିସ ଅଲିମ୍ପିକ୍ସର ଭଲିବଲ୍‌ରେ ବ୍ୟବହୃତ ହୋଇଥିବା ଏକ ବଲ୍‌କୁ ଶ୍ରୀ ସାମନ୍ତଙ୍କୁ ପ୍ରଦାନ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ 'ଫିଭା'ର କ୍ରୀଡ଼ା ନିର୍ଦ୍ଦେଶକ ଷ୍ଟିଭ ଟଟ୍ଟନ, ହୀତେଶ ମାଲହୋତ୍ରା ପ୍ରମୁଖ ରହିଥିଲେ।

## ୟୁଏସ୍ ଓପନରୁ ଜ୍ୱେରେଭ ବିଦା

ନ୍ୟୁୟର୍କ, ୩୧।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍‌ରେ ରବିବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପୁରୁଷ ସିଙ୍ଗଲ୍ସ ୩ୟ ରାଉଣ୍ଡର ଏକ ମ୍ୟାଚରେ ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ୩ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏହି ମ୍ୟାଚରେ ୨୫ତମ ସିଡ୍ କାନାଡାର ଫେଲିକ୍ସ ଅଗର୍-ଆଲିଆସିମେ ୪-୬, ୭-୬, (୭), ୬-୪, ୬-୪ ସେଟ୍‌ରେ ଜ୍ୱେରେଭଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ଫଳରେ ଫେଲିକ୍ସ ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି କୌଣସି ଟପ୍-୫ ମାନ୍ୟତା ଖେଳାଳିଙ୍କୁ ହରାଇଛନ୍ତି।

## ଇଣ୍ଟରନ୍ୟାସନାଲ୍ ଲିଗ୍ ଟି-୨୦ରେ ଖେଳିବେ ଅଶ୍ୱିନ



ଚେନ୍ନଇ, ୩୧।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ରବିଚନ୍ଦ୍ରନ ଅଶ୍ୱିନ ନିକଟରେ ଆଇପିଏଲ୍‌ରୁ ଅବସର ଘୋଷଣା କରିଥିଲେ। ଏହାପରେ ସେ ବିଦେଶୀ ଟି-୨୦ ଲିଗ୍‌ରେ ଖେଳିବେ ବୋଲି ସୂଚନା ଦେଇଥିଲେ। ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ୩୮ ବର୍ଷୀୟ ଅଶ୍ୱିନ ୟୁଏଇରେ ଖେଳାଯାଉଥିବା ଇଣ୍ଟରନ୍ୟାସନାଲ ଲିଗ୍ (ଆଇଏଲ୍) ଟି-୨୦ରେ ଖେଳିବାକୁ ମନ ବଳାଇଛନ୍ତି। ଏଥିଲାଗି ସେ ଖେଳାଳି ନିଲାମୀରେ ନାମ ପଞ୍ଜିକରଣ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଏକ ସାକ୍ଷାତ୍‌କାରରେ ଅଶ୍ୱିନ କହିଛନ୍ତି, 'ହଁ ମୁଁ ଆଇଏଲ୍ ଟି-୨୦ ଆୟୋଜକଙ୍କ ସହ ଯୋଗାଯୋଗରେ ରହିଛି। ଆଶା ଅଛି ଯଦି ମୁଁ ନିଲାମୀକୁ ଯାଉଛି ତେବେ ମୋତେ କ୍ରେତା ନିଶ୍ଚିତ ମିଳିବେ।' ଉଲ୍ଲେଖଯୋଗ୍ୟ, ଆଇଏଲ୍ ଟି-୨୦ର ପରବର୍ତ୍ତୀ ସଂସ୍କରଣ ଡିସେମ୍ବର ୨ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଏଥିଲାଗି ଖେଳାଳି ନିଲାମ ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ହେବ। ଯେଉଁମାନେ ଖେଳାଳି ନିଲାମୀରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ସେପ୍ଟେମ୍ବର ୧୦ ସୁଦ୍ଧା ନାମ ପଞ୍ଜିକରଣ କରିବାକୁ ପଡ଼ିବ।

## ଓସିଏର ଏଜିଏମ୍‌ରେ ନିଷ୍ପତ୍ତି
# ଷ୍ଟାର ସ୍ପୋର୍ଟ୍ସରେ ଓପିଟିଏଲ୍‌ର ସିଧାପ୍ରସାରଣ

କଟକ,୩୧।୮ (ସମିସ)




ଘରୋଇ ଲିଗ୍‌କୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ସେପ୍ଟେମ୍ବର ୧୫ରୁ କଟକରେ ଓଡ଼ିଶା ପ୍ରୋ ଟି-୨୦ ଲିଗ(ଓପିଟିଏଲ) ଆରମ୍ଭ ହେବ। ଯାହାର ବ୍ରାଣ୍ଡଆମ୍ବାସଡର ରହିବେ ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ବୋଲର ବ୍ରେଟ୍ ଲି ଏବଂ ଅନ୍ତର୍ଜାତୀୟ ଓଡ଼ିଆ ଖେଳାଳି ଦେବାଶିଷ ମହାନ୍ତି। ଏହାଛଡ଼ା ଷ୍ଟାର ସ୍ପୋର୍ଟସ ଚ୍ୟାନେଲ ଏବଂ ଫ୍ୟାନକୋଡ୍(ଓଟିଟି)ରେ ସମ୍ପୂର୍ଣ୍ଣ ଲିଗ୍‌ର ସିଧାପ୍ରସାରଣ କରାଯିବ। ଆଜି ପୁରୀରେ ଆୟୋଜିତ ଓସିଏର ବାର୍ଷିକ ସାଧାରଣ ପରିଷଦ(ଏଜିଏମ) ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା, ଅନ୍ତର୍ଜାତୀୟ ମ୍ୟାଚ୍ ପରିଚାଳନା ଏବଂ ଓସିଏ କର୍ମକର୍ତ୍ତା ନିର୍ବାଚନ ବାବଦରେ ମଧ୍ୟ ଏହି ଅବସରରେ ଆଲୋଚନା ହୋଇଥିଲା।

ସଭାପତି ପଙ୍କଜ ଲୋଚନ ମହାନ୍ତି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୫ରୁ ୨୪ ତାରିଖ ପର୍ଯ୍ୟନ୍ତ ୬ଟି ଦଳକୁ ନେଇ ବାରବାଟୀ ଷ୍ଟାଡିୟମରେ ଓପିଟିଏଲ ଖେଳାଯିବ। ପ୍ରତ୍ୟେକ ଦିନ ଦୁଇଟି ଲିଗ୍ ମ୍ୟାଚ୍ ରହିବ। ଆରିଭା ସ୍ପୋର୍ଟସ ଲିଗ୍‌ର ପ୍ରାୟୋଜକ ରହିଛି। ତେବେ ଖୁବଶୀଘ୍ର ଲିଗ୍ ନିମନ୍ତେ ଖେଳାଳି କ୍ରୟ କରାଯିବ। ପ୍ରତ୍ୟେକ ଖେଳାଳି ଡ୍ରାଫ୍ଟ ଆକାରରେ କିଣାଯିବେ। ଖେଳାଳିମାନଙ୍କ କାଟାଗୋରୀ ଓ ମୂଲ୍ୟ ଧାର୍ଯ୍ୟ ହୋଇସାରିଛି। ସମ୍ଭବତଃ ଆସନ୍ତା ୩ ତାରିଖରେ ପାଳି ଅନୁସାରେ ଫ୍ରାଞ୍ଚାଇଜ୍ ମାଲିକମାନେ ଖେଳାଳି କ୍ରୟ କରିବେ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦ୍ୱାରା ଲିଗ୍ ଉଦ୍‌ଘାଟିତ ହେବ ବୋଲି ନିଷ୍ପତ୍ତି ହୋଇଛି।

### ଅନ୍ତର୍ଜାତୀୟ ମ୍ୟାଚ୍ ପରେ ହେବ ଓସିଏ ନିର୍ବାଚନ

ଅପରପକ୍ଷରେ ଆସନ୍ତା ଜାନୁଆରୀରେ ଉତ୍କର୍ଷ କେନ୍ଦ୍ର ଉଦ୍‌ଘାଟିତ ହେବ। ଡଃ ହରେକୃଷ୍ଣ ମହତାବ ଫିଡର ସେଣ୍ଟର ଓ ସଚିନ ତେନ୍ଦୁଲକର ସ୍ପୋର୍ଟସ ସାଇନ୍ସ ସେଣ୍ଟର ପ୍ରତିଷ୍ଠା ଦିଗରେ ଏଜିଏମ୍‌ରେ ଆଲୋଚନା ହୋଇଥିଲା। ଡିସେମ୍ବର ୯ ତାରିଖରେ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଖେଳାଯିବ। ଏହାର ପ୍ରସ୍ତୁତି ଦିଗରେ ଆଲୋଚନା ହୋଇଛି। ତେବେ ଏହି ଅନ୍ତର୍ଜାତୀୟ ମ୍ୟାଚ୍ ପରେ ଓସିଏ କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ସ୍ଥିର କରାଯାଇଛି। ଅକ୍ଟୋବରରେ ସମସ୍ତ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବ। ପରେ ରାଜ୍ୟ ସରକାରଙ୍କ ସହଯୋଗରେ ମ୍ୟାଚ୍ ଆୟୋଜନ କରାଯିବ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଉପସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


BNSS

**REQUIREMENT OF VOCATIONAL TRAINERS IN ODISHA**
**Bhagini Nivedita Shiksha Samiti**

**Bhagini Nivedita Shiksha Samiti, Bhopal** Partner of NSDC, invites application for the role of **Vocational Trainer & Vocational Coordinator on Contractual basis** under **CSS-VHSE Program (NSQF)** in Odisha. **Candidates must be Odisha domicile.**

| Sector & Post | Qualification for Vocational Trainer |
|---|---|
| Apparel (14) | PG in Textile and Clothing or Relevant Area. **With** 1 year work/teaching experience in Textile and Clothing. |
| Beauty & Wellness (12) | Diploma in Cosmetology/Beauty Therapy/ Beauty Culture from a recognized Institution **with** Minimum 1 Year Experience in the profession. |
| Organised Retail (39) | Graduate or Diploma in Retail Management, P.G. Diploma in Marketing with at least 50% marks **with** 1 year work/teaching experience. |
| Tourism & Hospitality (37) | Diploma/Degree in Hotel Management from a recognized Institute /University **with** 5 yrs work/teaching experience in Food and Beverage service including one year as supervisory capacity in a classified Hotel. |
| Power (01) | B. Tech/Diploma in Electrical Engineering from a recognized Institute/University **with** 1-3 year work/teaching experience |

**Qualification for Vocational Coordinator:-** PG (Master's Degree in Related Domain / Rural Development / Management / MSW / Sociology. **With** 3 Year Experience in Skill/Education Sector

**Age Limit:** 18 to 45 Years (Age relaxation to be provided as per Govt. rules)

**Gross salary 20000/- per month for Vocational Trainers and Rs. 30000/- per month for Vocational Coordinator inclusive of all applicable deduction**

**How to apply :- Eligible candidates can submit applications by scanning QR code or given Google Form Link https://forms.gle/PwMBNmRGRK6iffBk9 from 29-08-2025 to 04-09-2025 till 6 PM. Application accepted on link or QR Code only.**
**For Queries call between 11 AM to 05 PM - +917974047935, +919352849238**

Scan QR for Apply

*Short listed candidates will be intimated within short notice for Interview through email. For more information contact above given number.*
**This is not a Govt. Job Management reserve the rights to accept or reject any application.**


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS